

ହଟିବ ଟିଏମ୍‌ସି, ବିଦାହେବେ ଅନୁପ୍ରବେଶକାରୀ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 278 | ଭାଗ ୩୩ | ସଂଖ୍ୟା ୨୭୮ | Wednesday 31 December 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୩୧ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଚତୁର୍ଦ୍ଦଶ ନିଯୁକ୍ତି ମେଳା: ୧୧ ବିଭାଗରେ ୧୫୪୩ ଜଣଙ୍କୁ ନିଯୁକ୍ତି

# ସୁଶାସନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ତିନି ମନ୍ତ୍ର




**୧୮ ମାସରେ ଭର୍ତ୍ତି ହେଲେଣି ୩୯,୪୫୯**

**ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ ରଖ, ନିଜେ ବି ଦୁର୍ନୀତିମୁକ୍ତ ରୁହ**

**୨୦୩୬ ସୁଦ୍ଧା ୧୦ ଅଲିମ୍ପିଆଡ୍ ସୃଷ୍ଟି କର: ଉପମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ଆମର ଏକ ବିକଶିତ ରାଷ୍ଟ୍ର ଓ ବିକଶିତ ରାଜ୍ୟ ଗଠନର ସଂକଳ୍ପକୁ ସାକାର କରିବାରେ ନିଯୁକ୍ତି ମେଳାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଆମ ସରକାର ଯୁବଶକ୍ତିଙ୍କୁ ନିଯୁକ୍ତି ଦେବା ସହ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ କ୍ରମାଗତ ଭାବେ ଜାରି ରଖିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚତୁର୍ଦ୍ଦଶ ନିଯୁକ୍ତି ମେଳା କାର୍ଯ୍ୟକ୍ରମ ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀମାନଙ୍କୁ ସୁଶାସନର ତିନୋଟି ମନ୍ତ୍ର ଦେଇଛନ୍ତି। ସେ କହିଛନ୍ତି ଯେ ଅଧିକାରୀମାନେ ନିଜର ଦାୟିତ୍ୱ ସମ୍ପାଦନ ସମୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେଲେ ଏକ ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ସ୍ୱପ୍ନ ସାକାର ହୋଇପାରିବ।

ଆଜି ସ୍ଥାନୀୟ ରେଳ ଅଡିଟୋରିଅମଠାରେ ଆୟୋଜିତ ନିଯୁକ୍ତି ମେଳାରେ ୧୧ଟି ବିଭାଗର ସମୁଦାୟ ୧୫୪୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ ଜଣ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ, ୭୪ ଜଣ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷି ସଶକ୍ତିକରଣ ବିଭାଗର ୭୭ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଓ ୩୧୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୬ ଜଣ ଓଡିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଅର୍ଥ ବିଭାଗର ୬୫ ଜଣ ଓଡ଼ିଶା ଟିକସ ଓ ହିସାବ ସେବା ଅଧିକାରୀ ଏବଂ ୫୬ ଜଣ ଓଡ଼ିଶା ଅର୍ଥସେବା ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ ଜଣ ଓଡ଼ିଶା ଶ୍ରମସେବା ଅଧିକାରୀ ଏବଂ ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡ଼ିଶା ସମବାୟ ସେବା ଅଧିକାରୀ ଏବଂ ୩ ଜଣ ଓଡ଼ିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ ଜଣ ଓଡ଼ିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ ଜଣ ଓଡ଼ିଶା ପୁଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୫ ଜଣ ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଜଣେ ଓଡ଼ିଶା କର୍ମ ନିୟୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତିପତ୍ର ପାଇଛନ୍ତି।

ଏହି ଅବସରରେ ନବନିଯୁକ୍ତମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ➪ପୃଷ୍ଠା-୬

# ଆଉ ନାହାନ୍ତି ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ



**୮୦ ବର୍ଷ ବୟସରେ ପରଲୋକ**

**ଶୋକ ପ୍ରକାଶ କଲେ ମୋଦି ଓ ରାହୁଲ୍**

**ଅନ୍ତ୍ୟେଷ୍ଟିରେ ଯୋଗଦେବେ ଜୟଶଙ୍କର**

**ଢାକା,୩୦।୧୨:** ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ବେଗମ୍ ଖାଲିଦା ଜିଆଙ୍କର ଆଜି ସକାଳେ ପରଲୋକ ଘଟିଛି। ସେ ବାଂଲା ନ୍ୟାସନାଲିଷ୍ଟ ପାର୍ଟିର ମୁଖ୍ୟ ଥିଲେ। ଢାକାର ଏଭରକେୟାର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଜି ଭୋର୍ ୬ଟା ସମୟରେ ଇହଲୀଳା ସମ୍ବରଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଗତ କିଛି ଦିନ ଧରି ସେ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ଲିଭର ସିରୋସିସରୁ ଆରମ୍ଭ କରି ଅସ୍ଥିଜନିତ ରୋଗ, ହୃଦ୍‌ଜନିତ ସମସ୍ୟା ଓ ମଧୁମେହ ଯୋଗୁଁ ସେ ନିୟମିତ ଚିକିତ୍ସାରେ ରହିଆସିଥିଲେ। ତାଙ୍କୁ ଗତ ନଭେମ୍ବର ୧୧ ତାରିଖରେ ପ୍ରଥମେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଡିସେମ୍ବର ୧୧ରେ ତାଙ୍କୁ ଭେଣ୍ଟିଲେଟରକୁ ନିଆଯାଇଥିଲା। ଦୁଇ ଦିନ ତଳେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଖାଲିଦାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଥିବା ସୂଚନା ଦେଇଥିଲେ।

୧୯୯୧ରେ ତତ୍କାଳୀନ ରାଷ୍ଟ୍ରପତି ତଥା ଖାଲିଦାଙ୍କ ସ୍ୱାମୀ ଜିଆ-ଉର୍-ରହମାନ୍ ରାଜନୀତିରେ ପ୍ରବେଶ କରିବା ସହ ପରବର୍ତ୍ତୀ ସମୟରେ ଦେଶର ପ୍ରଥମ ମହିଳା ଭାବେ ପ୍ରଧାନମନ୍ତ୍ରୀ ଆସନ ଅଳଂକୃତ କରିଥିଲେ। ➪ପୃଷ୍ଠା-୬

# ଭିଜିଲାନ୍ସ ଜାଲରେ ଯୋଡ଼ା ଜିତେନ୍ଦ୍ର



**ଜଣେ ବାରଙ୍ଗ ତହସିଲର ଏଟି**

**ଆଉ ଜଣେ ବଞ୍ଚୋ ଜିପି ପିଇଓ**

**ବ୍ୟାପକ ସମ୍ପତ୍ତି ଠାବ**

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ଦୁର୍ନୀତିର ବିଲୋପ ପାଇଁ ଯେତେ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଲେ ମଧ ସରକାରୀ ଅଧିକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନଥିବା ଦିନକୁ ଦିନ ସ୍ପଷ୍ଟ ହେଉଛି। କାରଣ ପ୍ରାୟତଃ ପ୍ରତିଦିନ କେହି ନା କେହି ଭିଜିଲାନ୍ସ ଜାଲରେ ଛନ୍ଦି ହେଉଥିବା ନେଇ ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହି କ୍ରମରେ ଆଉ ଦୁଇ ଜଣ ଜିତେନ୍ଦ୍ରଙ୍କୁ ଭିଜିଲାନ୍ସ କାବୁ କରିଛି। ଏହି ଦୁଇ ଅଧିକାରୀଙ୍କ ମଧ୍ୟରୁ ଜଣେ ଅତିରିକ୍ତ ତହସିଲଦାର (ଏଟି) ଭାବେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ଜଣେ ପିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଅତିରିକ୍ତ ତହସିଲଦାରଙ୍କ ନାମ ହେଉଛି ଜିତେନ୍ଦ୍ର କୁମାର ପଣ୍ଡା ଓ ପିଇଓଙ୍କ ନାମ ହେଉଛି ଜିତେନ୍ଦ୍ର କୁମାର ଜେନା। ଉଭୟଙ୍କ ସହ ଜଡ଼ିତ ଏକାଧିକ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିବା ବେଳେ ବ୍ୟାପକ ସମ୍ପତ୍ତି ଠାବ କରାଯାଇଛି। ଶ୍ରୀ ପଣ୍ଡାଙ୍କ ଭୁବନେଶ୍ୱର ବଡ଼ଗଡ଼ ଗୋପାଳୁଣି ନଗର, ବ୍ରିଟ କଲୋନୀ, ଖୋର୍ଦ୍ଧା ଓ ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ଥିବା ଚାମ୍ବରରେ ଚଢ଼ାଉ କରାଯାଇଛି। ଏହି ଚମାଉରେ ୪ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର ଓ ୮ ଜଣ ସବ୍‌ଇନ୍ସପେକ୍ଟର ନିୟୋଜିତ ଅଛନ୍ତି। ଚଢ଼ାଉ ପରେ ତାଙ୍କର ଭୁବନେଶ୍ୱରରେ ୨ଟି ବହୁତଳ ପ୍ରାସାଦ, ଉତ୍ତରାରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ ଓ ଖୋର୍ଦ୍ଧା ଟାଉନରେ ଗୋଟିଏ ବହୁତଳ କୋଠା, ୪ଟି ଉଚ୍ଚ ମୂଲ୍ୟର ପ୍ଲଟ, ୧୦୦ ଗ୍ରାମ ଓଜନର ସୁନା, ନଗଦ ୬ ଲକ୍ଷ ୨୦ ହଜାର ଟଙ୍କା, ଗୋଟିଏ ଚାରିଚକିଆ (କିଆ ସେଲଟୋସ) ଓ ୪ଟି ଦୁଇଚକିଆ ଯାନ ରହିଛି। ଆଗକୁ ଭୁବନେଶ୍ୱରର ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ଶ୍ରୀ ପଣ୍ଡା ଗୋଟିଏ ଲକର୍ ଖୋଲିବାର ଥିଲା ବୋଲି ମଧ ଜଣାପଡ଼ିଛି। ଏଥିସହ ବ୍ୟାଙ୍କ, ପୋଷ୍ଟାଲ ଜମା ଏବଂ ଅନ୍ୟାନ୍ୟ ନିବେଶ ➪ପୃଷ୍ଠା-୬

**ସରକାରୀ କର୍ମଚାରୀଙ୍କୁ ନୂଆବର୍ଷ ଭେଟି**

# ୫% ବଢ଼ିଲା ମହଙ୍ଗା ଭତ୍ତା

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ବର୍ଷ ଭେଟି ଦେଇଛନ୍ତି। ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତାରେ ୫ ପ୍ରତିଶତ ବୃଦ୍ଧି କରାଯାଇଛି। ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ଷଷ୍ଠ କେନ୍ଦ୍ରୀୟ ବେତନ କମିଶନ ସ୍କେଲ ପେ' ଆଧାରରେ ଏହି ବୃଦ୍ଧି କରାଯାଇଥିବା ବେଳେ ଏହା ପିଛିଲା ଭାବେ ଗତ ଜୁଲାଇ ପହିଲାରୁ ଲାଗୁ ହେବ ବୋଲି ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତେବେ ସଦ୍ୟ ବୃଦ୍ଧିକୁ ମିଶାଇ ଚଳିତ ବର୍ଷ ୩ ଥରରେ ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୧୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଗତ ଦୀପାବଳିରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩ ପ୍ରତିଶତ ବୃଦ୍ଧି କରିଥିଲେ। ଏହା ପୂର୍ବରୁ ଚଳିତ ବର୍ଷ ଏପ୍ରିଲ୍‌ରେ ମଧ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଥିଲା।

**କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ**

# ରେଢ଼ାଖୋଲ ସହରରେ ବାଇପାସ୍ ନିର୍ମାଣ ଦାବି



**ଟ୍ରାଫିକ୍ ଜାମ୍‌ର ସ୍ଥାୟୀ ପ୍ରତିକାର ପାଇଁ ଜରୁରୀ**

**ସମ୍ବଲପୁର,୩୦।୧୨(ସଂଚାର ବ୍ୟୁରୋ):** ରେଢ଼ାଖୋଲ ସହରବାସୀଙ୍କ ଦୀର୍ଘଦିନର ଦାବିକୁ ସମ୍ମାନ ଜଣାଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଢ଼ାଖୋଲ ସହର ବାହାରେ ଏକ ବାଇପାସ ନିର୍ମାଣ କରିବା ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖି ନିବେଦନ କରିଛନ୍ତି। ରେଢ଼ାଖୋଲର ବାର୍ ଆସୋସିଏସନ, ଟ୍ରକ ମାଲିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ ଓ ସ୍ଥାନୀୟ ସାମ୍ବାଦିକଙ୍କ ସମର୍ଥନରେ ମିଳିଥିବା ଏକ ପ୍ରତିନିଧି ଦଳର ଆବେଦନ ଆଧାରରେ ଶ୍ରୀ ପ୍ରଧାନ ଏହି ପତ୍ର ଲେଖିଛନ୍ତି। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୫୫ ନମ୍ବର ଜାତୀୟ ରାଜପଥ ଅତ୍ୟନ୍ତ ବ୍ୟସ୍ତବହୁଳ ହୋଇଥିବା ବେଳେ ସହର ମଧ ଦେଇ ଶହ ଶହ ଭାରୀଯାନ ଚଳାଚଳ କରୁଛି। ସହରର ସଂକୀର୍ଣ୍ଣ ରାସ୍ତା ଏହି ଅତ୍ୟଧିକ ଟ୍ରାଫିକ ପାଇଁ ଆଦୌ ଉପଯୁକ୍ତ ନୁହେଁ। ଏହି କାରଣରୁ ପ୍ରତିଦିନ ଭୟଙ୍କର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସହର ମଧ୍ୟରେ ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା ଓ ଭୀମଭୋଇ ଡିଗ୍ରୀ କଲେଜ ପରି ଶିକ୍ଷାନୁଷ୍ଠାନ ଥିବାରୁ ଅଫିସ ସମୟରେ ପ୍ରବଳ ଜନଗହଳି ହେଉଛି। ଭାରୀଯାନ ଚଳାଚଳ ଯୋଗୁଁ ଦୁର୍ଘଟଣା ବଢ଼ିବା ସହ ଛାତ୍ରଛାତ୍ରୀ, ରୋଗୀ ଓ ବରିଷ୍ଠ ନାଗରିକଙ୍କ ଯାତାୟାତରେ ସମସ୍ୟା ମଧ ସୃଷ୍ଟି ହେଉଛି। ରେଢ଼ାଖୋଲ ସହରର ଦ୍ରୁତ ବିକାଶ ଓ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ନୂତନ ବାଇପାସ ନିର୍ମାଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ନିବେଦନ କରିଛନ୍ତି। ଏହି ବାଇପାସ ନିର୍ମାଣ ହେଲେ ରେଢ଼ାଖୋଲ ସହରରେ ଦୁର୍ଘଟଣା ହ୍ରାସ ପାଇବା ସହ ସହରବାସୀ ଏହିସବୁ ସମସ୍ୟାରୁ ମୁକ୍ତ ହୋଇପାରିବେ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି।



**କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

# କାର୍ଯ୍ୟାଳୟକୁ ନୂଆବର୍ଷ ପାଳନସ୍ଥଳୀ କରନି

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ବିଜେପି କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶାସନିକ ସ୍ୱଚ୍ଛତା ଉପରେ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଦିନଟି ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ସାଧାରଣ କାର୍ଯ୍ୟ ଦିବସ ଭାବେ ଚାଲିବ। ତେବେ ତାଙ୍କୁ କିମ୍ବା ତାଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବାକୁ କେହି ବ୍ୟକ୍ତିଗତ ଭାବେ ନ ଆସିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହିଦିନ ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ। ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନର ସ୍ଥଳୀ ନ କରିବାକୁ ପରାମର୍ଶ ଦିଆଯାଇଛି। କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ଛଡ଼ା କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ, ପାର୍ଟି ଆଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସରରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଉଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବ୍ୟବସ୍ଥାକୁ ପ୍ରଦୂଷିତ କଲାଣି ପ୍ରଦୂଷଣ ପ୍ରମାଣପତ୍ର

**ଦୁଇ ବିଭାଗ ନିରବ**

**ସୋସିଆଲ ମିଡିଆରେ ଲୋକଙ୍କ ରାଗ**




**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ଯାନବାହାନର ପ୍ରଦୂଷଣ ପ୍ରମାଣପତ୍ର ପାଇଁ ସରକାର ଜାରି କରିଥିବା ଫତୁଆ ଏବେ ବ୍ୟବସ୍ଥାକୁ ପ୍ରଦୂଷିତ କରିବାରେ ଲାଗିଲାଣି। ପରିବହନର ବିଭାଗ ଏଥିପାଇଁ ଅଣ୍ଟା ଭିଡିଥିବାବେଳେ ପ୍ରଦୂଷଣ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିମ୍ବା ଏହାକୁ ନିୟନ୍ତ୍ରିତ କରୁଥିବା ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଏ କ୍ଷେତ୍ରରେ ନିରବ ରହିବା ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ/ଡିଜେଲ ମିଳିବ ନାହିଁ ବୋଲି ପରିବହନ ବିଭାଗ ଧମକ ଦେଉଥିବା ବେଳେ ତୈଳ ଯୋଗାଣ ଦାୟିତ୍ୱରେ ଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ବି ନିରବ। ଆସନ୍ତା ବର୍ଷ ଜାନୁଆରୀ ଶେଷ ସୁଦ୍ଧା ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଯାନବାହାନକୁ ଫେବୃୟାରୀ ପହିଲାରୁ ଟାଙ୍କିରେ ଆଉ ତେଲ ମିଳିବ ନାହିଁ ବୋଲି ପରିହବନ ବିଭାଗ କହିବାପରେ ରାଜ୍ୟରେ ଏକ ପ୍ରକାର ଧାଁ ଦଉଡ ସ୍ଥିତି ସୃଷ୍ଟି ହୋଇଛି। ପ୍ରଦୂଷଣ ଯାଞ୍ଚ କେନ୍ଦ୍ରକୁ ଗଲାବେଳକୁ ➪ପୃଷ୍ଠା-୬

# ପନିସମେଣ୍ଟ ବଦଳରେ ପ୍ରାଇଜ ପୋଷ୍ଟିଂ




**ସାହେବଙ୍କ ନିୟୁ ଇୟର ଗିଫ୍ଟ**

ପୁରୀ ଶରଧାବାଲି ଦଳାଚକଟା ଘଟଣାର ରିପୋର୍ଟ ଆସିଲା। ୩ ଜଣଙ୍କ ମୃତ୍ୟୁ ଘଟଣାରେ କିଛି ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲା। କିନ୍ତୁ ଏହି କାର୍ଯ୍ୟାନୁଷ୍ଠାନ ବୋଧହୁଏ କେବଳ ଲୋକଦେଖାଣିଆ ଭାବେ କରାଗଲା। କାରଣ ନିଲମ୍ବିତ ଅଧିକାରୀଙ୍କୁ ପନିସମେଣ୍ଟ ବଦଳରେ ପ୍ରାଇଜ ପୋଷ୍ଟିଂ ମିଳିଲା। ପୁରୀରୁ ଆଣି ରାଜଧାନୀରେରେ ଥଇଥାନ କରାଗଲା। ଏଭଳି ଏକ ଘଟଣା ଏବେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କମିଶନରେଟ ପୁଲିସକୁ ବଦଳି ପରେ ଏବେ ବର୍ଦ୍ଦି ମହଲରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ସାହେବଙ୍କ ଲବି ଆଗରେ ସଭିଙ୍କ ମୁହଁ ବନ୍ଦ ରହିଛି। ଜଣେ ଆଇପିଏସ ଏହି ବାବୁଙ୍କ ପାଇଁ ଡିଜିଙ୍କ ପାଖରେ ଗୁହାରି କରି କୁଆଡେ ତାଙ୍କୁ ଭୁବନେଶ୍ୱରକୁ ବଦଳି କରାଇଛନ୍ତି। ଅନ୍ୟ ଜିଲ୍ଲାରେ ଦୁହେଁ ଏକା ସଙ୍ଗେ କାମ କରୁଥିବା ବେଳେ ଦୁହିଁଙ୍କ ଭିତରେ ବେଶ ଘନିଷ୍ଠତା ରହିଛି। ଏକଦା ସାହେବଙ୍କ ବେଶ ଖାସ ଥିଲେ ଏହି ଅଫିସର ଜଣଙ୍କ। ତେଣୁ ପୁରୁଣା ସ୍ମୃତିକୁ ପୁଣି ଥରେ ତାଜା କରିବା ପାଇଁ କୁଆଡ଼େ ପୁରୀରୁ ତାଙ୍କୁ ଭୁବନେଶ୍ୱର ବଦଳି କରିଛନ୍ତି ସାହେବ ଜଣଙ୍କ। ବଦଳି ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ବଡ଼ କଥା ହେଉଛି, ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବଳବତ୍ତର ଥିଲା ସମୟରେ ଜଣେ ଅଫିସରଙ୍କ କିଭଳି ବଦଳି ହେଲା, ତାକୁ ନେଇ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନବାଚୀ।



**କାନ ଡେରିଥା**

ଟେନସନ ଦେଲାଣି
ଗାଡ଼ି ପଲ୍ୟୁସନ
ଲାଗୁଛି ଲମ୍ବା ଲାଇନ
ସରକାରୀ ଗାଡ଼ି ପଲ୍ୟୁସନ ନାହିଁ
ତାଙ୍କୁ ଯେ ନାହିଁ ଫାଇନ
ଚାଳକଟି କାନ୍ଦିଲାଣି...
ପୂର୍ବ ଚାଲାଣ ଯିଏ କାଟିନାହିଁ
ସିଏ ଶିତେ ଥରିଲେଣି

■ ଦେବାଶିଷ

# ୨୦୨୬: କଡ଼ ଲେଉଟାଇବ ଓଡ଼ିଶା ରାଜନୀତି



**ଅନେକ ଭାଗ ଓ ଭବିଷ୍ୟତର କରିବ ନିର୍ଦ୍ଧାରଣ**

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ୨୦୨୬ରେ ଓଡ଼ିଶା ରାଜନୀତି କଡ଼ ଲେଉଟାଇବ। ରାଜବାସୀ ରାଜ୍ୟ ରାଜନୀତିରେ ନୂଆ ନୂଆ ଦୃଶ୍ୟ ଦେଖିବାକୁ ପାଇବେ। ବିଗତ ୨୫ ବର୍ଷର ବିଜେଡି ଶାସନ ଓ ଦେଢ଼ ବର୍ଷର ବିଜେପି ଶାସନ ଉପରେ ନଜର ରଖୁଥିବା ଲୋକଙ୍କ ପାଇଁ ୨୦୨୬ରେ ରାଜନୀତି ଭିନ୍ନ ରୂପରେ ଆସିବ ବୋଲି ଏବେଠାରୁ ଆକଳନ କରାଗଲାଣି।

ରାଜ୍ୟ ଶାସନରେ ଲଗାତାର ୯ ବର୍ଷ ବିଜେପି ସହିତ ମିଳିମିଶି ଶାସନ କରିଥିବା ଓ ଅବଶିଷ୍ଟ ୧୬ବର୍ଷ ଏକାକୀ ଶାସନ କରିଥିବା ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ସରକାରକୁ ରାଜ୍ୟବାସୀ ଦେଖିବା ପରେ ଏକ ଭିନ୍ନ ସ୍ୱାଦ ପାଇଁ ବିଜେପିକୁ ରାଜ୍ୟରେ ସରକାର ଗଠନ କରିବାର ସୁଯୋଗ ଦେଇଛନ୍ତି। ତେବେ ଦୀର୍ଘଦିନ ପରେ ରାଜ୍ୟରେ ନବୀନଙ୍କ ନେତୃତ୍ୱରେ ଶକ୍ତ ବିରୋଧୀଦଳ ଗଠନ ହୋଇଛି। ୧୪୭ ଆସନ ବିଶିଷ୍ଟ ବିଧାନସଭାରେ ୫୦ ଜଣ ହେଉଛନ୍ତି ବିଜେଡି ସଦସ୍ୟ। ତେଣୁ ବିରୋଧୀ ଦଳ ଭାବେ ନବୀନଙ୍କଠାରୁ ରାଜ୍ୟବାସୀ ଢେର କିଛି ଆଶା କରିବା ସ୍ୱାଭାବିକ। ହେଲେ ବିରୋଧୀ ଦଳରେ ବସିବାର ୧୮ ମାସ ପରେ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣରେ ନବୀନ ସେଭଳି ସଫଳ ହୋଇଥିବା ରାଜ୍ୟବାସୀ ଅନୁଭବ କରିପାରୁନାହାନ୍ତି। କୌଣସି ଗୋଟିଏ ହେଲେ ପ୍ରସଙ୍ଗରେ ସରକାରଙ୍କୁ ଆଖିଦୃଶିଆ ବିରୋଧ କରିପାରିନାହିଁ ବିଜେଡି। ବିଧାନସଭା ଭିତରେ ଓ ବାହାରେ ସମାନ ସ୍ଥିତି। ଗୋଟିଏ ଦୁଇଟି ହାତଗଣତି ପ୍ରସଙ୍ଗରେ ଲୋକଦେଖାଣିଆ ଭାବେ ରାସ୍ତାକୁ ଆସି ପୁଣି ତାକୁ ଦଳ ଭୁଲିଯାଇଛି। ରାଜ୍ୟର ନୂଆ ସରକାର ଧିରେ ଧିରେ ତା'ର ପାଦ ସଶକ୍ତ କରିବାର ଏହା ଅନ୍ୟତମ କାରଣ ବୋଲି ରାଜନୈତିକ ମହଲରେ ଆଲୋଚନା ଚାଲିଛି।

କେବଳ ସରକାରଙ୍କୁ ବିରୋଧ ନୁହେଁ, ନିଜ ଦଳକୁ ମଜବୁତ କରିବାରେ ବି ନବୀନ ସକ୍ଷମ ହୋଇପାରୁ ନାହାନ୍ତି। ବିରୋଧିଦଳ ନେତା ହିସାବରେ ପ୍ରଥମଥର କରି ନୂଆପଡ଼ା ଉପନିର୍ବାଚନକୁ ସାମ୍ନା କରିଥିଲେ ମଧ ନିଜଦଳର ଏହି ଆସନକୁ ବଞ୍ଚାଇବାରେ ସଫଳ ହୋଇନାହାନ୍ତି। ବିଜେଡି ଏଠାରେ ଅତ୍ୟନ୍ତ ଲଜ୍ଜାଜନକ ଭାବେ ତୃତୀୟ ସ୍ଥାନରେ ରହି ପରାଜୟ ବରଣ କରିଛି। ଏହା ପରଠାରୁ ଦଳ ଭିତରେ ଦାୟିତ୍ୱ ହସ୍ତାନ୍ତରକୁ ନେଇ ମହାଭାରତ ଆରମ୍ଭ ହୋଇଛି। ➪ପୃଷ୍ଠା-୬

SANCHAR ସଂଚାର

# ଗରଦପୁର ତହସିଲ ଅଞ୍ଚଳରେ ବେଆଇନ୍ ଇଟାଭାଟି

## ଖଟୁଛନ୍ତି ବାହାର ରାଜ୍ୟର ଶିଶୁ ଶ୍ରମିକ

## ସମସରା ଓ ଜଗଦଳପୁର ନଦୀ ପଠାରେ ଚାଲୁଛି ଏକାଧିକ ଇଟାଭାଟି



**ଗରଦପୁର,୩୦।୧୨ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ୍ ଅଧୀନ ବିଭିନ୍ନ ଇଲାକାରେ ବେଆଇନ୍ ମାଟି ଇଟା ଭାଟି ଗଢ଼ି ଉଠିଲାଣି। କେଉଁଠି ତୋଟା ତ ଆଉ କେଉଁଠି ବିଲ ନିକଟରେ ଭାଟି ନିର୍ମାଣ ହେଉଥିବା ବେଳେ ଇଟା ପୋଡ଼ା ଯାଉଛି। ସମସରା, ପାଟକୁରା, ହରିଦାସପୁର, କଳାବୁଦା, କୋରୁଆ ଓ ଭଗବାନପୁର ଭଳି ଅଞ୍ଚଳରେ ଦେଖିବାକୁ ମିଳୁଛି ଶତାଧିକ ବେଆଇନ ମାଟି ଇଟା ଭାଟି। ପାଟକୁରା ଜଗଦଳପୁର ଏବଂ ସମସରା ଗ୍ରାମରେ ନିକଟରେ ଥିବା ନଦୀ ପଠା ମଧରେ ହିଁ ଏକାଧିକ ଇଟା ଭାଟି ଗଢ଼ି ଉଠିଛି। ଏହି ଇଟା କାର୍ଯ୍ୟରେ ଶିଶୁ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଏନେଇ କେହି ଯଦି ପ୍ରଶ୍ନ ଉଠାଉଛନ୍ତି ତେବେ ମାଫିଆ ମାନେ ସେମାନଙ୍କୁ ନାଲି ଆଖି ଦେଖାଉଥିବା ଅଭିଯୋଗ ହେଉଛି ।

ତେବେ ବର୍ଷ ବର୍ଷ ଧରି ମାଫିଆମାନେ ଏଭଳି ଭାଟି ଚଳାଇ ଆସୁଛନ୍ତି। ଏମାନଙ୍କ ପାଖରେ କୌଣସି ଅନୁମତି ପତ୍ର କି, ଆଇନଗତ ପ୍ରମାଣପତ୍ର ନାହିଁ। କିନ୍ତୁ ଦୁଃଖର କଥା ହେଲା, ପ୍ରଶାସନ ଜାଣି ବି ଅଜଣା ପାଲଟିଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ତ ଦୂରର କଥା, ବ୍ଲକ୍‌ର ବିଭିନ୍ନ ଇଲାକାରେ କେତେ ଇଟା ଭାଟି ଅଛି ଏନେଇ କୌଣସି ସୂଚନା ନାହିଁ। ସବୁଠୁ ଉଦବେଗର ବିଷୟ ହେଲା, ମାଟି ଇଟା ଭାଟିକୁ ଗ୍ରୀନ୍ ଟ୍ରିବ୍ୟୁନାଲ୍ ବେଆଇନ୍ ଘୋଷଣା କରିଥିଲେ ହେଁ, ଏହାର ପ୍ରଭାବ ପଡ଼ିନି। ଇଟା ପୋଡ଼ିବା ଲାଗି କାଠ, କୋଇଲା ଓ ଟସୁ ବ୍ୟବହାର କରାଯାଉଛି। ଫଳରେ ପରିବେଶ ପ୍ରଦୂଷଣ ହେବା ସାଙ୍ଗକୁ ଜନସାଧାରଣ ଅଣନିଃଶ୍ୱାସୀ ପାଲଟିଛନ୍ତି। ବିଶେଷକରି ପ୍ରତି ବର୍ଷ ନଭେମ୍ବରରୁ ମେ' ମାସ ପର୍ଯ୍ୟନ୍ତ ସ୍ଥିତି ଶୋଚନୀୟ ପାଲଟୁଛି।

ତେବେ ଆସ୍‌ପଣ୍ଡ୍ ସିମେଣ୍ଟ୍ ଇଟା ମୂଲ୍ୟଠୁ ମାଟି ଇଟା କମ୍ ରହୁଥିବାରୁ ଏହାର ବହୁଳ ମାତ୍ରାରେ ବ୍ୟବହାର ହେଉଛି। ଆଉ ଏହାକୁ ବିକି ମାଫିଆ ମାଲାମାଲ୍ ହେଉଛନ୍ତି। ଏଥିରେ ବାହାର ରାଜ୍ୟର ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ହିଟାଚିରେ ମାଟି ଖୋଳାଯିବା ସହ କାଠ ଓ ନଦୀର ବାଲି ବ୍ୟବହାର ହେଉଛି। ଧୂଆଁରେ ଦିନ ବେଳା କୁହୁଡ଼ିର ଭ୍ରମ ସୃଷ୍ଟି ହେବା ସହ ପରିବେଶ ପ୍ରଦୂଷିତ ହେଉଛି।

ଖାଲି ଏତିକି ନୁହେଁ, ରାଜସ୍ୱ କର୍ମଚାରୀଙ୍କ ସହ ସଲାସୁତ୍ରରେ ଇଟାଭାଟି ଚାଲୁଥିବା ଅଭିଯୋଗ ହୋଇଛି। କେବଳ ଉପରଦେଖାଣିଆ ଚଢ଼ଉ କରି ଅଧିକାରୀ ମାନେ ରସିଦ୍ କାଟି ଦେଇ ନିରବଦ୍ରଷ୍ଟା ପାଲଟିଛନ୍ତି।

## ସାମ୍ବାଦିକଙ୍କ ସହ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଆଲୋଚନା



**କେନ୍ଦ୍ରାପଡ଼ା,୩୦।୧୨(ସଂଚାର ବ୍ୟୁରୋ):** ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ସମସ୍ତ ଛାପା ଏବଂ ବୈଦ୍ୟୁତିକ ଗଣମାଧମ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲାରେ ଜିଲ୍ଲାଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଓସ୍ୱାସ ଫାଇଲ କାର୍ଯ୍ୟ, ନଭେମ୍ବର ମାସରୁ ଆରମ୍ଭ ହୋଇଥିବା ରାଜସ୍ୱ ଜନଅଭିଯୋଗ ଶୁଣାଣି ଶିବିର ଛଡା ପ୍ରତ୍ୟେକ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଏବଂ ପୂର୍ବରୁ ଅଭିଯୋଗ ଶୁଣାଣି ଶିବିରରେ ଆସିଥିବା ଅଭିଯୋଗ ଗୁଡିକର ସମୀକ୍ଷା ସହ ୧ ତାରିଖରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭୦ଟି ନୂତନ ଶଯ୍ୟା ଆରମ୍ଭ କରାଯାଉଥିବା ଜିଲ୍ଲାପାଳ କହିଛନ୍ତି। ଏହାଛଡା ଏମଏସଏମଇ ପାର୍କ ନିର୍ମାଣ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ଏତଦ୍‌ବ୍ୟତୀତ ସାମ୍ବାଦିକମାନେ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ରାସ୍ତା, ଜଳସେଚନ, ପାନୀୟ ଜଳ, ଟ୍ରାଫିକ ସମସ୍ୟା, ଭୂତଳ ଜଳ, ରାସ୍ତା ପ୍ରଶକ୍ତିକରଣ, ବେଆଇନ ପାର୍କିଂ, ଦାଦନ ସମସ୍ୟା ସମେତ ସାମ୍ବାଦିକଙ୍କ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଗୃହ ଯୋଗାଇଦେବା ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏହି ସାକ୍ଷାତକାର କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ଉପସ୍ଥିତ ଥିଲେ ।

## ସାଇବର ସୁରକ୍ଷା ନେଇ ସଚେତନ କାର୍ଯ୍ୟକ୍ରମ

● ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ




**ମାର୍ଶାଘାଇ,୩୦।୧୨(ସଂଚାର ବ୍ୟୁରୋ):** ଡିଜିଟାଲ ଯୁଗରେ ସାଇବର ଠକେଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶିକ୍ଷିତ ଯୁବପିଢି ଠୁ ଆରମ୍ଭ କରି ସାଧାରଣ ବ୍ୟକ୍ତି ମଧ ଏହି ଠକେଇର ଶିକାର ହେଉଛନ୍ତି । ଏହି ସାଇବର ଠକେଇରୁ ଦୂରେଇ ରହିବା ପାଇଁ ଆଜି ମାର୍ଶାଘାଇ ବ୍ଲକ ତଥା ପାଟକୁରା ଥାନା ଅଧୀନରେ ଥିବା ବଛରାଇ ପଂଚାୟତରେ ଏକ ସାଇବର ସୁରକ୍ଷା ଜାଗରଣ ଶିବିର ଆୟୋଜିତ ହୋଇଯାଇଛି। ତୁଳସୀ କ୍ଷେତ୍ର ସେନା ଏବଂ ଯଶୀ ପ୍ରଡକ୍ସନର ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ଅନଲାଇନ୍ ଠକେଇ, ଫିଶିଙ୍ଗ୍ ଆଟାକ୍ ଏବଂ ଡିପ୍‌ଫେକ୍ ଏଆଇ ଭିଡିଓର ବିପଦ ବାବଦରେ ବିସ୍ତୃତ ସୂଚନା ଦିଆଯାଇଛି। ଏହା ସହିତ ଶୀତଳ ମୌସୁମରେ ଗରିବମାନଙ୍କୁ କମ୍ବଳ ବଣ୍ଟନ ମଧ କରାଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ପାଟକୁରା ଥାନାର ଭାରାପ୍ରାପ୍ତ ଅଧିକାରୀ ଏମଡି ଜମଶେଦ ଖାନ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ମେଜର ଭରତ ଜେନା, ଯଶୀ ପ୍ରଡକ୍ସନର ପ୍ରଯୋଜିକା କେ.ଡି. କଲ୍ୟାଣୀ ଏବଂ ତୁଳସୀ କ୍ଷେତ୍ର ସେନାର ସଭାପତି ସୌମ୍ୟ ରଞ୍ଜନ ଦାଶ ଉପସ୍ଥିତ ଥିଲେ। ଅତିଥିମାନେ ଗ୍ରାମବାସୀଙ୍କୁ ସାଇବର ସୁରକ୍ଷାର ଉପାୟ ଏବଂ ଏଆଇ ଭିଡିଓର ଦୁର୍ବ୍ୟବହାରର ପରିଣାମ ବିଷୟରେ ଆଲୋଚନା କରି ସଚେତନ କରିଥିଲେ। ଆଇଆଇସି ଶ୍ରୀ ଖାନ୍ କହିଥିଲେ ଆଜିକାଲି ଅନଲାଇନ୍ ଠକେଇର ସଂଖ୍ୟା ବଢ଼ୁଥିବାରୁ ସବୁବେଳେ ସତର୍କ ରହିବା ଆବଶ୍ୟକ। ଏହି ଶିବିର ମାଧମରେ ଗ୍ରାମାଞ୍ଚଳର ୧୦୦ରୁ ଅଧିକ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିବା ବେଳେ ଗ୍ରାମାଞ୍ଚଳରେ ଏଭଳି ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

## ଚାଟେଶ୍ୱର ପ୍ରାଥମିକ ସେବା ସମବାୟ ସମିତିରେ ଅନିୟମିତତା

# ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପ୍ରତିଶୃତି ଦେଲେ ଜିଲ୍ଲାପାଳ

**ସାଲେପୁର,୩୦।୧୨ (ସଂଚାର ବ୍ୟୁରୋ):** ଚାଟେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ହୋଇଥିବା ବିଭିନ୍ନ ଅନିୟମିତତା କୁ ନେଇ ଚାଷୀମାନଙ୍କ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଚାଷୀମାନେ ଜିଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ସମବାୟ ସମିତିର ଡାଟାଏଣ୍ଟ୍ରି ଅପରେଟର ଚନ୍ଦନ କୁମାର ବେହେରା ସମବାୟ ସମିତିରେ ବ୍ୟାପକ ଅର୍ଥ ହେର ଫେର କରିବା ସହ ସମବାୟ ସମିତି କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ମୁସୁଧା



ଚଳାଇଥିବା ନେଇ ସ୍ଥାନୀୟ ଅଂଚଳର ଚାଷୀମାନେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ପଂହଁଚି ଲିଖିତ ଅଭିଯୋଗ କରିଥିଲେ। ଏହି ସମବାୟ ସମିତିର ସମ୍ପାଦକ ଗୁରୁତର ଅସୁସ୍ଥ ଥିବାରୁ ଦୀର୍ଘଦିନ ହେବ କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ ଏହାର ସୁଯୋଗ ନେଇ ଡାଟା ଏଣ୍ଟ୍ରି ଅପରେଟର ଚନ୍ଦନ କୁମାର ବେହେରା ସମବାୟ ସମିତିରେ ବ୍ୟାପକ ଅର୍ଥ ହେରଫେର, ସାର କଳାବଜାରୀ, ଋଣରେ ଦୁର୍ନୀତି ଓ ରାଜନୈତିକ ଚାପ ପକାଇ ଚାଷୀମାନଙ୍କ ଅଗୋଚରରେ ସମବାୟ ସମିତି କାର୍ଯ୍ୟାଳୟକୁ ଅନ୍ୟତ୍ର ଉଠାଇ ନେବା ପାଇଁ ମସୁଧା ଚଳାଇଥିବା ନେଇ ଚାଷୀମାନେ ଆଜି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗକୁ ଗୁରୁତ୍ୱର ସହିତ ନେଇ ଆସନ୍ତା ଦୁଇ ଦିନ ମଧରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବ ସହ ସମବାୟ ସମିତି ସମସ୍ତ କାର୍ଯ୍ୟ ପରିଚାଳନା ନିମନ୍ତେ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶୃତ ଦେଇଥିଲେ।

## ଡେରାବିଶ ହିନ୍ଦୁ ସମାଜ ସଂଗଠନ ପକ୍ଷରୁ ଥାନାରେ ଅଭିଯୋଗ



**କେନ୍ଦ୍ରାପଡା, ୩୦।୧୨ (ସଂଚାର ବ୍ୟୁରୋ):** ଡେରାବିଶ ସରକାରୀ କାର୍ଯ୍ୟକ୍ରମରେ ଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ସମ୍ମୁଖରେ ଜଣେ ମୁସଲିମ ସମ୍ପ୍ରଦାୟର ମୌଲବୀଙ୍କ ଦ୍ୱାରା ଧର୍ମାବଲମ୍ବୀ ଓ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚିଥିବା ବିଷୟରେ ଥାନାରେ ଅଭିଯୋଗ ହୋଇଛି । ଗତ ତା ୨୫/୧୨/୨୦୨୫ ରିଖରେ ଡେରାବିଶ ତହସିଲଦାର ଓ ଜନପ୍ରତିନିଧିମାନେ ଉପସ୍ଥିତ ରହି ଶ୍ରୀଜଗନ୍ନାଥ ତରଫରୁ ଜୋତା ପିନ୍ଧିଥିବା ଅବସ୍ଥାରେ କଲମା ପାଠକରି ସରକାରଙ୍କ ହିନ୍ଦୁମାନଙ୍କର ସର୍ବୋଚ୍ଚ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନ ପ୍ରେମୀ ଶ୍ରଦ୍ଧାଳୁ ମାନଙ୍କର ଧର୍ମୀୟ ଭାବନାକୁ ଗଭୀରରୁ ଗଭୀର ଆଘାତ ଦେଇଅଛି । ଏହି ଘଟଣା ସମ୍ବନ୍ଧୀୟ ଭିଡିଓ ଓ ସମ୍ବାଦ ମାଧମର ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ନିରପେକ୍ଷ ଓ ସଠିକ୍ ତଦନ୍ତ କରାଯାଇ ଭବିଷ୍ୟତରେ ସରକାରୀ କାର୍ଯ୍ୟକ୍ରମରେ ଏପରି ଘଟଣା ପୁନରାବୃତ୍ତି ନହୁଏ ସେନେଇ ଏକ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଦାବି ହୋଇଛି।

# ବାଲାଂଦେଶରେ ନିରୀହ ହିନ୍ଦୁମାନଙ୍କୁ ହତ୍ୟା ପ୍ରତିବାଦରେ ବଳଦେବ ସେନାର ବିକ୍ଷୋଭ ପ୍ରଦର୍ଶନ



**କେନ୍ଦ୍ରାପଡ଼ା,୩୦।୧୨(ସଂଚାର ବ୍ୟୁରୋ):** ବାଂଲାଦେଶରେ ନିରୀହ ହିନ୍ଦୁମାନଙ୍କୁ ନିର୍ମମ ହତ୍ୟା ଘଟଣାର ପ୍ରତିବାଦରେ ବଳଦେବସେନା ପକ୍ଷରୁ ମଙ୍ଗଳବାର ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ସିଂହଦ୍ୱାର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭରେ ସଂଗଠନର ବହୁ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଯୋଗ ଦେଇଥିଲେ। ବାଂଲାଦେଶରେ ଅଳ୍ପ ସଂଖ୍ୟକ ହିନ୍ଦୁ ସମୁଦାୟଙ୍କ ସୁରକ୍ଷା ତତ୍କାଳ ନିଶ୍ଚିତ କରାଯାଉ ବୋଲି ଦାବି କରିଥିଲେ। କୌଣସି ଦେଶରେ ଧର୍ମ ଆଧାରରେ ନିରୀହ ଲୋକଙ୍କ ଉପରେ ହିଂସା କେବେ ମଧ ଗ୍ରହଣଯୋଗ୍ୟ ନୁହେଁ। ଯେପରି ଭାବେ ବାଂଲାଦେଶୀ ନାଗରିକ ଦିପୁ ଚନ୍ଦ୍ର ଦାସଙ୍କୁ ଗଛରେ ଝୁଲାଇ ଜୀବନ୍ତ ଦଗ୍ଧ କରାଯାଇଥିବା ଘଟଣା ଘଟିଥିଲା ତାହା ଅତ୍ୟନ୍ତ ହୃଦୟବିଦାରକ। ଏହି ଘଟଣା ସମଗ୍ର ହିନ୍ଦୁ ସମାଜକୁ ବିଚଳିତ କରିଛି । ଦୀର୍ଘ ସମୟ ବିତି ଯାଇଥିଲେ ମଧ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଭାରତ ସରକାର ତୁରନ୍ତ ବାଂଲାଦେଶରେ ନିର୍ଯାତିତ ହିନ୍ଦୁମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହିତ ଆବଶ୍ୟକ ହେଲେ ସେମାନଙ୍କୁ ଭାରତରେ ଶରଣାର୍ଥୀ ଭାବେ ରହିବାର ଅନୁମତି ଦିଅନ୍ତୁ ବୋଲି ସେନା ପକ୍ଷରୁ ଦାବି କରାଯାଇଛି।

ଏହା ସହ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଓ ରାଜନଗର ବ୍ଲକରେ ଅବୈଧ ଭାବେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ଜବରଦଖଲ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା, ୩୦।୧୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ତହସିଲ ଅନ୍ତର୍ଗତ ବଡତୋଟା ଛପାଲି ଗ୍ରାମରେ ସର୍ବସାଧାରଣ ଜାଗାକୁ ଜବରଦଖଲ କରିବା ସହିତ ସର୍ବସାଧାରଣ ପାଇଁ ଥିବା ନଳକୂପ ଭାଙ୍ଗି ସର୍ବସାଧାରଣ ଜାଗାକୁ ଜବରଦଖଲ କରିଥିବା ବିରୁଦ୍ଧରେ ଆଜି ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କୁ ଅଭିଯୋଗ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଅଭିଯୋଗ ମୁତାବକ ଗ୍ରାମରେ ଏକ ଅନାବାଦୀ ଜାଗା ଖାତା ନମ୍ବର ୫୭୫ ପ୍ଲଟ ନମ୍ବର ୪୬୨ ଏବଂ ୧୫ ଡିସମାଲ ପତିତ କିସମ ଜାଗାରେ ଏକ ସର୍ବ ସାଧାରଣ ନଳକୂପ ସହିତ ଏକ ଘର ଏବଂ ସର୍ବସାଧାରଣ ଚଳିବା ପାଇଁ ଜାଗା ଥିଲା । କିନ୍ତୁ ଗ୍ରାମର କିଛି ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ସର୍ବସାଧାରଣ ପାଇଁ ଥିବା ନଳକୂପ ଭାଙ୍ଗି ସମସ୍ତ ଜାଗାକୁ ବ୍ୟକ୍ତିଗତ ଜବରଦଖଲ କରିଛନ୍ତି। ସର୍ବସାଧାରଣ ଜାଗାକୁ ଜବରଦଖଲ ମୁକ୍ତ କରିବାକୁ ପ୍ରାକ୍ତନ ତହସିଲଦାରଙ୍କୁ ଦରଖାସ୍ତ କରିବାରେ ତହସିଲଦାର ଡିମାରକେସନ୍ କରାଇ ସମସ୍ତ ଜାଗାକୁ ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଜବରଦଖଲକାରୀ ସର୍ବସାଧାରଣ ଜାଗା ଛାଡ଼ିଲେ ନାହିଁ । ପରେ ତହସିଲଦାର ସେମାନଙ୍କୁ କ, ଖ, ଓ ଗ ନୋଟିସ ମାଧମରେ ଏଭିକ୍ସନ ପାଇଁ ନିର୍ଦ୍ଦେଶ ନାମା ଜାରି କରିଥିଲେ ସୁଦ୍ଧା ଜବରଦଖଲକାରୀ ତହସିଲଦାରଙ୍କ ନିର୍ଦ୍ଦେଶ କୁ ବେଖାତିର କରି ଜବରଦଖଲ ହଟାଇ ନାହାନ୍ତି ତେଣୁ ସମସ୍ତ ଜବରଦଖଲକାରୀଙ୍କୁ ଜବରଦଖଲ ହଟାଇବାକୁ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି ସ୍ଥାନୀୟ ସମାଜସେବୀ ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା




**କେନ୍ଦ୍ରାପଡା,୩୦।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ତୁଳସୀ ମହିଳା ମହାବିଦ୍ୟାଳୟ ର ୩୨ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ବ୍ୟାପୀ ଆୟୋଜିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧକ୍ଷ ଡ଼ ମଥୁରି ଚରଣ ନାୟକ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ଡ଼ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ପର୍ବରେ ଉଚ୍ଚଶିକ୍ଷା ବିଭାଗ, ଭୁବନେଶ୍ୱରର ପ୍ରାକ୍ତନ ଆଂଚଳିକ ନିର୍ଦ୍ଦେଶକ ରଞ୍ଜିତ୍ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ କ୍ରୀଡାର ମୌଳିକ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଚମ୍ପିଆନ୍ ଓ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ସବିତା ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କ୍ରୀଡା ପ୍ରଶିକ୍ଷିକା ସଂଯୁକ୍ତା ମହାନ୍ତି କ୍ରୀଡା ସମ୍ପର୍କିତ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ କ୍ରୀଡା ଉପ ସଭାପତି ଟିକେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୧୬୪ ଅଭିଯୋଗ

**ସାଲେପୁର,୩୦।୧୨ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କର ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବ୍ଲକର ୩୫ଟି ପଞ୍ଚାୟତ ସମେତ ପଡୋଶୀ ମାହାଙ୍ଗା ଓ ନିଶ୍ଚିତକୋଇଲି ବ୍ଲକ୍‌ର ବହୁ ଜନସାଧାରଣ ଆପତୀ ଅଭିଯୋଗ




କରିଥିଲେ। ଏଥିରେ ମୋଟ ବିଭିନ୍ନ ସମସ୍ୟା ନେଇ ୧୬୪ ଜଣ ନାମ ପଞ୍ଜିକରଣ କରିଥିବା ବେଳେ ବ୍ୟକ୍ତିଗତ ୧୨୮ ଓ ସାମୁହିକ ୩୬ଟି ନାମ ପଞ୍ଜିକରଣ କରିଥିଲେ। ଏଥିମଧ୍ୟରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଅଭିଯୋଗ ପତ୍ର ଗ୍ରହଣ କରିଯାଇଥିବା ବେଳେ ଅଧିକାଂଶ ଆବେଦନ ମଧରୁ ବାର୍ଦ୍ଧକ୍ୟ ଭତ୍ତା ଓ ରାସନ କାର୍ଡ ସମ୍ବଧୀୟ ଅଭିଯୋଗ କରାଯାଇଥିଲା।

କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଆପତ୍ତି ଅଭିଯୋଗ ଗ୍ରହଣ କରି ସମସ୍ତ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ସହ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ବିଶେଷ କରି ସାଲେପୁର ଅଞ୍ଚଳରେ ବହୁ ମାତ୍ରାରେ ସରକାରୀ ଜମି ଜବର ଦଖଲକାରୀ ମାନଙ୍କ କବ୍ଜାରେ ରହି ଅଛି । ତେଣୁ ପର୍ଯ୍ୟାୟ କ୍ରମେ ଜବର ଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରକାଶ କରିଥିଲେ । ସହି ପରି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଥିବା ଶିଶୁଆ - ମାଢ଼ଙ୍ଗା ରାସ୍ତା ଦୁଇ ମାସ ମଧରେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରକାଶ କରିଥିଲେ।

ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ କଟକ ଗ୍ରାମାଞ୍ଚଳ ଏସପି ବିନତି ଅଗ୍ରୱାଲ,କଟକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ,ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ସିଡିପିଓ ସୌଦାମିନୀ ପଣ୍ଡା କାର୍ଯ୍ୟକାରୀ ନିର୍ବାହୀ ଉପ ଅରକ୍ଷୀ ଅଧିକ୍ଷକ ଅଜୟ କୁମାର ଦାସ,ସାଲେପୁର ଥାନା ଭାରପ୍ରାପ୍ତ ଅଧିକାରୀ ଅନିତା ସାହୁ ଙ୍କ ସମେତ ସାଲେପୁର ଅଞ୍ଚଳର ସମସ୍ତ ପ୍ରସାଶନିକ ଅଧିକରୀମାନେ ଉପସ୍ଥିତ ଥିଲେ ।

## ଭଜନ ସମ୍ରାଟ ଭିକାରୀ ବଳଙ୍କ ଧର୍ମପତ୍ନୀଙ୍କ ବିୟୋଗରେ ଶୋକସଭା

**କେନ୍ଦ୍ରାପଡ଼ା,୩୦।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀ ତରଫରୁ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ଧର୍ମପତ୍ନୀ ଉଷାରାଣୀ ବଳଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।



ସ୍ୱର୍ଗତା ଉଷାରାଣୀ ବାରୋ ଗ୍ରାମର ଉପେନ୍ଦ୍ର ପରିଡାଙ୍କ କନିଷ୍ଠା କନ୍ୟା ଥିଲେ। ଗାଙ୍ଗପଡା ଗ୍ରାମ ପଞ୍ଚାୟତର ସୋବଳାଗ୍ରାମର ଭିକାରୀ ବଳଙ୍କୁ ସେ ବିବାହ କରିଥିଲେ। ଭଜନ ସମ୍ରାଟଙ୍କ ସଙ୍ଗୀତମୟ ଜୀବନରେ ଉଷାରାଣୀଙ୍କ ସହଯୋଗ ଅତୁଳନୀୟ ଥିଲା। ତାଙ୍କର ଦାଦା ପୁଅ ଭାଇ ବିମଳ ପ୍ରସାଦ ପରିଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଭାବଗ୍ରାହୀ କଳା ନିକେତନକୁ ସେ ଖୁବ ଭଲ ପାଉଥିଲେ। ତାଙ୍କର ଦେହାନ୍ତ ଖବରପାଇ ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ସଭାରେ ଯୋଗ ଦେଇ ଗଭୀର ଶୋକ ପ୍ରକାଶ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଆରମ୍ଭରେ ଉଷାରାଣୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ ପରେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିମଳ ପରିଡା ସ୍ମୃତି ଚାରଣ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଉଷାରାଣୀଙ୍କୁ ଜଣେ ଧର୍ମପ୍ରାଣା, ଅତିଥି ବତ୍ସଳା ମହିୟସୀ ମହିଳା ଭାବରେ ବର୍ଣ୍ଣନା କରିଥିଲେ। ନିରୁପମା ଜେନା ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାଇଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ



**ରାଜକନିକା,୩୦।୧୨ (ସଂଚାର ବ୍ୟୁରୋ):** ଯୁବ ସାମ୍ବାଦିକ ସତ୍ୟଜିତ ସାହୁଙ୍କ ପିତା ରାମଚନ୍ଦ୍ର ସାହୁଙ୍କ ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଛି । ବିଗତ ୫ ବର୍ଷ ହେବ ଦୁର୍ଘଟଣା ପରେ ସେ ଶଯ୍ୟାଶାୟୀ ଥିଲେ। ସୋମବାର ଭୋର ୪.୪୫ରେ ରାଜକନିକା, ଘରଭଞ୍ଜା କୋଲ୍ହା ସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ରାମଚନ୍ଦ୍ର ସାହୁ ସମଗ୍ର ଅଞ୍ଚଳରେ ଜଣେ କର୍ମଠ, ନିଷ୍ଠାବାନ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ବେଶ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗ ଖବର ମିଳିବା ପରେ ଆତ୍ମୀୟ ସ୍ୱଜନଙ୍କ ସମେତ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ଓ ଶୁଭେଚ୍ଛୁ ମାନେ ତାଙ୍କର ବାସଭବନରେ ପହଂଚି ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହା ପରେ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରିବା ସହ ସେ କାର୍ଯ୍ୟକରିଥିବା ନରେନ୍ଦ୍ର ଗୁଞ୍ଜରୀ ବିଦ୍ୟାପୀଠକୁ ନିଆଯାଇଥିଲା । ଏହାପରେ ପୈତୃକ ସ୍ଥାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ସତ୍ୟଜିତ ମୁଖାଗ୍ନି ଦେଇଥିଲେ ।

## ୨୦୦୮ ମସିହା ମାଟ୍ରିକ୍ ବ୍ୟାଚ୍ ବନ୍ଧୁ ମିଳନ



**ମହାକାଳପଡ଼ା,୩୦।୧୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ ରାଜଗଡ ୨୦୦୮ ମସିହା ମେଟ୍ରିକ୍ ବ୍ୟାଚ୍ ର ୧୭ତମ ବନ୍ଧୁ ମିଳନ ଅନୁଷ୍ଠିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ମାନସ ରଂଜନ ମହାନ୍ତି, ପ୍ରଭାତ ରାଉତ, ସୋମ୍ୟଶ୍ରୀଚନ୍ଦନ ବାରିକ, ମାନସ ରଂଜନ ଦାସ ପ୍ରମୁଖ ଆୟୋଜନ କରିଥିଲେ।

## ଆକ୍ସନ ମୁଡ୍‌ରେ ଡେରାବିଶ ପ୍ରଶାସନ

# ବେଆଇନ ଇଟାଭାଟିରେ ଚଢ଼ିଲା ବୁଲ୍‌ଡୋଜର୍

**ଡେରାବିଶ,୩୦।୧୨(ସଂଚାର ବ୍ୟୁରୋ):** ଆକ୍ସନ ମୁଡ୍‌କୁ ଆସିଛି ପ୍ରଶାସନ। ବେଆଇନ୍ ଭାବେ ନିର୍ମାଣ ହେଉଥିବା ମାଟି ଇଟାଭାଟିରେ ଚଢ଼ାଉ କରିବା ସହ ବୁଲ୍‌ଡୋଜର ଚଢାଇ ଇଟାକୁ ଗୁଣ୍ଡ କରିଛି। ଏଭଳି ଦୃଶ୍ୟ ଡେରାବିଶ ଅଞ୍ଚଳରେ ଦେଖିବାକୁ ମିଳିଛି।

ଚଳିତବର୍ଷ ବାୟୁମଣ୍ଡଳରେ ପ୍ରଦୂଷଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଦୂଷଣ ବୋର୍ଡ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା ବେଳେ ଜିଲ୍ଲାପାଳ ସମସ୍ତ ତହସିଲ ପ୍ରଶାସନକୁ ସେମାନଙ୍କ ଅଞ୍ଚଳରେ ଥିବା ମାଟିଇଟା ବନ୍ଦ କରାଇବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାତ୍ର କେତେକ




ବ୍ୟବସାୟୀ ନିୟମ ଉଲଂଘନ କରି ଇଟା ପକାଉଥିବା ସମ୍ପର୍କରେ ଖବରପାଇ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୋମବାର ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କ ସମେତ ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଏଭଳି ୫ଟି ଇଟା ଭାଟି ଭାଙ୍ଗି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏପରିକି ଡେରାବିଶ ପୁଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗର ଗାଡ଼ି ପାଣି ମାଡ କରି କଞ୍ଚା ଇଟାକୁ ନଷ୍ଟ କରିବା ସହିତ ଜେସିବି ସହାୟତାରେ ଇଟା ଭାଟିକୁ ଗୁଣ୍ଡ କରିଦିଆଯାଇଛି।

ଅନ୍ୟପଟେ ଏ ସମ୍ପର୍କରେ ଡେରାବିଶ ତହସିଲଦାର ଶ୍ରୀ ନାୟକଙ୍କୁ ପଚାରିବାରୁ, ଚାଟରାଚକଡା ପଞ୍ଚାୟତ ଓଲଢ଼ି ସ୍ଥିତ ୨ଟି ଓ କାଉପଡା ପଞ୍ଚାୟତ ଥକେଇନେଉଳିସ୍ଥିତ ୩ଟି ଇଟା ଭାଟି ନଷ୍ଟ କରାଯିବା ସହ ମାଲିକଙ୍କୁ ଚେତାବନୀ ଦିଆଯାଇଥିବା କହିଛନ୍ତି ।

## ଏମ୍‌ଏନ୍ ହାଇସ୍କୁଲରେ ଗୁରୁପୂଜନ ଓ ବନ୍ଧୁମିଳନ

**ପଟ୍ଟାମୁଣ୍ଡାଇ,୩୦।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ଗୌରବମୟ ଶିକ୍ଷାନୁଷ୍ଠାନ ଏମ. ଏନ. ହାଇସ୍କୁଲର ୧୯୮୩ ମାଟ୍ରିକ (ସିନିୟର) ବ୍ୟାଚ ପକ୍ଷରୁ ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ବିଶିଷ୍ଟ କବି ବ୍ରଜ ସୁନ୍ଦର ସାହୁଙ୍କ ପୌରହିତ୍ୟ ଓ ଚାଟାର୍ଡ଼ ଆକାଉଣ୍ଟ ସୁରେନ୍ଦ୍ର କୁମାର ସେନାପତିଙ୍କ ସଂଯୋଜନାରେ ଆୟୋଜିତ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ସନାତନ ବେହୁରା, ଖଗେଶ୍ୱର ପରିଡା, କୃଷ୍ଣ ଚନ୍ଦ୍ର ପଣ୍ଡା, ପରୀକ୍ଷିତ ରାୟ,ହେମନ୍ତ କୁମାର ଜେନା ମହୋଦୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଅଂଚଳର ସର୍ବପୁରାତନ ଗୌରବମୟ ସରକାରୀ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ ।

ଗୁରୁପୂଜନ ଉତ୍ସବରେ ଛାତ୍ରଛାତ୍ରୀମାନେ ଗୁରୁମାନଙ୍କ ପାଦ ବନ୍ଦନା ସହିତ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବୟସାଧିକ କାରଣରୁ ଶିକ୍ଷକ ବିଷ୍ଣୁ ଚରଣ କର ଏବଂ ଗୋପାଳ ଚନ୍ଦ୍ର ଦାଶଙ୍କ ବାସଗୃହକୁ ଯାଇ ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଆଶିଷ ଭିକ୍ଷା କରିଥିଲେ । ପୁରାତନଛାତ୍ର ବିଜୟ କୁମାର ପଣ୍ଡା (ଆୟକର ମହାନିର୍ଦ୍ଦେଶକ, ଅନୁସନ୍ଧାନ) (ଆଭାସି ମାଧମରେ), ଇଂ ସତ୍ୟବ୍ରତ ବେହେରା (ଯନ୍ତ୍ରୀମୁଖ୍ୟ ପୂର୍ତ୍ତ ବିଭାଗ, ଓଡ଼ିଶା), କେତନ ଦାସ, ସନତ ସ୍ୱାଇଁ, ଇଂ ସିଦ୍ଧାର୍ଥ ତ୍ରିପାଠୀ, ସୁବ୍ରତ କର, ପ୍ରଶାନ୍ତ ନନ୍ଦ, ଅମୀୟ ବେହୁରା, ମଣିକାନ୍ତ ଧଳ, ଯୋଗେଶ ବେହେରା, ହିମାଂଶୁ ପଣ୍ଡା, ଅଞ୍ଜନ ଲେଙ୍କା, କରୁଣାକର ସାହୁ, ବିଘ୍ନରାଜ ସାହୁ, ଜ୍ୟୋତି ରଞ୍ଜନ ଶର୍ମା, ରାଜକିଶୋର ରାଉତ, ସୁଧୀର ନାୟକ, ମଞ୍ଜୁଶ୍ରୀ ସ୍ୱାଇଁ, ରତ୍ନାକର ସାହୁ ପ୍ରମୁଖ ସ୍କୁଲ ଜୀବନର ସ୍ମୃତି ଚାରଣ କରିବା ସହିତ ସାମାଜିକ ପରିଚୟ ଓ ପ୍ରତିଷ୍ଠା ଦେଇଥିବା ଏହି ମହାନ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଶପଥ ନେଇଥିଲେ ।



# ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ): ଇଂରେଜ ଶାସନର ଅନ୍ୟାୟ, ଅତ୍ୟାଚାର ଓ ଦମନମୂଳକ ନୀତି ବିରୋଧରେ ଘୁମୁସର ଅଞ୍ଚଳର ପାହାଡ଼, ଜଙ୍ଗଲ ଓ ଗାଁରୁ ଯେଉଁ ବିଦ୍ରୋହର ଶଙ୍ଖନାଦ ଉଠିଥିଲା, ସେହି ସଂଗ୍ରାମର ମୁଖ୍ୟ ନାୟକ ଥିଲେ ଘୁମୁସରର ମହାନ ବିପ୍ଳବୀ ବୀର ଚକରା ବିଷୋୟୀ। ଆଦିବାସୀ, କୃଷକ ଓ ସାଧାରଣ ଜନତାଙ୍କୁ ସଂଗଠିତ କରି ସେ ଇଂରେଜ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିଲେ। ବ୍ୟବସ୍ଥାର ଦୁରୁପଯୋଗ ଓ ପ୍ରଶାସନିକ ଅତ୍ୟାଚାର ବିରୋଧରେ ତାଙ୍କ ନେତୃତ୍ୱରେ ଘୁମୁସର ଆନ୍ଦୋଳନ ଇଂରେଜ ଶାସନ ପାଇଁ ଏକ ଭୟଙ୍କର ଆହ୍ୱାନ ଭାବେ ଉଭା ହୋଇଥିଲା। ଆଜି ସେହି ମହାନ ବିପ୍ଳବୀଙ୍କ ୨୦୩ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବିଧାନସଭା ନିକଟସ୍ଥ ସହିଦଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ମାଲ୍ୟାର୍ପଣ କରିବା ସହ ତାଙ୍କ ବଳିଦାନର ସ୍ମୃତି ଚାରଣ କରିଛନ୍ତି। ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସପଟ୍ଟନାୟକ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅଶ୍ୱିନୀ କୁମାର ଭୋଇ ମଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଧନୁଯାତ୍ରାରେ ମୁଖ୍ୟମନ୍ତ୍ରୀ, କଂସ ଦରବାରରୁ ଦେଲେ ଚେତାବନୀ

# ସୁଧୁରି ଯାଅ, ନ ହେଲେ ଭିଜିଲାନ୍ସର ଖଣ୍ଡା ବୁଲୁଛି

- ୧୨୩ ପ୍ରକଳ୍ପର ଶିଳାନ୍ୟାସ ତଥା ଲୋକାର୍ପଣ
- ବରଗଡ଼ ଜିଲ୍ଲା ପାଇଁ ୩୮୦ କୋଟିର ୪ ପ୍ରକଳ୍ପ ଘୋଷଣା



ଭୁବନେଶ୍ୱର/ବରଗଡ଼, ୩୦।୧୨ (ସଂଚାର ବ୍ୟୁରୋ): ବିଶ୍ୱର ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାର ଆଜି ସପ୍ତମ ଦିନରେ ଦର୍ଶକମାନେ ଏକ ନିଆରା ଦୃଶ୍ୟ ଦେଖିବାକୁ ପାଇଛନ୍ତି। କଂସ ମହାରାଜ ତାଙ୍କ ଦରବାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଳିଙ୍ଗ ସମ୍ରାଟ ଭାବେ ସମ୍ବୋଧନ କରି ପଚାରିଥିଲେ ମଥୁରା ନଗରୀ (ବରଗଡ଼)ର ବିକାଶ ପାଇଁ କି ପଦକ୍ଷେପ ନିଆଯାଇଛି। ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମଥୁରା (ବରଗଡ଼)ର ଉନ୍ନତି ପାଇଁ ଆଜି ସମୁଦାୟ ପ୍ରାୟ ୧୩୬୨ କୋଟି ଟଙ୍କାରୁ ଅଧିକ ବିନିଯୋଗରେ ୧୨୩ଟି ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିସହ ୩୮୦ କୋଟି ଟଙ୍କାର ୪ଟି ନୂଆ ପ୍ରକଳ୍ପ ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବରଗଡ଼ରେ ଆଜି ୯୮୦ କୋଟି ୫୮ ଲକ୍ଷ ଟଙ୍କା ବିନିଯୋଗରେ ସମୁଦାୟ ୮୫ଟି ପ୍ରକଳ୍ପର ଶିଳାନ୍ୟାସ ସହ ୩୮୨ କୋଟି ୨୬ ଲକ୍ଷ ଟଙ୍କା ମୂଲ୍ୟର ୩୮ଟି ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ ମଧ କରାଯାଇଛି। ମହିଳାଙ୍କ ପାଇଁ ହୋଇଥିବା ସୁଭଦ୍ରା ଯୋଜନାରେ ମଥୁରା ନଗରୀ (ବରଗଡ଼)ର ୩.୪୧ ଲକ୍ଷ ମା' ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି। ୨୦୨୪-୨୫ ଖରିଫ୍ ଓ ରବି ଋତୁରେ ବରଗଡ଼ର ୨.୪୧ ଲକ୍ଷ ଚାଷୀଙ୍କଠାରୁ ୧୩.୯୯ ଲକ୍ଷ ମେଟ୍ରିକ୍ ଧାନ ସଂଗ୍ରହ କରାଯାଇ ଇନ୍‌ପୁଟ୍ ସହାୟତା ସହିତ ୪୩୩୮ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ହିସାବ ଦେଇଛନ୍ତି। ଏଥିରେ ସନ୍ତୋଷ ପ୍ରକାଶ କରି କଂସ ମହାରାଜ 'ଆତ୍ମତୃପ୍ତି ଲାଭ କଲା ମହାବୀର କଂସାସୁର' ବୋଲି କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ବରଗଡ଼ ପାଇଁ ନୂଆ ପ୍ରକଳ୍ପ ଘୋଷଣା କରି କହିଛନ୍ତି ଯେ ୧୩୨ କୋଟି ବ୍ୟୟରେ ଜିରା ନଦୀ ଉପରେ ଏକ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ। ଏଥିସହ ୩୦ କୋଟି ବ୍ୟୟରେ ବରଗଡ଼ ମ୍ୟୁନିସିପାଲଟିର ହାଟପଦାଠାରେ ଭେଣ୍ଡିଙ୍ଗ୍ ଜୋନ୍‌ର ବିକାଶ କରାଯିବ। ୬୫ କୋଟି ବିନିଯୋଗରେ ବରଗଡ଼ ସଦରରେ ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ୍ ନିର୍ମାଣ କରାଯିବ। ଆହୁରି ଗ୍ରୀଣ୍ଡୋଲାଠାରେ ୧୫୦ କୋଟି ବିନିଯୋଗରେ ଏକ ଅନ୍ତନଦୀ ଜଳାଶୟ ନିର୍ମାଣ କରାଯିବ। ସରକାରୀ କର୍ମଚାରୀ ଜନସେବାକୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି।

# ଧାନକିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି: ବିଜେଡି



ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ): ରାଜ୍ୟର ୧୩ଟି ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ, ଏହି ଧାନ କିଣା ବ୍ୟବସ୍ଥା ଚଳିତ ବର୍ଷ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଧାନ ପ୍ରତି କ୍ୱିଣ୍ଟାଲ ୮୦୦ ଟଙ୍କା ଇନପୁଟ ସବସିଡି ପ୍ରଦାନ କରୁଛନ୍ତି ବୋଲି ବାହାବା ନେଉଥିବା ରାଜ୍ୟ ବିଜେପି ସରକାର ବାସ୍ତବରେ ରାଜ୍ୟର ଧାନ କିଣାକୁ ଦେଖିଲେ ଏହା ଚାଷୀକୁଳଙ୍କ ପ୍ରତି ଧୋକା ଓ ପ୍ରତାରଣାରେ ପରିଣତ ହୋଇଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ଉପନେତା, ବିଧାୟକ ତଥା କୃଷକ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ଉପସଭାପତି ସଞ୍ଜୟ କୁମାର ଦାସବର୍ମା ରାଜ୍ୟର ଚାଷୀକୁଳଙ୍କୁ ରାଜ୍ୟ ସରକାର ହତାଶ କରିଛନ୍ତି ବୋଲି ଅଭିଯୋଗ କରିବା ସହ ବିଜେଡି ଚାଷୀକୁଳର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବ ବୋଲି କହିଛନ୍ତି। ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଡବଲ ବିକାଶ ନାରା ଦେଇ ଆସିଥିବା ସରକାର ବାସ୍ତବରେ ଚଳିତ ବର୍ଷ ଧାନକିଣାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଧାନକିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। କେନ୍ଦ୍ର ସରକାରଙ୍କ ଆଗରେ ଓଡ଼ିଶାର ସ୍ୱର ନରମିଯାଉଛି। ଧାନକିଣା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଅଧୀନରେ ହୋଇଥିବା ବୈଠକରେ ବିଭିନ୍ନ ରାଜ୍ୟ ପାଇଁ ଧାନକିଣା ପାଇଁ ରଖାଯାଇଥିବା ଲକ୍ଷ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ଓଡ଼ିଶାଠାରୁ ଛତିଶଗଡ଼ର ଲକ୍ଷ୍ୟ ଅଧିକ ରହିଛି। କିନ୍ତୁ ରାଜ୍ୟ ସରକାର ଏହା ଉପରେ ପ୍ରତିକ୍ରିୟା ଦେବାକୁ ଅମଙ୍ଗ। ଛତିଶଗଡ଼ରେ ଧାନ ସଂଗ୍ରହ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ଓଡ଼ିଶାରେ ଧାନକିଣା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଗତ ଖରିଫ ଚାଷ ସମୟରେ ସାର ପ୍ରଦାନ କରିବାରେ ରାଜ୍ୟ ବିଜେପି ସରକାର ବିଫଳ ହୋଇଥିଲେ। ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ ଜଟିଳ କରିବା ଦ୍ୱାରା ରାଜ୍ୟର ସମସ୍ତ ଚାଷୀଙ୍କର ପଞ୍ଜିକରଣ ହୋଇପାରିନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ମନ୍ତବ୍ୟରେ ତାଳମେଳ ରହୁନି। ଯୋଗାଣ ମନ୍ତ୍ରୀ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟଠାରୁ ଅଧିକ ଧାନ କିଣାଯିବ ନାହିଁ ବୋଲି କହିଥିବା ବେଳେ କ୍ୟାବିନେଟ ବୈଠକରେ ସମସ୍ତ ବଳକା ଧାନ କିଣାଯିବା ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଅପରପକ୍ଷରେ ରାଜ୍ୟ ସମବାୟ ମନ୍ତ୍ରୀ ଟୋକନ ପିଛା ୧୫୦ କୁଇଣ୍ଟାଲ ଧାନ କିଣାଯିବ ବୋଲି କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କୃଷି ମନ୍ତ୍ରୀ ରାଜ୍ୟର କୃଷକ ମାନଙ୍କୁ ଧାନ ଚାଷ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ହ୍ୟୁମାନ ମୃତ୍ୟୁ ମାମଲା

## ଅର୍ପିତାଙ୍କ ଆଗୁଆ ଜାମିନ୍ ଆବେଦନ

କଟକ,୩୦।୧୨(ସଂଚାର ବ୍ୟୁରୋ): ପ୍ରଖ୍ୟାତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ମାମଲାରେ କିଛି ଦିନ ତଳେ ତାଙ୍କ ମା' ଶେଫାଳି ସୁନା ମର୍କତ ନଗର ପୁଲିସ୍ ଷ୍ଟେସନ୍‌ରେ ଏକ ଏତଲା ଦେଇଥିବା ବେଳେ ଏଥିରେ ୯ ଜଣ ଅଭିଯୁକ୍ତଙ୍କ ମଧରେ ଗାୟିକା ଅର୍ପିତା ଚୌଧୁରୀଙ୍କ ନାମ ମଧ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ପୁଲିସ୍ ମଧ କେତେକ ଅଭିଯୁକ୍ତଙ୍କୁ ଜେରା କରିଛି। ଏହି କ୍ରମରେ ଆଜି ଅର୍ପିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ପୂର୍ବରୁ ଏହି ମାମଲାରେ ସୋମେଶ ଶତପଥୀ ମଧ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ଷଡ଼ଯନ୍ତ୍ର କରି ହ୍ୟୁମାନଙ୍କୁ ବିଷ ଦେଇ କିମ୍ବା ଶାରୀରିକ କ୍ଷତି ପହଞ୍ଚାଇ ହତ୍ୟା କରାଯାଇଥିବା ଶେଫାଳି ଆଶଙ୍କା କରିଛନ୍ତି। ୮ ପୃଷ୍ଠା ବିଶିଷ୍ଟ ଏତଲାରେ ଅର୍ପିତା ଓ ସୋମେଶଙ୍କ ବ୍ୟତୀତ ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର, ମ୍ୟାନେଜର ଦିନେଶ ବେହେରା ଓ ପ୍ରଶାନ୍ତ ବେହେରା ଏବଂ ଡାକ୍ତର ଶୁଭେନ୍ଦୁ ମିଶ୍ରଙ୍କୁ ଜେରା କରିବା ସକାଶେ ଶେଫାଳି ଦାବି କରିଥିଲେ।

ଚା' ଖଟିରେ ବିଜୁଳି ଚର୍ଚ୍ଚା

## ଶିଳ୍ପସଂସ୍ଥାକୁ ରିଆତି, କୃଷିକ୍ଷେତ୍ର ପାଇଁ ନୁହେଁ

- ଅତିରିକ୍ତ ସିକ୍ୟୁରିଟି ଜମା ଆଦାୟ ବନ୍ଦ କର
- ସାରା ଓଡ଼ିଶାରେ ହେବ ଜନ ସଚେତନତା
- ସରକାର ଏବଂ ଓଇଆରସି ନିଜ ଦାୟିତ୍ୱରୁ ଓହରୁଛନ୍ତି



ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ): ସାଧାରଣ ବିଜୁଳି ଉପଭୋକ୍ତାଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମା ରାଶି ଆଦାୟ ନିଷ୍ପତ୍ତି ପ୍ରତ୍ୟାହାର ହେଉ। ଓଡ଼ିଶା ଅଗ୍ରଣୀ ବିଜୁଳି ଉତ୍ପାଦନକାରୀ ରାଜ୍ୟ ମାତ୍ର ଖାଉଟି ୟୁନିଟ ପିଛା ଅଧିକ ଶୁଳ୍କ କାହିଁକି ଦେଉଛି। ରାଜ୍ୟର ମୋଟ ବିଦ୍ୟୁତର ମାତ୍ର ଦୁଇ ପ୍ରତିଶତ କୃଷି କାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ତାହା ଛାଡ଼ ନେଇ କାହିଁକି ସରକାର ନିଷ୍ପତ୍ତି ନେଉନାହାନ୍ତି। ଅପରପକ୍ଷରେ ଶିଳ୍ପ ସଂସ୍ଥାମାନେ ମୋଟ ଉପଲବ୍ଧ ବିଦ୍ୟୁତର ୯୦% ବ୍ୟବହାର କରୁଛନ୍ତି। ଏହି ବାବଦରେ ସେମାନେ ପ୍ରାୟ ୧ଲକ୍ଷ କୋଟି ଯାଏଁ ଛାଡ଼ ପାଉଛନ୍ତି। ତେଣୁ ଓଡ଼ିଶାରେ ସାଧାରଣ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ ଓ କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ବିଜୁଳି ଦେୟ ଛାଡ଼ କରାଯାଉ। ଚା ଖଟିରେ ବିଜୁଳି ଚର୍ଚ୍ଚା ଆଲୋଚନାରେ ଅଂଶଗ୍ରହଣ କରି ବୁଦ୍ଧିଜୀବୀ, ଉପଭୋକ୍ତା, ରାଜନୈତିକ ବ୍ୟକ୍ତି ବିଶେଷ, ଶକ୍ତି ବିଶେଷଜ୍ଞ ପ୍ରମୁଖ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମଟିକୁ ପଲିଟିକାଲ ଥିଙ୍କର୍ସ ଫୋରମ ଓ ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା ।

## ସମାଜସେବୀ ଅଇଁଠୁ ସାହୁଙ୍କୁ ସ୍ନେହୀ ଗୌରବ ସମ୍ମାନ

ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ): ସ୍ୱେଚ୍ଛାସେବୀ ସଂଗଠନ ସ୍ନେହୀ ସମାଜର ବାର୍ଷିକ ଉତ୍ସବ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରେଳବାଇ ପରିଚାଳନା ସେବା ସିନିଅର ଟ୍ରାଫିକ୍ ମୁଖ୍ୟ କୃପା ସାଗର ସାହୁ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସେବାନିବୃତ୍ତ ଅତିରିକ୍ତ କମିଶନର ସହଦେବ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ଡକ୍ଟର ଜୟନ୍ତୀ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ସମାଜସେବୀ ଅଇଁଠୁ ସାହୁଙ୍କୁ ସମାଜସେବା କ୍ଷେତ୍ରରେ ଅବଦାନ ପାଇଁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ନେହୀ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ନୟାଗଡ଼ ଜିଲ୍ଲା ନନ୍ଦିଘୋର ଗ୍ରାମରେ ଜନ୍ମିତ ଶ୍ରୀ ସାହୁ ଚାକିରିରୁ ଅବସର ନେବା ପରେ ଭୁବନେଶ୍ୱରର ବିଭିନ୍ନ ସାମାଜିକ, ଆଧାତ୍ମିକ ଓ ସ୍ୱେଚ୍ଛାସେବୀ ସଂଗଠନ ସହ ଜଡ଼ିତ ରହି ସମାଜସେବାରେ ନିଜକୁ ବ୍ରତୀ କରିଛନ୍ତି।

## ପୁଲିସ୍ ପଞ୍ଝାରେ ୩ ବନ୍ଧୁକ ମାଫିଆ

- ବେଆଇନ ଭାବେ ବିକୁଥିଲେ ବନ୍ଧୁକ




ରାଉରକେଲା,୩୦।୧୨(ସଂଚାର ବ୍ୟୁରୋ): ରାଉରକେଲା ପୁଲିସ ହାବୁଡ଼ରେ ପଡ଼ିଛନ୍ତି ୩ ଜଣ ବନ୍ଧୁକ ମାଫିଆ। ନାଗାଲାଣ୍ଡ ସରକାରଙ୍କ ଲୋଗୋ ଥିବା ଓ ଲାଇସେନ୍ସ ବନ୍ଧୁକ କହି ବେଆଇନ ଭାବେ ବନ୍ଧୁକ ବିକ୍ରି କରୁଥିବା ଏହି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ଫଳତଃ ଆନ୍ତଃରାଜ୍ୟ ବନ୍ଧୁକ ର୍‍ୟାକେଟ୍‌କୁ ଧରିବାରେ ସଫଳ ହେଇଛି ରାଉରକେଲା ପୁଲିସ। ଏହି ଅଭିଯୁକ୍ତମାନେ ଅବୈଧ ଭାବେ ବନ୍ଧୁକ ବିକ୍ରି କରୁଥିଲେ। ଏହି ମାଫିଆମାନଙ୍କୁ ଗିରଫ କରିବା ସକାଶେ ରାଉରକେଲା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ରାଜ୍ୟ ଓ ରାଜ୍ୟ ବାହାରୁ ବିଶେଷକରି ନାଗାଲାଣ୍ଡ ଭଳି ରାଜ୍ୟରୁ ବେଆଇନ ଭାବେ ବନ୍ଧୁକ ଆଣି ରାଉରକେଲା ସହରରେ ବିକ୍ରି କରୁଥିଲେ। ନକଲି କାଗଜପତ୍ର ଓ ନକଲି ଲାଇସେନ୍ସ ଦେଖାଇ ଅସଲ ବୋଲି କହି ଏମାନେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାରେ ଲୋକଙ୍କୁ ବିକ୍ରି କରୁଥିଲେ। ଏମାନେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନକଲି ସିଲ ଓ ଦସ୍ତଖତ କରି ଏପରି ବେପାର ଚଳାଇଥିଲେ। ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ରତନ କୁମାର ସା', ରମନଦୀପ ସିଂହ ଓ ମନଦୀପ ସିଂହ। ଏଥିସହ ପୁଲିସ୍ ସେମାନଙ୍କଠାରୁ ୩ଟି ନାଗାଲାଣ୍ଡ ସରକାରଙ୍କ ଲୋଗୋ ଥିବା ବନ୍ଧୁକ ଓ ୩୫ଟି ଜୀବନ୍ତ ଗୁଳି ସହ ନକଲି ଲାଇସେନ୍ସ ଆଦି ମଧ ଜବତ କରିଛି।

ପିୟୁସିସି ପ୍ରସଙ୍ଗରେ ଯୁବ କଂଗ୍ରେସର ଅଭିଯୋଗ

## ଜିଜିଆ କର ଆଦାୟ କରୁଛନ୍ତି ସରକାର




ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ସରକାର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଦେଖାଇଲେ ପେଟ୍ରୋଲ୍ ମିଳିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରି ଗାଡ଼ି ମାଲିକଙ୍କଠାରୁ ଜିଜିୟା କର ଆଦାୟ କରୁଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ୧ କୋଟି ୧୩ ଲକ୍ଷ ବିଜୁଳି ଉପଭୋକ୍ତାଙ୍କଠାରୁ ଟାଟା ପାୱାର କମ୍ପାନୀକୁ ଲଗାଇ ସରକାର ରକ୍ତ ଶୋଷଣ କଲା ଭଳି ବିଦ୍ୟୁତ୍ ଦେୟ ବି ଆଦାୟ କରୁଛନ୍ତି। ସେତିକିରେ ସରକାରଙ୍କ ନୃଶଂସତା ସୀମିତ ରହିନାହିଁ। ଏବେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନାମରେ ଦୁଇଚକିଆ, ଚାରିଚକିଆ ଏବଂ ଅନ୍ୟାନ୍ୟ ଯାନର ମାଲିକଙ୍କଠାରୁ ମଶାଭଳି ରକ୍ତ ଶୋଷୁଛନ୍ତି। ପ୍ରଦୂଷଣ ନାମରେ ବିଭିନ୍ନ ଗାଡ଼ି ଉପରେ ଥିବା ମାତ୍ରାଧିକ ଫାଇନ ମଧ ଦେବାକୁ ବାଧ କରାଯାଉଛି। ଲୋକଙ୍କୁ ସଚେତନ କରାନଯାଇ ମନଇଚ୍ଛା ଫାଇନ ଲାଗୁ କରାଯାଇଛି ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି।

## ଛେଳି ମାଲିକାନାକୁ ନେଇ ତୁତୁ ମେଁମେଁ




ନୀଳଗିରି,୩୦।୧୨(ସଂଚାର ବ୍ୟୁରୋ): ଛେଳି ପାଇଁ ଥାନାରେ ସୃଷ୍ଟି ହୋଇଛି ବିବାଦ। ଛେଳିର ମାଲିକାନାକୁ ନେଇ ଦୁଇ ଜଣଙ୍କ ମଧରେ ବିବାଦ ହୋଇଥିବା ବେଳେ ଏନେଇ ଉଭୟ ଥାନାରେ ଏତଲା ଦେଇଛନ୍ତି। ସମସ୍ୟାର ସମାଧାନ ହୋଇପାରିନଥିବାରୁ ଦୁଇ ମାଲିକଙ୍କ ମଧରେ ଛେଳି ଉପରେ ଅଧିକାର ସାବ୍ୟସ୍ତ କରିବା ସକାଶେ ତୁତୁ ମେଁମେଁ ଜାରି ରହିଛି।

ସୂଚନାନୁସାରେ, ନୀଳଗିରି ଥାନା ଏନଏସି ୮ ନଂ ୱାର୍ଡରେ ଗତ ଦେଢ଼ ମାସ ପୂର୍ବରୁ ସାନଅତା ଗାଁର ମୋନାଲିସା ଦାସଙ୍କ ଛେଳି ହଜିଯାଇଥିଲା। ବହୁ ଖୋଜାଖୋଜି କରିଥିଲେ ହେଁ ମୋନାଲିସାଙ୍କ ପରିବାର ଛେଳିକୁ ପାଇନଥିଲେ। ତେବେ ହଜିବାର ପାଖାପାଖି ଦେଢ଼ ମାସ ପରେ ଛେଳିଟି ବିଲରେ ଚରୁଥିବା ଦେଖିବାକୁ ପାଇଥିଲେ ମୋନାଲିସା। ସେ ଉକ୍ତ ଛେଳିକୁ ଧରି ଘରକୁ ନେବା ପାଇଁ ମୋନାଲିସା ବାହାରିବା ବେଳେ ସାନଅତା ଗୁଡ଼ିଖାଣିଆ ଅଞ୍ଚଳର ମାମା ବିନ୍ଧାଣି ତାହା ତାଙ୍କ ଛେଳି ବୋଲି ଦାବି କରିଥିଲେ। ଫଳତଃ ଉଭୟଙ୍କ ମଧରେ ଝଗଡ଼ା ଆରମ୍ଭ ହୋଇଥିଲା। କିନ୍ତୁ ଶେଷରେ ମୋନାଲିସା ଉକ୍ତ ଛେଳିଟିକୁ ଘରକୁ ନେଇଥିଲେ। ତେଣୁ ମାମା ସ୍ଥାନୀୟ ଥାନାରେ ପହଞ୍ଚି ଏତଲା ଦାୟର କରିଥିଲେ। ପରବର୍ତ୍ତୀ ସମୟରେ ମୋନାଲିକା ବି ନୀଳଗିରି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଛେଳିକୁ ଥାନାକୁ ଆଣିବାକୁ କହିବା ପରେ ମୋନାଲିସା ତାହା କରିଥିଲେ। ଶେଷରେ ଫଇସଲା ଛେଳି ଉପରେ ଛାଡ଼ିଦିଆଯାଇଥିଲା। ଛେଳିଟି ଯାହା ପାଖକୁ ଯିବ, ସେ ହିଁ ମାଲିକ ବୋଲି ସାବ୍ୟସ୍ତ ହେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଛେଳିଟି କାହା ପାଖକୁ ବି ଯାଇନଥିଲା। ଛେଳିଟି ଏବେ ଥାନାରେ ଅଛି। ସମାଧାନ ନ ହେବା ପର୍ଯ୍ୟନ୍ତ ଛେଳି କାହାରିକୁ ବି ହସ୍ତାନ୍ତର କରାଯିବ ନାହିଁ ବୋଲି ଥାନାଧିକାରୀ ସ୍ପଷ୍ଟ କରିଛନ୍ତି। ତେବେ ଏପରି ଏକ ଖବରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜୋର୍‌ଦାର ଚର୍ଚ୍ଚା ହେଉଛି।

## ଚଇତି ମହୋତ୍ସବରେ ସାମିଲ ହେଲା ବେଦାନ୍ତ

ଭୁବନେଶ୍ୱର, ୩୦।୧୨(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ରାୟଗଡ଼ାରେ ଚଇତି ମହୋତ୍ସବରେ ସାମିଲ ହେବା ସହ ସାଂସ୍କୃତିକ ସଂରକ୍ଷଣ ଓ ଗୋଷ୍ଠୀ ନେତୃତ୍ୱାଧୀନ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଇଛି। ଗତ ୨୦୦୫ରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ଚଇତି ଏକ ପ୍ରମୁଖ ସାଂସ୍କୃତିକ ମହୋତ୍ସବ, ଯାହା ସ୍ଥାନୀୟ ଅଞ୍ଚଳର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ପାଳନ କରିଆସିଛି। କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ୫୦୦ରୁ ଅଧିକ କଳାକାରଙ୍କୁ ଏକାଠି କରିବା ସହ ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରିଛି।



ବେଦାନ୍ତ ଆଲୁମିନିୟମର ଷ୍ଟଲ ମହୋତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା, ଯେଉଁଥିରେ ସଉରା ଚିତ୍ରକଳା ଓ ଡୋକ୍ରା ହସ୍ତଶିଳ୍ପ ଭଳି ପାରମ୍ପରିକ ଆଦିବାସୀ କଳାର ଏକ ମିଶ୍ରଣ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀରେ ପ୍ରକଳ୍ପ ସଖୀ ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକ ମଧ ପ୍ରଦର୍ଶିତ ହୋଇଥିଲା, ଯାହା କମ୍ପାନୀର ମହିଳା-ସଶକ୍ତିକରଣ ପଦକ୍ଷେପ ସହ ଲଘୁ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ ଉପରେ ଧ୍ୟାନ ଦେଇଥିଲା। ପ୍ରଦର୍ଶନୀ ସ୍ଥାନରେ ଅଙ୍କାଯାଉଥିବା ସଉରା ଚିତ୍ରକଳା ବହୁ ସଂଖ୍ୟାରେ ଜନସାଧାରଣଙ୍କୁ ଆକର୍ଷିତ କରିଥିଲା, ଯାହା ଏକ ଆକର୍ଷଣୀୟ ଓ ସାଂସ୍କୃତିକ ଅଭିଜ୍ଞତା ସୃଷ୍ଟି କରିଥିଲା।

ଷ୍ଟଲରେ ଏକ ଅନନ୍ୟ ଆକର୍ଷଣ ଥିଲା ଓଡ଼ିଶାର ହକି ଇଣ୍ଡିଆ ଲିଗ୍ ଦଳ, ବେଦାନ୍ତ ଆଲୁମିନିୟମର ମାଲିକାନାରେ ଥିବା କଳିଙ୍ଗ ଲାନ୍ସର୍ସର ପ୍ରଦର୍ଶନୀ। ପ୍ରଦର୍ଶନୀରେ ଖେଳାଳିଙ୍କ ପ୍ରଦର୍ଶନ ଅନ୍ତର୍ଭୁକ୍ତ ହୋଇଥିଲା, ଯାହା ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ସୃଷ୍ଟି କରିବା ସହ ଉଭୟ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବକୁ ମିଶ୍ରଣ କରି ପରିଦର୍ଶକଙ୍କ ମନ ମୋହିଥିଲା। ବେଦାନ୍ତ ଆଲୁମିନିୟମ ଷ୍ଟଲକୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦଘାଟନ କରିଥିବା ବେଳେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ରାୟଗଡ଼ା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ଓ ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ ଓ ରାୟଗଡ଼ାର ସଚିନ ଆନ୍ନାସାହେବଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଚଇତି ମହୋତ୍ସବରେ ଆମର ଉପସ୍ଥିତି ବେଦାନ୍ତ ଆଲୁମିନିୟମର ସ୍ୱଦେଶୀ କଳା ସଂସ୍କୃତିକୁ ପାଳନ କରିବା ଓ ସ୍ଥାନୀୟ କାରିଗରମାନଙ୍କୁ ସମର୍ଥନ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସମ୍ପ୍ରଦାୟଗୁଡ଼ିକୁ ବ୍ୟାପକ ଦର୍ଶକଙ୍କ ସହ ଯୋଡୁଥିବା ପ୍ଲାଟଫର୍ମ ସୃଷ୍ଟି କରି ଆମେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଅନ୍ତର୍ଭୁକ୍ତି ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାର ଲକ୍ଷ୍ୟ ରଖିଛୁ ବୋଲି ଶ୍ରୀ କୁମାର କହିଛନ୍ତି।

# ନୂଆବର୍ଷ ପାଇଁ ଶ୍ରୀକ୍ଷେତ୍ରରେ ଟ୍ରାଫିକ୍ କଟକଣା



ପୁରୀ,୩୦।୧୨(ସଂଚାର ବ୍ୟୁରୋ): ଇଂରାଜୀ ନୂଆବର୍ଷରେ ଶ୍ରୀକ୍ଷେତ୍ରରେ ହେବ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ। ପର୍ଯ୍ୟଟକଙ୍କ ସୁରକ୍ଷା ସାଙ୍ଗକୁ ଟ୍ରାଫିକ୍ ପରିଚାଳନା ନେଇ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତାକାଲି ଓ ଜାନୁଆରୀ ୧ ତାରିଖ ଦୁଇ ଦିନ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ୍ କଟକଣା ଜାରି କରାଯାଇଛି। ଆସନ୍ତାକାଲି ସହରରେ ୩୦୦ ଅଧିକାରୀଙ୍କ ସହ ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଏ ସଂକ୍ରାନ୍ତରେ ଏସପି ପ୍ରତୀକ ସିଂ କହିଛନ୍ତି ଯେ ସିସିଟିଭି ନଜରରେ ରହିବ ପୂରା ଶ୍ରୀକ୍ଷେତ୍ର। ସହରକୁ ମୁଖ୍ୟ ପ୍ରବେଶ ପଥରେ ଗାଡ଼ି ଚେକିଂକୁ ଜୋରଦାର କରାଯିବ। ଜିରୋ ନାଇଟ୍ ସେଲିବ୍ରେସନ ଉପରେ ବି କଡ଼ା ନଜର ରଖାଯିବ। ନୂଆବର୍ଷରେ ମାର୍କେଟ ଛକଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ନୋ-ଭେହିକଲ୍ ଜୋନ ଭାବେ ଘୋଷଣା କରାଯିବ। ସେହିପରି ମେଡିକାଲ ଛକଠାରୁ ସୁଭାଷ ବୋଷ ଛକ ଓ ସୁଭାଷ ବୋଷ ଛକଠାରୁ ଲାଇଟ୍ ହାଉସ ପର୍ଯ୍ୟନ୍ତ ବେଳାଭୂମି ମାର୍ଗ ଅଞ୍ଚଳରେ ୪ଚକିଆ ଯାନ ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କେବଳ ଯେଉଁ ପର୍ଯ୍ୟଟକ ହୋଟେଲ ବୁକିଂ ସ୍ଲିପ୍ ଦେଖାଇବେ, ସେମାନଙ୍କ ଗାଡ଼ିକୁ ହୋଟେଲ ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯିବ। ଦୁଇଚକିଆ ଗାଡ଼ି ଲାଗି ମଧ କଟକଣା ଜାରି କରାଯାଇଛି।

ଏହି କଟକଣା ଅନୁସାରେ, ଭୁବନେଶ୍ୱରରୁ ପଟୁ ଆସୁଥିବା ସମସ୍ତ ୪ଚକିଆ ଯାନ ବାଟଗାଁ (ହରେକୃଷ୍ଣପୁର ଛକ)ରୁ ବାଇପାସ୍‌ରେ ଯାଇ ଶ୍ରୀସେତୁ ଦେଇ ଜେବିପିସି ପାର୍କିଂରେ ରହିବ। ସେଠାରେ ଯାନ ପ୍ୟାକ୍ ହୋଇଯିବା ପରେ ବାଟଗାଁ, ଚାରିନଳା, ଅଠରନଳା ଓ କୁମ୍ଭାରପଡ଼ା ଥାନା ଛକ ଦେଇ ଜେଲ୍‌ରୋଡ୍ ପାର୍କିଂରେ ଚାରିଚକିଆ ରହିବ। ପରେ ଶରଧାବାଲିରେ ଯାନଗୁଡ଼ିକ ପାର୍କିଂ କରିବେ। ଶରଧାବାଲିରେ ପ୍ୟାକ୍ ହୋଇଗଲେ ମାଳତୀପାଟପୁର ଆରଓବି ଦେଇ ସିଧାସଳଖ ତାଳବଣିଆରେ ପାର୍କିଂ କରିବେ। ସେଠାରୁ ଫେରିବା ସମୟରେ ବାଲିଘାଟ, ସମଙ୍ଗରା ଛକ ଦେଇ ହରେକୃଷ୍ଣପୁର ଛକରେ ବାହାରିବେ। ଭୁବନେଶ୍ୱର ଅଭିମୁଖେ ଫେରିବେ। ସେହିଭଳି ବ୍ରହ୍ମଗିରି ପଟୁ ଆସୁଥିବା ୪ଚକିଆ ଯାନଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ଷ୍ଟର୍ଲିଂ ଛକ ଦେଇ ଲାଇଟ୍ ହାଉସ ନିକଟ ଯାତ୍ରିକା ପାର୍କିଂରେ ରଖିବେ। ସେଠାରେ ପ୍ୟାକ୍ ହୋଇଗଲେ ଷ୍ଟର୍ଲିଂ ଛକରେ ଯାନ ରଖାଯାଇପାରିବ। ଆହୁରି କୋଣାର୍କରୁ ଆସୁଥିବା ୪ଚକିଆ ଯାନଗୁଡ଼ିକ ତାଳବଣିଆରେ ପାର୍କିଂ କରିବେ।

ଏହାଛଡ଼ା ଭୁବନେଶ୍ୱର ପଟୁ ଆସୁଥିବା ୨ଚକିଆ ଗାଡ଼ି ଡାକ୍ତରଖାନା ଛକରୁ ଆସି ପୌରପାଳିକା ମାର୍କେଟ କମ୍ପ୍ଲେକ୍ସରେ ରଖିବେ। ସେଠାରେ ପ୍ୟାକ୍ ହୋଇଗଲେ ମାର୍କେଟ ଛକଠାରୁ ଡାକ୍ତରଖାନା ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ବଡ଼ଦାଣ୍ଡରେ ପାର୍କିଂ କରାଯିବ। ବଡ଼ଦାଣ୍ଡ ପ୍ୟାକ୍ ହୋଇଗଲେ କୁମ୍ଭାରପଡ଼ା ଥାନା ଛକ ଓ ଜଟିଆବାବାଜୀ ଛକ ଦେଇ ଜେବିପିସି ପାର୍କିଂରେ ରଖିବେ। ବ୍ରହ୍ମଗିରି ପଟୁ ଆସୁଥିବା ଯାନ ମଙ୍ଗଳାଘାଟ ଛକ ଦେଇ ଜେବିପିସି ପାର୍କିଂରେ ରଖିବେ। କୋଣାର୍କପଟୁ ଆସୁଥିବା ଯାନଗୁଡ଼ିକ ମାଟିଆପଡ଼ା ଗ୍ରୀଡଷ୍ଟେସନ ଛକଠାରେ ପାର୍କିଂ କରିବେ। ତିନିଚକିଆ ଯାନ କ୍ଷେତ୍ରରେ ତାଳବଣିଆରୁ ତିନିଚକିଆ ଯାନଗୁଡ଼ିକ ପେଣ୍ଠକଟା ଛକ, ସିଟି ରୋଡ, ୟୁଥ ହଷ୍ଟେଲ୍, ଅର୍ବାନ ହାଟ, ଜିଲ୍ଲା ସ୍କୁଲ ଦେଇ ଟାଉନ୍ ହଲ୍ ଛକରେ ପହଞ୍ଚିବେ। ଆହୁରି ୱାଟର ୱାର୍କସ ରୋଡ, ଓଡ଼ିଶା ବେକରୀ, ରାମ ମନ୍ଦିର, ଘୋଡ଼ାବଜାର ଦେଇ ରେଡକ୍ରସ୍ ରୋଡ୍‌ରେ ପହଞ୍ଚିବେ। ତାଳବଣିଆକୁ ଫେରିବା ସମୟରେ ଘୋଡ଼ାବଜାର, ରାମମନ୍ଦିର, ଶ୍ରୀକ୍ଷେତ୍ର କଲୋନୀ ରାସ୍ତା ଦେଇ ଚଳାଚଳ କରିବେ। ବେଳାଭୂମି ରାସ୍ତାରୁ ଆସୁଥିବା ଯାନଗୁଡ଼ିକ ବାଲିସାହି ସୋଲଖିଆ ବରଗଛ, ଉତ୍ତରଦ୍ୱାର ପଟୁ ଆସୁଥିବା ଗାଡ଼ିଗୁଡ଼ିକ ବିଶ୍ୱେଶ୍ୱରୀ ମନ୍ଦିର, ସିଂହଦ୍ୱାର ଅଭିମୁଖେ ଆସୁଥିବା ଗାଡ଼ି ମୋଚିସାହି ଓ ଲୋକନାଥ ମନ୍ଦିର ପଟୁ ଆସୁଥିବା ଗାଡ଼ିଗୁଡ଼ିକ ବୃଷଭ ଛକ ପର୍ଯ୍ୟନ୍ତ ଯାଇପାରିବେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ କୌଣସି ଗାଡ଼ିକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର





ବୁଧବାର ୩୧ ଡିସେମ୍ବର ୨୦୨୫, ଭୁବନେଶ୍ୱର

Wednesday 31 December 2025, Bhubaneswar


# ଅର୍ଥନୈତିକ ଅଭିବୃଦ୍ଧି ଓ ଚ୍ୟାଲେଞ୍ଜ

ନୂଆବର୍ଷ ୨୦୨୬ର ଆରମ୍ଭରେ ଭାରତର ଅର୍ଥନୀତି ଦୃଢ଼ ଗତିରେ ଆଗେଇ ଚାଲିବ ବୋଲି ଆକଳନ କରାଯାଉଛି। ବିଶ୍ୱର ସର୍ବାଧିକ ଦ୍ରୁତଗତିର ଅର୍ଥନୀତି ଭାବରେ ଭାରତ ଉଭୟ ଆଶା ଓ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛି। ଡେଲୋଏଟ୍ ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ରେ ଜିଡିପି ବୃଦ୍ଧି ୬.୭ ପ୍ରତିଶତରୁ ୬.୯ ପ୍ରତିଶତ ରହିବ ବୋଲି ଆନୁମାନିକ। ଏହି ବୃଦ୍ଧି ଘରୋଇ ଚାହିଦା, ସଂରଚନାତ୍ମକ ସଂସ୍କାର ଏବଂ ସହାୟକ ନୀତିଗୁଡ଼ିକରେ ଆଧାରିତ। ପ୍ରଥମ ତ୍ରୈମାସିକରେ ଜିଡିପି ୭.୮ ପ୍ରତିଶତ ଏବଂ ଦ୍ୱିତୀୟରେ ୮.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଆଇଏମ୍ଏଫ୍ ମଧ ୬.୬ରୁ ୬.୯ ପ୍ରତିଶତ ବୃଦ୍ଧି ହେବ ବୋଲି ଆନୁମନ କରିଛି। ଆରବିଆଇ ପୂର୍ଣ୍ଣ ବର୍ଷ ପାଇଁ ୭.୩ ପ୍ରତିଶତକୁ ବୃଦ୍ଧି ସଂଶୋଧନ କରିଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। ୨୦୨୫-୨୬ରେ ସିପିଆଇ ମୁଦ୍ରାସ୍ଫୀତି ୨% ରହିବ, ଯାହା ଆରବିଆଇର ନିମ୍ନ ସୀମା। ଅକ୍ଟୋବର ୨୦୨୫ରେ ଖୁଚୁରା ମୁଦ୍ରାସ୍ଫୀତି ୦.୨୫%ର ରେକର୍ଡ ନିମ୍ନସ୍ତରରେ ପହଞ୍ଚିଛି। ଏହା ବୃଦ୍ଧିକୁ ସହାୟତା କରୁଛି।



ବେକାରୀ ହାର ମଧ କମିଛି। ୨୦୧୭-୧୮ରେ ୬% ଥିବା ବେକାରୀ ୨୦୨୩-୨୪ରେ ୩.୨%କୁ ହ୍ରାସ ପାଇଛି। ଯୁବକ ବେକାରୀ ୧୭.୮%ରୁ ୧୦.୨%କୁ କମିଛି। ତଥାପି, ୨୦୩୦ ସୁଦ୍ଧା ପ୍ରତିବର୍ଷ ୭.୮୫ ନିୟୁତ ଅଣ-କୃଷି ଚାକିରିର ଆବଶ୍ୟକତା ରହିଛି। ମୁଖ୍ୟ ଚାଳକ କ୍ଷେତ୍ରଗୁଡ଼ିକ ହେଉଛି ସେବା (୯.୩% ବୃଦ୍ଧି), ଉତ୍ପାଦନ (୭.୭%), କୃଷି (୩.୭%) ଏବଂ ନିର୍ମାଣ। ଏମ୍ଏସ୍ଏମ୍ଇ କ୍ଷେତ୍ର ୩୦% ଜିଡିପି ଏବଂ ୪୫% ରପ୍ତାନିରେ ଯୋଗଦାନ କରୁଛି, ଯାହା ୨୪୦ ନିୟୁତ ଲୋକଙ୍କୁ ରୋଜଗାର ଯୋଗାଉଛି। ସରକାରୀ ବିନିଯୋଗ ୪୦% ବଢ଼ିଛି, ଯାହା ଉତ୍ପାଦନ, ନିର୍ମାଣ ଏବଂ ଅବକାଠାମୋକୁ ପ୍ରୋତ୍ସାହିତ କରୁଛି। ବ୍ୟକ୍ତିଗତ ଉପଭୋଗ ବ୍ୟୟ ୭.୫% ବଢ଼ିଛି।

ଚ୍ୟାଲେଞ୍ଜଗୁଡ଼ିକ ମଧ୍ୟରେ ଟଙ୍କାର ଅବମୂଲ୍ୟାୟନ ଜାରି ରହିଛି। ୮୫.୬୪ରୁ ଆରମ୍ଭ କରି ଏହା ୯୧ ଅତିକ୍ରମ କରିଛି ଏବଂ ୯୨କୁ ପହଞ୍ଚିବ ବୋଲି ଆନୁମାନ କରାଯାଉଛି। ରପ୍ତାନି ମଧ ପ୍ରଭାବିତ ହେଉଛି। ଯୁକ୍ତରାଷ୍ଟ୍ରର ଟାରିଫ୍ (୫୦% ପର୍ଯ୍ୟନ୍ତ) ଯୋଗୁଁ ରପ୍ତାନୀ ସେପ୍ଟେମ୍ବର୍‌ରେ ୧୨% ଏବଂ ଅକ୍ଟୋବର୍‌ରେ ୮.୫% ହ୍ରାସ ହୋଇଛି। ବ୍ୟକ୍ତିଗତ ବିନିଯୋଗ ମନ୍ଥର, ଜିଡିପିର ୧୨%ରେ ଅଟକି ରହିଛି। ଏଫ୍‌ପିଆଇ ପ୍ରବାହ ୧୮.୫ ବିଲିୟନ୍ ଡଲାର୍ ବାହାରିଛି। ଏମ୍ଏସ୍ଏମ୍ଇରେ ଉତ୍ପାଦକତା ଅନ୍ତର (୧୮% ବଡ଼ ଉଦ୍ୟୋଗର ତୁଳନାରେ) ଏବଂ ଋଣ ଅଭାବ (୩୦ ଲକ୍ଷ କୋଟି ଟଙ୍କା) ଚିନ୍ତାର ବିଷୟ।

ନୀତିଗତ ଆଶାରେ ଆରବିଆଇର ରେପୋ ହାର ହ୍ରାସ (୬.୫%ରୁ ୫.୨୫%) ଏବଂ ଜିଏସ୍‌ଟି ସଂସ୍କାର ରହିଛି। ଯୁକ୍ତରାଷ୍ଟ୍ର ସହ ବ୍ୟାପାର ଚୁକ୍ତି ବଢିବ ବୋଲି ଆଶା କରାଯାଉଛି। ଏମ୍ଏସ୍ଏମ୍ଇ ପାଇଁ ଋଣ ସୁବିଧା, ଡିଜିଟାଲ୍ ଗ୍ରହଣ ଏବଂ କୌଶଳ ବିକାଶ ଉପରେ ଧାନ ଦିଆଯିବା ଆବଶ୍ୟକ। ଏଥିପାଇଁ ନବୀକରଣୀୟ ଉର୍ଜା ଏବଂ ଇଲେକ୍ଟ୍ରୋନିକ୍ସରେ ବିନିଯୋଗ ବଢ଼ାଇବା ଦରକାର। ସର୍ବୋପରି ୨୦୨୬ ଭାରତ ପାଇଁ ବିଶେଷ ସୁଯୋଗର ବର୍ଷ। ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ, ସ୍ଥିର ନୀତି ଏବଂ ସଂସ୍କାର ଦ୍ୱାରା ଭାରତ ଏକ ସମୃଦ୍ଧ ଅର୍ଥନୀତି ଗଢ଼ି ପାରିବର ସୁଯୋଗ ରହିଛି। ତେଣୁ ଏହି ପରିବର୍ତ୍ତନକୁ ସକାରାତ୍ମକ ଭାବେ ସ୍ୱାଗତ କରିବାର ଆବଶ୍ୟକତା ରହିଛି।

# ଶାମ୍ବ ଦଶମୀରେ ସୂର୍ଯ୍ୟପୂଜା ଓ କୋଣାର୍କର ସୂର୍ଯ୍ୟ ରଥଯାତ୍ରା



**ସନ୍ତୋଷ କୁମାର ଦାଶ**

ଆମ ଓଡ଼ିଆ ସଂସ୍କୃତିରେ ରହି ଆସିଛି ବାର ମାସରେ ତେର ପର୍ବପର୍ବାଣୀ। ତା ମଧ୍ୟରୁ ଶାମ୍ବ ଦଶମୀ ପର୍ବ ଅନ୍ୟତମ। ପୌଷ ମାସ ଶୁକ୍ଳପକ୍ଷ ଦଶମୀ ତିଥି ରେ ଏହି ପର୍ବ ପାଳନ କରାଯାଏ। ଏହି ଦିନ ଘରେ ଘରେ ସକଳ ଶକ୍ତି ର ଆଧାର ପ୍ରଭୂ ସୂର୍ଯ୍ୟ ନାରାୟଣ ଙ୍କୁ ଭକ୍ତି ଓ ନିଷ୍ଠାର ସହିତ ପୂଜା କରାଯାଏ। ପୁରାଣ ରେ ବର୍ଣ୍ଣିତ ହୋଇଛି ଯେ, ଦ୍ୱାପର ଯୁଗରେ ପ୍ରଭୂ ଶ୍ରୀ କୃଷ୍ଣ ଙ୍କ ପୁତ୍ର ଶାମ୍ବ ନିଜ ରୂପ ଲାବଣ୍ୟ କୁ ନେଇ ଗର୍ବ କରୁଥିଲେ। ଏହି କାରଣ କୁ ନେଇ ସେ ସମସ୍ତ ମୁନି ଋଷି, ବୟୋଜ୍ୟେଷ୍ଠ ମାନଙ୍କୁ ଅଣଦେଖା କରୁଥିଲେ। ପ୍ରଭୁ ଶ୍ରୀ କୃଷ୍ଣ ତ ଗର୍ବ ଗଞ୍ଜନ ନରହରି। ସେ ଦେବର୍ଷି ନାରଦ ମୁନିଙ୍କ ସହିତ ମିଶି ଏକ ମାୟା ରଚନା କରିଥିଲେ। ପ୍ରଭୂ ଶ୍ରୀ କୃଷ୍ଣ ନିଜ ଅଷ୍ଟରାଣୀ ଙ୍କ ସହିତ ଆମୋଦ ପ୍ରମୋଦ ରେ ମାତି ଥିବା ବେଳେ ଦେବର୍ଷି ନାରଦ ଙ୍କ ପରାମର୍ଶ କ୍ରମେ ଶାମ୍ବ ସେହି ସ୍ଥାନ କୁ ଯାଆନ୍ତେ ପ୍ରଭୂ ଶ୍ରୀ କୃଷ୍ଣ ରାଗିଯାଇ ଶାମ୍ବ ଙ୍କୁ ଅଭିଶାପ ଦେଇ କହିଥିଲେ ଯେଉଁ ରୂପ ଲାବଣ୍ୟ ପାଇଁ ତୁମେ ଗର୍ବ କରୁଛ ତାହା ଲୋପ ପାଇ ତୁମଙ୍କୁ କୁଷ୍ଠ ରୋଗ ହେଉ। ଭଗବାନ ଶ୍ରୀ କୃଷ୍ଣ ଙ୍କ ଅଭିଶାପ ଫଳରେ ଶାମ୍ବ କୁଷ୍ଠ ରୋଗ ରେ ଆକ୍ରାନ୍ତ ହୋଇ ପଡ଼ିଥିଲେ। ନିଜ ର ଭୁଲ ବୁଝି ସେ ନିଜ ପିତା ଶ୍ରୀ କୃଷ୍ଣ ଙ୍କ ନିକଟରେ କ୍ଷମା ପ୍ରାର୍ଥନା ମାଗି ତାଙ୍କୁ କୁଷ୍ଠ ରୋଗ ରୁ ମୁକ୍ତି ପାଇଁ ପ୍ରାର୍ଥନା କରିଥିଲେ। ପ୍ରଭୂ ଶ୍ରୀ କୃଷ୍ଣ ଶାମ୍ବ ଙ୍କୁ ପରାମର୍ଶ ଦେଇ ଥିଲେ ସେ ଦେବର୍ଷି ନାରଦ ଙ୍କ ସାହାଯ୍ୟ ନେବାକୁ। ଶାମ୍ବ ଦେବର୍ଷି ନାରଦ ଙ୍କୁ ସାକ୍ଷାତ କରି ନିଜ ଦୋଷ ସ୍ୱୀକାର କରି ସେ କିପରି ପିତୃ ଅଭିଶାପ ରୁ ମୁକ୍ତି ପାଇବେ ଉପାୟ ବତାଇ ଦେବାକୁ ତାଙ୍କୁ ଅନୁରୋଧ କରି ଥିଲେ। ଦେବର୍ଷି ନାରଦ ଶାମ୍ବ ଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ତୁମେ କଳିଙ୍ଗ ରାଜ୍ୟ ର ସମୁଦ୍ର କୂଳ ରେ ଥିବା ମୈତ୍ରେୟ ମୁନି ଙ୍କ ଆଶ୍ରମ କୁ ଯାଇ ସେଠାରେ ସୂର୍ଯ୍ୟ ନାରାୟଣ ଙ୍କୁ ଆରାଧନା କର। ସୂର୍ଯ୍ୟ ନାରାୟଣ ଦୟା କଲେ ତୁମେ ଏହି କୁଷ୍ଠ ରୋଗ ରୁ ମୁକ୍ତି ପାଇ ତୁମ ପୂର୍ବ ସୌନ୍ଦର୍ଯ୍ୟ ଫେରି ପାଇବ। ଦେବର୍ଷି ନାରଦ ଙ୍କ ପରାମର୍ଶ କ୍ରମେ ଶାମ୍ବ ପୁରାଣ ବର୍ଣ୍ଣିତ ମୈତ୍ରେୟ ଋଷିଙ୍କ ଆଶ୍ରମ ବର୍ତ୍ତମାନ ର କୋଣାର୍କ ର ଅବଧୂତ ମଠ ରେ ପହଞ୍ଚି ଋଷି ମୈତ୍ରେୟ ଙ୍କ ସରଣାପର୍ଣ୍ଣ ହୋଇଥିଲେ। ଋଷି ଙ୍କ କହିବା ଅନୁସାରେ ଶାମ୍ବ ଚନ୍ଦ୍ରଭାଗା ତୀର୍ଥରେ ବୁଡ଼ ପକାଇ ସବୁ ଦିନ ପ୍ରାତଃ, ମଧ୍ୟାହ୍ନ, ସଂଧ୍ୟା ରେ ସୂର୍ଯ୍ୟ ନାରାୟଣ ଙ୍କୁ ଆରାଧନା କଲେ। ଦୀର୍ଘ ବାର ବର୍ଷ ଧରି ତପସ୍ୟା କରିବା ପରେ ସୂର୍ଯ୍ୟ ନାରାୟଣ ଶାମ୍ବ ଙ୍କ ପୂଜା ଓ ଭକ୍ତି ରେ ସନ୍ତୁଷ୍ଟ ହୋଇ ତାଙ୍କୁ କୁଷ୍ଠ ରୋଗ ରୁ ମୁକ୍ତି ପ୍ରଦାନ କରିବା ସହିତ ତାଙ୍କ ର ପୂର୍ବ ରୂପ ଲାବଣ୍ୟ ପ୍ରଦାନ କରିଥିଲେ। ଶାମ୍ବ ଚନ୍ଦ୍ରଭାଗା ତୀର୍ଥରେ ଏହି ପୌଷ ମାସ ଶୁକ୍ଳପକ୍ଷ ଦଶମୀ ତିଥି ରେ ବୁଡ଼ ପକାଇବାପରେ ତାଙ୍କୁ କୁଷ୍ଠ ରୋଗ ରୁ ମୁକ୍ତି ମିଳିଥିଲା ଓ ଶାମ୍ବ ସେହି ଦିନ ପାଣି ରୁ ଏକ ମିତ୍ରାଦିତ୍ୟ (ସୂର୍ଯ୍ୟ ଦେବତା) ଙ୍କ କମନୀୟ ମୂର୍ତ୍ତି ପାଇଥିଲେ। ଶାମ୍ବ ଏହି ମୂର୍ତ୍ତିକୁ କୋଣାର୍କ ଠାରେ ସ୍ଥାପନା କରି ପୂଜା କରିବା ସହିତ ସୂର୍ଯ୍ୟ ନାରାୟଣଙ୍କ ପାଇଁ ଏକ ରଥଯାତ୍ରା ଆରମ୍ଭ କରିଥିଲେ। ସେଥିପାଇଁ ଏହି ଦଶମୀ ତିଥି କୁ ଶାମ୍ବ ଙ୍କ ନାମାନୁସାରେ ଶାମ୍ବ ଦଶମୀ କୁହାଯାଇ ଆସୁଛି। ଏହି ଦିନ ସୂର୍ଯ୍ୟ ନାରାୟଣ ଙ୍କୁ ଆରାଧନା କଲେ ସର୍ବ ରୋଗ ବ୍ୟାଧି ରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଶାମ୍ବ ଦଶମୀ ଦିନ ପ୍ରତି ଓଡ଼ିଆ ଙ୍କ ଘରେ ଭକ୍ତି ଓ ନିଷ୍ଠାର ସହିତ ସୂର୍ଯ୍ୟ ପୂଜା ଅନୁଷ୍ଠିତ ହୋଇଥାଏ। ଘର ଅଗଣା କୁ ଲିପା ପୋଛା କରି ପଞ୍ଚ ମୁରୁଜ ପକାଇ ପୂର୍ଣ୍ଣକୁମ୍ଭ ସ୍ଥାପନା କରାଯାଇ ଏକ ପିଢ଼ା ଉପରେ ଏକ ଗୁଆ କୁ ସୂର୍ଯ୍ୟ ନାରାୟଣ ଙ୍କ ପ୍ରତୀକ ଭାବେ ସ୍ଥାପନା କରାଯାଏ। ପ୍ରାତଃ ରେ ଉଦୟ ଭାନୁ ଙ୍କୁ ଫଳ ମୂଳ, ପୋଡ଼ ପିଠା ଓ ମିଷ୍ଟାନ୍ନ, ମଧ୍ୟାହ୍ନ ର ତେଜୋଦୀପ୍ତ ତପନ ଙ୍କୁ ଖେଚୁଡ଼ି,ଶିମ୍ବ ମିଶ୍ରିତ ବ୍ୟଞ୍ଜନ, ପିଠା, ଖିରି ଓ ଅପରାହ୍ନ ରେ ଅସ୍ତଗାମୀ ଅଂଶୁମାନ ଙ୍କୁ କାକରା, ମାଲପୁଆ ପ୍ରଭୃତି ଭୋଗ ଲାଗି କରାଯାଇଥାଏ।ଧର୍ମୀୟ ଭାବନା ଅନୁସାରେ ଆମ ଓଡ଼ିଶା କୁ ଚାରିଧାମ ରେ ବିଭକ୍ତ କରାଯାଇ ବର୍ଷକ ବାର ମାସ ରୁ ପ୍ରତି ତିନି ମାସରେ ଗୋଟିଏ ରଥଯାତ୍ରା ର

ଆୟୋଜନ କରାଯାଇଆସୁଛି। ବୈଶାଖ, ଜ୍ୟେଷ୍ଠ ଓ ଆଷାଢ଼ ମାସ କୁ ନେଇ ପ୍ରଥମ ରେ ଶଙ୍ଖନାଭି ମଣ୍ଡଳ ଶ୍ରୀକ୍ଷେତ୍ର ପୁରୀ ଠାରେ ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବା ଘୋଷଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଶ୍ରାବଣ,ଭାଦ୍ରବ ଓ ଆଶ୍ୱିନ ମାସ କୁ ନେଇ ଦ୍ୱିତୀୟ ଥର ଯାଜପୁର ସ୍ଥିତ ଆଦିମାତା ବିରଜା ଙ୍କ ଗଦା କ୍ଷେତ୍ର ଠାରେ ରଥଯାତ୍ରା, କାର୍ତ୍ତିକ, ମାର୍ଗଶିର ଓ ପୌଷ ମାସ କୁ ନେଇ ତୃତୀୟ ଥର କୋଣାର୍କ ପଦ୍ମ କ୍ଷେତ୍ର ଠାରେ ସୂର୍ଯ୍ୟ ନାରାୟଣ ଙ୍କ ରଥଯାତ୍ରା, ମାଘ, ଫଗୁଣ ଓ ଚୈତ୍ର ମାସ କୁ ନେଇ ଚତୁର୍ଥ ଥର ଚକ୍ର କ୍ଷେତ୍ର ଏକାମ୍ର (ଭୁବନେଶ୍ୱର) ଠାରେ ଲିଙ୍ଗରାଜ ମହାପ୍ରଭୂ ଙ୍କ ରଥ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପୁରାଣ ବର୍ଣ୍ଣିତ ମୈତ୍ରେୟ ବନ ବା ଆଜି ର କୋଣାର୍କ ଠାରେ ଅନୁଷ୍ଠିତ ହୋଇଆସୁଥିବା ସୂର୍ଯ୍ୟ ନାରାୟଣ ଙ୍କ ରଥଯାତ୍ରା ଏକ ଅନନ୍ୟ ମହୋତ୍ସବ ଭାବେ ପରିଚିତ ହୋଇ ଆସୁଛି। ପ୍ରଭୂ ଶ୍ରୀ କୃଷ୍ଣଙ୍କ ପୁତ୍ର ଶାମ୍ବଙ୍କ ଦ୍ୱାରା କୋଣାର୍କଠାରେ ଆରମ୍ଭ ହୋଇଥିବା ସୂର୍ଯ୍ୟ ନାରାୟଣଙ୍କ ରଥଯାତ୍ରା ରାଜା ପୁରନ୍ଦର କେଶରୀ ଓ ଲାଙ୍ଗୁଳା ନରସିଂହ ଦେବ ବଜାୟ ରଖିଥିଲେ। ପରବର୍ତ୍ତୀ ସମୟରେ ସୂର୍ଯ୍ୟ ନାରାୟଣ ଙ୍କ ମନ୍ଦିର ଭାଙ୍ଗି ଯିବାରୁ କୋଣାର୍କ ଠାରେ ସୂର୍ଯ୍ୟ ନାରାୟଣ ଙ୍କ ପୁଜାର୍ଚ୍ଚନା ଓ ରଥ ଯାତ୍ରା ବନ୍ଦ ହୋଇ ଯାଇଥିବା ମାଦଳା ପାଞ୍ଜି ରୁ ସୂଚନା ମିଳେ। ଅନନ୍ତ ଅବଧୂତ ମଠ ସ୍ୱର୍ଗତ ମହନ୍ତ ଆର୍ତ୍ତତ୍ରାଣ ଦାସ, ଅର୍କକ୍ଷେତ୍ର ର ବିଶିଷ୍ଟ ଗବେଷକ ଡକ୍ଟର ଉପେନ୍ଦ୍ରନାଥ ଭୋଳ ଓ ଅର୍କଶ୍ରୀ ର ସଂପାଦକ ଉମେଶ ସ୍ୱାଇଁ ପ୍ରମୁଖ ଙ୍କ ପ୍ରଚେଷ୍ଟା ରେ ୧୯୯୮ ମସିହା ରୁ କୋଣାର୍କଠାରେ ପୁନଃ ସୂର୍ଯ୍ୟ ନାରାୟଣ ଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏବେ କୋଣାର୍କ ର ଅନନ୍ତ ଅବଧୂତ ମଠ, ଓଡ଼ିଶା ରାଜ୍ୟ ସୌର ବ୍ରାହ୍ମଣ ପରିଷଦ, ଅର୍କକ୍ଷେତ୍ର ଗାୟତ୍ରୀ ପରିବାର ପକ୍ଷରୁ ଆନନ୍ଦ ଉଲ୍ଲାସର ସହିତ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ପୁରାଣ ବର୍ଣ୍ଣିତ ମୈତ୍ରେୟ ଋଷିଙ୍କ ଆଶ୍ରମ ବା ଶ୍ରୀ କୃଷ୍ଣ ଙ୍କ ପୁତ୍ର ଶାମ୍ବ ଙ୍କ ତପସ୍ୟା ସ୍ଥଳୀ କୋଣାର୍କ ର ସର୍ବ ପୁରାତନ ଅବଧୂତ ମଠ ପରିସର ରୁ ଏହି ସୂର୍ଯ୍ୟ ନାରାୟଣ ଙ୍କ ରଥଯାତ୍ରା ବାହାରି ଚନ୍ଦ୍ରଭାଗା ସ୍ଥିତ ଛୋଟାରାମ ବାବା ଙ୍କ ଆଶ୍ରମ ରେ ପହଞ୍ଚିଥାଏ।


**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮**


# ନୂଆବର୍ଷ: କିଛି କଥା କିଛି ବ୍ୟଥା



**ସୁବାସ ଷଡଙ୍ଗୀ**

ଭାରତ ଉନ୍ନୟନର ପଥ ପ୍ରଦର୍ଶକା ଏମିତି ଏକ ବାର୍ତା ଏବେ ଆମ ଗଣମାଧମରେ ଅହରହ ପ୍ରଚାରିତ ହେଉଛି। କୁହାଯାଉଛି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମେ କୁଆଡେ ସବୁ ସମସ୍ୟାର ସମାଧାନ ସହଜରେ କରିପାରୁଛୁ। ସତରେ କଣ ଆମେ ଆମେରିକା ଇଂଲଣ୍ଡ, ଋଷ ଓ ଚୀନର ସମକକ୍ଷ ହେଇପାରିଛୁ? ନା କେବଳ ସ୍ଲୋଗାନରେ ସୀମିତ ରହିଛୁ?

ବୁଦ୍ଧିଜୀବିମାନେ କହନ୍ତି, ଲୋକଙ୍କ ଅଜାଣତରେ ଆମେ କ୍ରମେ ଏକ ସାମଗ୍ରିକ ଅର୍ଥ ସାମାଜିକ ସଂକଟର କରିବାକୁ ଯାଉଚୁ। ୨୦୨୫ ମସିହା ସରିଲା। ନୂଆବର୍ଷ ଆସିଲା। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ସମସ୍ତେ ତତପର। କିନ୍ତୁ କେଉଁ ଯେତୋଟି ପ୍ରଶ୍ନ ଆମକୁ ୨୦୨୫ ଛାଡି ଦେଇ ଯାଇଛି, ତାର ଉତର କିଏ ଦେବ? ସମଗ୍ର ଦେଶରେ ଏକ ଅନିଶ୍ଚିତତା, ଅସ୍ଥିରତା ଓ ପ୍ରଶାସନିକ ଅବ୍ୟବସ୍ଥା ତଥା ଆର୍ଥିକ ସଂକଟ ଲାଗି ରହିଛି। ଆମେ କାହିଁକି ସୁଶାସନ ସ ସୁସ୍ଥଜୀବନ ପାଇବାକୁ ଅକ୍ଷମ?

ଦେଖିବାର କଥା ହେଲା, ହିମାଚଳ ପ୍ରଦେଶ, ଉତରାଖଣ୍ଡ, ଜାମ ୁଓ କାଶ୍ମୀରରେ ବର୍ଷାଦିନରେ ଯେଉଁ ଭୟଙ୍କର ଧ୍ୱଂସଲୀଳା ଦେଖା ଦେଲା, ତାର ପରିଣତି କଣ? ୨୦୨୫ ମସିହା ଦେଖାଇଦେଲା, ବର୍ଷାଦିନ ଆମ ପାଇଁ କେବେହେଲେ ସ୍ୱାଭାବିକ ନୁହେଁ। ଏଭଳି ଭୟଙ୍କର ଧ୍ୱଂସଲୀଳାର କାରଣ କଣ? ଅତିରିକ୍ତ ଅବୈଜ୍ଞାନିକ ଉନ୍ନୟନ, ପାହାଡ ଧ୍ୱଂସ, ପାହାଡ କାଟି ରାସ୍ତା ନିର୍ମାଣ, ନଦୀ ବନ୍ଧେଇ ଉନ୍ନୟନ କରିବା ନା ଆଉ କିଛି? ସାରା ବର୍ଷ କେବଳ ଧ୍ୱଂସର ଲୀଳା ଆମେ ଦେଖିଲେ। ଭାରତର ପ୍ରଧାନ ତିନୋଟି ପାହାଡି ରାଜ୍ୟର ଅନେକ ଗାଁ ଏଥରକ ବର୍ଷା ବିପ୍ରାତରେ ନିଶ୍ଚିହ୍ନ ହୋଇଯାଇଛି।




୨୦୨୫ ମସିହାରେ ଅପରେସନ ସିନ୍ଦୁର ହେବା ପର୍ଯ୍ୟନ୍ତ ଆମର ଧାରଣା ଥିଲା, ଭାରତ ଆନ୍ତର୍ଜାତୀୟ ମହଲରେ ଏକ ବିଶ୍ୱଶକ୍ତିରେ ପରିଣତ ହୋଇସାରିଛି। ସେମିତି ଭାବି ଆମେ ମନକୁ ମନ ଗର୍ବ ଅନୁଭବ କରୁଥିଲୁ। କିନ୍ତୁ ଅପରେସନ ସିନ୍ଦୁର ପରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆମର ସବୁ ସ୍ୱପ୍ନକୁ ମାଟିରେ ମିଶାଇ ଦେଲେ। ତାଙ୍କର ଯୁକ୍ତି ସେ କୁଆଡେ ଭାରତକୁ ଧମକ ଦେଇ ଯୁଦ୍ଧ ବନ୍ଦ କରିଦେଲେ।ଭାରତ ଉପରେ ରପ୍ତାନୀ ସାମଗ୍ରୀ ଉପରେ ଶତକଡା ପଚାଶ ଭାଗ ଶୁଳ୍କ ଲଗାଇ ଆମ ଅର୍ଥନୀତିକୁ ସଂକଟ ଭିତରକୁ ଠେଲିଦେଇଛନ୍ତି। ଏତେବଡ ସୁଯୋଗ ପାଇ ଆମେ କଣ ପାଇଁ ଯୁଦ୍ଧ ବନ୍ଦ କଲୁ? କଣ ପାଇଁ ପିଓକେକୁ ଦଖଲ କରିପାରିଲୁ ନାହିଁ? ୧୯୭୧ ବଙ୍ଗଳାଦେଶ ଯୁଦ୍ଧ ପରେ ପିଓକେ କାହିଁକି ଦଖଲ କଲେ ନାହିଁ ବୋଲି ଯେଉଁମାନେ ଇନ୍ଦିରାକୁ ସମାଲୋଚନା କରିବାକୁ ପଛେଇ ନି, ସେମାନେ ଏବେ ପୁଣି ଥରେ ସୁଯୋଗ ପାଇ ଛାଡିଦେଲେ, ତାର ଉତର ଦେଉ ନାହାଁନ୍ତି।

ସବୁଠାରୁ ଦୁରକ୍ଷିତ ସ୍ଥାନ ହେଲା ଦିଲ୍ଲୀ। କାରଣ ଏହା ଆମର ରାଜଧାନୀ। କିନ୍ତୁ ସେଠାରେ ମଧ ଆତଙ୍କବାଦୀଙ୍କ ବିସ୍ଫୋରଣ। ଖୋଦ ରାଜଧାନୀର ଅନତିଦୂରରେ ଥିବା ଏକ ମେଡିକାଲ କଲେଜରୁ ସବୁ କିଛି ଯୋଜନା ହେଲା, ହେଲେ କେହି କିଛି ଜାଣି ପାରିଲେ ନାହିଁ। ଗୁପ୍ତଚର ବା ଗୋଇନ୍ଦା ସମସ୍ତେଫେଲ। ପରବର୍ତୀ ଅବସ୍ଥାରେ ଏହାର ତଦନ୍ତ କୁଆଡେ ଗଲା ତାହା ମଧ ଅଜଣା।

ଏତରକ ଅର୍ଥନୀତି। ଭାରତୀୟ ଟଙ୍କାର ଅବମୁଲ୍ୟାୟନ ଘଟିଚାଲିଛି। ମାତ୍ର ବାରବର୍ଷ ତଳେ ଡଲାରର ବିନିମୟ ମୂଲ୍ୟ ଥିଲା ଷାଠିଏ ଟଙ୍କା। ଏବେ ନବେ ଟଙ୍କା ପାର ହୋଇଗଲାଣି। ୨୦୦୧ ରୁ ୨୦୧୩ ମସିହା ମଧରେ ଡଲାରର ବିନିମୟ ମୂଲ୍ୟ ବଢ଼ିଥିଲା ମାତ୍ର ତେର ଟଙ୍କା। ମାତ୍ର ଏଥରକ ମାତ୍ର ଏଗାର ବର୍ଷ ଭିତରେ ବଢ଼ିଲା ତରିଶ ଟଙ୍କା। ବାର ବର୍ଷ ପୂର୍ବେ ସୁନାର ଦାମ ଥିଲା ଅଣତରିଶ ହଜାର ଟଙ୍କା। ଏବେ ଏକ ଲକ୍ଷ ତରିଶ ହଜାର ଟଙ୍କା।

ଭାରତରେ ଗ୍ରାଜୁଏଟଙ୍କ ସଂଖ୍ୟା କ୍ରମଶଃ ବଢ଼ିଚାଲିଛି। ୨୦୨୫ ଅକ୍ଟୋବର ମାସ ମଧ୍ରରେ ଆମ ଦେଶରେ ଗ୍ରାଜୁଏଟମାନଙ୍କ ଚାକିରି କରିବାର ସୁଯୋଗ କମିଛି ଶତକଡା ନଅ ଶତାଂଶ। ୨୦୨୪ ମସିହାରୁ୨୦୨୫ ଅକ୍ଟୋବର ମଧରେ ଅର୍ଥାତ ଗୋଟିଏ ବର୍ଷ ଭିତରେ କମିଛି ନଅ ଶତାଂଶ। ନୌକରି,ିବ ସ୍ପିକ ପକ୍ଷରୁ ପ୍ରକାଶିତ ରିପୋର୍ଟ ଏହା ଦର୍ଶାଉଛି।

ଫର୍ମାଲ ଜବ ବା ସରକାରୀ ଚାକିରି କରିବା ବେକାରଙ୍କ ସଂଖ୍ୟା ଲଗାତର ଭାବରେ କମିବାରେ ଲାଗିଛି। ପ୍ରାୟ କୋଡିଏ ଶତାଂଶ ବେକାର ଗ୍ରାଜୁଏଟ କାମ ପାଉ ନାହାନ୍ତି। ୨୦୧୫ମସିହାରୁ ୨୦୨୫ ମସିହା ମଧରେ ଗ୍ରାଜୁଏଟଙ୍କ ବେସଲେବଲ ଦରମା ଥିଲା ତିରିଶ ହଜାର ଟଙ୍କା। ଏହି ହାରରେ କୌଣସି ପରିବର୍ତନ ହୋଇ ନାହିଁ ଦଶ ବର୍ଷ ଭିତରେ। ବେସରକାରି କ୍ଷେତ୍ରରେ ଚାକିରି କରୁଥିବା ଶିକ୍ଷିତ ଲୋକମାନଙ୍କର ଦରମା କରୋନା ପରେ ବଢ଼ିନାହିଁ।

ଭାରତରେ ବିଗତ ଦଶ ବର୍ଷ ଭିତରେ ଗୋଟିଏ ମାତ୍ର ଚାକିରି ବଢ଼ିଛି, ତାହାହେଲା 'ଲାପଟପ କ୍ଲାସ' ଚାକିରି। ଗୋଟାଏ କଥାରେ ଯାହାକୁ କୁହାଯାଇପାରେ, ଯେଉଁମାନଙ୍କ ଚାକିରି ବା ଜୀବିକାର ପ୍ରଧାନ ଉପକରଣ ବା ମାଧମ ହେଲା 'ଲାପଟପ'। ଏମାନଙ୍କ ସଂଖ୍ୟା ବହୁତ ବେଶୀ।ଆଇଟି, ସଫଟୱେର, ବୀମା, ବ୍ୟାଙ୍କ, ଫିନାନ୍ସ, ଟ୍ୟାକ୍ସ କନସଲଟାନ୍ସି ଅଡିଟ ପ୍ରସେସ, ସର୍ଭିସ ଇତ୍ୟାଦି କିଛି କ୍ଷେତ୍ର। ସବୁଠାରୁ ଉଦବେଗଜନକ ତଥ୍ୟ ହେଲା ଏଇ ଲାପଟପ କ୍ଲାସ ଚାକିରି ଆଉ ସେଭଳି ବଢୁ ନାହିଁ ଏଆଇ ପ୍ରଚଳନ ଫଳରେ ଏମାନଙ୍କ ଉପରେ ଚଡକ ପଡ଼ିଛି।

ହଠାତ ଦିନେ ସକାଳୁ ଦେଖିଲାବେଳକୁ ସାରା ଭାରତରେ ଗୋଟାଏ ଏୟାର ଲାିନ୍ସର ସବୁ ଫ୍ଲାଇଟ ବାତିଲ। ଲୋକ ହଇରାଣ। ସରକାର ନୀରବ। ଦେଶବ୍ୟାପି ହା ହା କାର ପରିସ୍ଥିତି। ଯେମିତି ୨୦୨୦ ମସିହାରେ ଲକଡାଉନ ଘୋଷଣା ହେଲା। ବର୍ଷ ତମାମ ଏମିତି ଅନେକ ଅଘଟଣା। ସବୁ ଶ୍ରେଣୀର ଲୋକ ଏହାଦ୍ୱାରା ହଇରାଣ ହେଲେ। ସରକାର ହାତ ଟେକିଦେଲେ।

ଆନ୍ତର୍ଜାତୀୟ ଅର୍ଥ ଭଣ୍ଡାର ଆଇଏମଏଫ କିଛିଦିନ ଆଗରୁ କହିଛି, ଭାରତର ଜିଡିପି ବୃଦ୍ଧିହାର, ଯେଉଁ ମାପକାଠିରେ ମପାଯାଏ, ତାହା ହେଉଛି 'ସି' ଗ୍ରେଡର। ଅର୍ଥାତ ବିଶ୍ୱାସଯୋଗ୍ୟ ନୁହେଁ।ଅସହିଷ୍ଣୁତା, ଅଶିକ୍ଷା, ଶୃଙ୍ଖଳାହୀନତା ସବୁ ସ୍ତରରେ ଦେଖାଦେଇଛି। ଧର୍ମାଚରଣ ବଢ଼ିଛି। ଅପସଂସ୍କୃତି ଓ ଅଶିକ୍ଷାକୁ ପରମ୍ପରା ନାମରେ ଆଗକୁ ଛଡାଯାଉଛି।

ଆମେରିକା କଥା ଛାଡନ୍ତୁ, ଯଦି ତାଇୱାନ ଆମକୁ ସେମିକଣ୍ଡକ୍ଟର ଦେବା ବନ୍ଦ କରିଦେବ, ଆମର ସବୁ କିଛି ଓଲଟପାଲଟ ହୋଇଯିବ। ଭାରତର ପ୍ରଥମ କର୍ତବ୍ୟ ହେଉଛି ସେମିକର୍ଡକ୍ଟର, ରେୟାର ଆର୍ଥ ଭଳି ମିନେରାଲ ଉତ୍ପାଦନ କ୍ଷେତରେ ଅଧିକ ବିନିଯୋଗ କରିବା।ଗୋଟାଏ ସୋସିଆଲ ମିଡିଆ ତିଆରି କରିବାକୁ ଆମେ ଅକ୍ଷମ। ସବୁ ଆମେରିକାର। ଇମେଲ ଅବସ୍ଥା ସେଇଆ।ଗୋଟାଏ ଭଲ ମୋବାଇଲ ତିଆରି କାରଖାନା ଆମେ ପ୍ରତିଷ୍ଠ କରିପାରିଲୁ ନାହିଁ। କେବଳ ଗୋଟାଏ କ୍ଷେତ୍ରରେ ଆମେ ଆଗୁଆ, ତାହାହେଲା ହିନ୍ଦୁ ମୁସଲମାନ।

ଯାହାହେଉ, ଏବେ ଭାରତ ପଛପଟୁ ଆଗକୁ ବଢୁଛି। ସେଇଥିରେ ଆମେ ଖୁସ।

# ମନ ତୋହର ନିଜ ଗୁରୁ: ଡିଜିଟାଲ ଯୁଗରେ ଆତ୍ମନିର୍ଭରଶୀଳତାର ଆହ୍ୱାନ



**ପ୍ରଭାକର ସାହୁ**

ଶ୍ରୀମଦ୍ ଭାଗବତ ପୁରାଣରେ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଛନ୍ତି – "ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ"। ଏହି ଅମୂଲ୍ୟ ଉକ୍ତିର ଅର୍ଥ ହେଉଛି ଯେ ଆମର ମନ ହିଁ ଆମର ପ୍ରକୃତ ଗୁରୁ। ବାହ୍ୟ ପ୍ରଭାବରେ ବିଭ୍ରାନ୍ତ ନ ହୋଇ, ନିଜ ଅନ୍ତରାତ୍ମାର କଥା ଶୁଣି ନିଷ୍ପତ୍ତି ନେବା ହିଁ ଜୀବନର ସଠିକ୍ ପଥ। ଏହି ପ୍ରାଚୀନ ଜ୍ଞାନ ଆଜିର ୨୦୨୫ ମସିହାର ଡିସେମ୍ବରରେ, ଯେତେବେଳେ ବିଶ୍ୱ କୃତ୍ରିମ ବୁଦ୍ଧିମତ୍ତା (AI) ଏବଂ ସୋସିଆଲ ମିଡିଆର ଜାଲରେ ଜଡ଼ିତ ହୋଇଯାଇଛି, ଆହ୍ୱାନ ପରି ଅନୁଭବ ହେଉଛି। ଭାରତରେ ଏବଂ ବିଶେଷକରି ଓଡ଼ିଶାରେ ମଧ ଏହି ଉକ୍ତିର ପ୍ରାସଙ୍ଗିକତା ଅଧିକ ଗଭୀର ହୋଇଉଠିଛି।



ଆଜିର ଡିଜିଟାଲ ଯୁଗରେ ମନୁଷ୍ୟର ମନ ବାହ୍ୟ ପ୍ରଭାବରେ ସହଜରେ ବିଭ୍ରାନ୍ତ ହୋଇଯାଉଛି। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକରେ ଦିନକୁ ଘଣ୍ଟା ଘଣ୍ଟା ବିତାଇବା ଯୁବପିଢ଼ିକୁ ମାନସିକ ଚାପ, ଅବସାଦ ଏବଂ ଆତ୍ମହତ୍ୟାର ଚିନ୍ତା ଆଡ଼କୁ ଠେଲି ଦେଉଛି। ଭାରତରେ ୧୫-୨୯ ବର୍ଷ ବୟସର ଯୁବକଙ୍କ ମଧରେ ଆତ୍ମହତ୍ୟା ମୃତ୍ୟୁର ପ୍ରମୁଖ କାରଣ ହୋଇଉଠିଛି। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ୨୦୨୫ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସୋସିଆଲ ମିଡିଆର ଟକ୍ସିକ୍ କମ୍ପାରିଜନ୍ କଲଚର ଏବଂ ମିଥ୍ୟା ଖବର ଯୁବକଙ୍କ ମାନସିକ ସ୍ୱାସ୍ଥ୍ୟକୁ ଗମ୍ଭୀର କ୍ଷତି ପହଞ୍ଚାଉଛି। ପୋଷ୍ଟ-ପ୍ୟାଣ୍ଡେମିକ୍ ଯୁଗରେ ଏହି ସମସ୍ୟା ଆହୁରି ବଢ଼ିଛି, ଯେଉଁଠାରେ ସାଇବରବୁଲିଙ୍ଗ୍, ଡିଜିଟାଲ ଆଡିକ୍ସନ୍ ଏବଂ ମିଥ୍ୟା ଖବରର ପ୍ରସାର ଯୁବକଙ୍କୁ ଅଧିକ ପ୍ରଭାବିତ କରୁଛି। ଭାରତରେ ଯୁବକଙ୍କ ମଧରେ ଆତ୍ମହତ୍ୟାର ହାର ୩୫ ପ୍ରତିଶତରୁ ଅଧିକ ହୋଇଛି, ଏବଂ ଅଧିକାଂଶ କ୍ଷେତ୍ରରେ ସୋସିଆଲ ମିଡିଆର ନକାରାତ୍ମକ ପ୍ରଭାବ ଦେଖାଯାଉଛି।

ଏହି ପରିପ୍ରେକ୍ଷୀରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା ଆହୁରି ଚିନ୍ତାଜନକ। ୨୦୨୫ରେ ଡିପ୍‌ଫେକ୍ ଭିଡିଓ ଏବଂ କୃତ୍ରିମ ବୁଦ୍ଧିମତ୍ତା - ଜେନେରେଟେଡ୍ କଣ୍ଟେଣ୍ଟର ପ୍ରସାର ଏତେ ବଢ଼ିଛି ଯେ ଭାରତ ସରକାର ଅକ୍ଟୋବରରେ ନୂଆ ନିୟମ ପ୍ରସ୍ତାବ କରିଛନ୍ତି, ଯେଉଁଥିରେ କୃତ୍ରିମ ବୁଦ୍ଧିମତ୍ତା -ଜେନେରେଟେଡ୍ କଣ୍ଟେଣ୍ଟକୁ ଲେବଲ୍ କରିବା ବାଧ୍ୟତାମୂଳକ ହେବ। ଏହା ମିଥ୍ୟା ଖବର, ଧୋକା ଏବଂ ବ୍ୟକ୍ତିଗତ ପ୍ରତାରଣାରୁ ରକ୍ଷା କରିବ। କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ଚାଟ୍‌ବଟ୍‌ଗୁଡ଼ିକ ମାନସିକ ସ୍ୱାସ୍ଥ୍ୟ ପରାମର୍ଶ ଦେଉଥିବା ବେଳେ ଅନେକ ସମୟରେ ଭୁଲ୍ କିମ୍ବା ବିପଦଜନକ ଉତ୍ତର ଦେଇ ସମସ୍ୟା ବଢ଼ାଇ ଦେଉଛନ୍ତି। ଏହା ଦର୍ଶାଉଛି ଯେ ଟେକ୍ନୋଲୋଜି ଯେତେ ଉନ୍ନତ ହେଲା ନା କାହିଁକି, ନିଜ ମନର ବିବେକ ହିଁ ଅନ୍ତିମ ଗୁରୁ।

ଓଡ଼ିଶାର ପ୍ରସଙ୍ଗରେ ଏହି ସମସ୍ୟା ଆହୁରି ଗମ୍ଭୀର। ରାଜ୍ୟରେ ଯୁବକଙ୍କ ମଧରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବଢ଼ୁଛି, ଏବଂ ଗ୍ରାମାଞ୍ଚଳରେ ଡିଜିଟାଲ ଡିଭାଇଡ୍ ଏହାକୁ ଆହୁରି ଜଟିଳ କରୁଛି। କିନ୍ତୁ ଏହି ଅନ୍ଧକାର ମଧରେ ଆଲୋକର କିରଣ ହେଉଛି ସୁଭଦ୍ରା ଯୋଜନା। ଏହି ଯୋଜନା ଓଡ଼ିଶାର ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେଇ ନିଜ ଉପରେ ବିଶ୍ୱାସ ବଢ଼ାଉଛି। ୨୦୨୫ ଡିସେମ୍ବର ସୁଦ୍ଧା ଏହି ଯୋଜନା ଏକ ବର୍ଷ ପୂର୍ତ୍ତି କରିଛି, ଏବଂ ଏକ କୋଟିରୁ ଅଧିକ ମହିଳା ଏହାର ଲାଭ ପାଇଛନ୍ତି। ପ୍ରତି ବର୍ଷ ୧୦,୦୦୦ ଟଙ୍କା (ଦୁଇ କିସ୍ତିରେ ୫,୦୦୦ ଲେଖାଏଁ) ଏବଂ ମୋଟ୍ ୫୦,୦୦୦ର ଆର୍ଥିକ ସହାୟତା ମହିଳାମାନଙ୍କୁ ନିଜର ନିଷ୍ପତ୍ତି ନେବାର ଶକ୍ତି ଦେଉଛି। ଅଗଷ୍ଟ ୨୦୨୫ରେ ରକ୍ଷାବନ୍ଧନରେ ତୃତୀୟ କିସ୍ତି ବଣ୍ଟନ ହୋଇଛି, ଏବଂ ମୋଟ୍ ୧୫,୦୦୦ କୋଟିରୁ ଅଧିକ ଖର୍ଚ୍ଚ ହୋଇଛି। ଏହା ମହିଳାମାନଙ୍କୁ ଲକ୍ଷପତି ଦିଦି ଭଳି ସ୍ୱାବଲମ୍ବୀ କରିଛି, ଯାହା ରାଜ୍ୟରେ ସର୍ବାଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି କରିଛି। ଏହି ଯୋଜନା ହିଁ ଭାଗବତର ଉକ୍ତିର ଆଧୁନିକ ଉଦାହରଣ – ନିଜର ମନକୁ ଗୁରୁ କରି ଆର୍ଥିକ ଏବଂ ମାନସିକ ସ୍ୱାଧୀନତା ହାସଲ କରିବା। ଡିଜିଟାଲ ଯୁଗରେ ଆତ୍ମନିର୍ଭରଶୀଳତାର ଅର୍ଥ ହେଉଛି ବାହ୍ୟ ପ୍ରଭାବରୁ ମୁକ୍ତ ହେବା। ଓଡ଼ିଶାରେ ପଞ୍ଚାୟତ ସ୍ତରରେ ଡିଜିଟାଲ ପବ୍ଲିକ୍ ଲାଇବ୍ରେରି ଗଢ଼ିବାର ପ୍ରସ୍ତାବ ଏହି ଦିଗରେ ଏକ ଧନାତ୍ମକ ପଦକ୍ଷେପ। ଏହା ଗ୍ରାମାଞ୍ଚଳର ଯୁବକଙ୍କୁ ଡିଜିଟାଲ ଲିଟରେସି ଏବଂ ଫାଇନାନ୍ସିଆଲ୍ ଲିଟରେସି ଦେଇ ସ୍ୱାବଲମ୍ବୀ କରିବ। କିନ୍ତୁ ଏହା ସହିତ ଧ୍ୟାନ, ଯୋଗ ଏବଂ ଆତ୍ମଚିନ୍ତନର ଆବଶ୍ୟକତା ଅଧିକ। ଭାରତୀୟ ସଂସ୍କୃତିରେ ରହିଥିବା ଏହି ପ୍ରାଚୀନ ପ୍ରଥାଗୁଡ଼ିକ ଆଜିର ଯୁବପିଢ଼ିକୁ ମାନସିକ ଶାନ୍ତି ଦେଇପାରିବ। ସୁଭଦ୍ରା ଯୋଜନା ଭଳି କାର୍ଯ୍ୟକ୍ରମ ମହିଳାମାନଙ୍କୁ ଶକ୍ତିଶାଳୀ କରୁଥିବା ବେଳେ, ଯୁବକଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ କାଉନ୍ସେଲିଙ୍ଗ୍ ଏବଂ ଡିଜିଟାଲ ଡିସକସ ପ୍ରୋଗ୍ରାମର ଆବଶ୍ୟକତା ଅଛି।

ଅର୍ଥନୈତିକ ସର୍ଭେ ୨୦୨୪-୨୫ରେ କୁହାଯାଇଛି ଯେ ଯୁବକଙ୍କ ମାନସିକ ସ୍ୱାସ୍ଥ୍ୟ ଦେଶର ଉତ୍ପାଦନଶୀଳତା ଏବଂ ଦୀର୍ଘକାଳୀନ ବିକାଶ ଉପରେ ପ୍ରଭାବ ପକାଇଛି। ତେଣୁ ଆମେ ନିଜେ ନିଜର ଗୁରୁ ହେବା ଉଚିତ୍। ବାହ୍ୟ ଟେକ୍ନୋଲୋଜି କିମ୍ବା ସୋସିଆଲ ମିଡିଆର ଅନ୍ଧ ଅନୁସରଣ ନୁହେଁ, ନିଜ ଅନ୍ତରାତ୍ମାର ଆଲୋକରେ ବାଟ ଚାଲିବା ହିଁ ପ୍ରକୃତ ମୁକ୍ତି। ଓଡ଼ିଶାର ମହିଳାମାନେ ସୁଭଦ୍ରା ଯୋଜନା ଦ୍ୱାରା ଏହି ପଥରେ ଆଗେଇ ଚାଲିଛନ୍ତି, ଏବଂ ଯୁବପିଢ଼ି ମଧ ଏହାରୁ ପ୍ରେରଣା ନେଇ ନିଜକୁ ସ୍ୱାବଲମ୍ବୀ କରିପାରିବେ।

ଆସନ୍ତୁ ଏହି ଡିଜିଟାଲ ଯୁଗରେ ଭାଗବତର ଉକ୍ତିକୁ ସ୍ମରଣ କରି ନିଜ ମନର କଥା ଶୁଣିବା। ଏହା ହିଁ ଆମର ପ୍ରକୃତ ଶାନ୍ତି ଏବଂ ସଫଳତାର ଚାବିକାଠି। ଜୟ ଜଗନ୍ନାଥ!


**ମୋବାଇଲ: ୯୪୩୯୬୫୪୨୨୨**

## ଦିଦିଙ୍କ ଗଡ଼ରେ ଶାହଙ୍କ ହୁଙ୍କାର

# ହଟିବ ଟିଏମ୍‌ସି, ବିଦାହେବେ ଅନୁପ୍ରବେଶକାରୀ



କୋଲକାତା,୩୦ା୧୨ଃ ପଶ୍ଚିମବଙ୍ଗରେ ଶାନ୍ତି ଫେରିବ। ଦୁର୍ନୀତି ହଟିବ। ଖୋଜି ଖୋଜି ବାଂଲାଦେଶୀଙ୍କୁ ଏଠାରୁ ବିଦା କରାଯିବ। କିଛି ଏପରି ଢଙ୍ଗରେ କୋଲକାତାରୁ ମମତା ବାନାର୍ଜୀଙ୍କୁ ଟାର୍ଗେଟ୍ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏହାସହ ରାଜ୍ୟରେ ୧୫ ବର୍ଷ ଧରି ଚାଲିଥିବା ଭୟ, ଭ୍ରଷ୍ଟାଚାର ଏବଂ ଅନୁପ୍ରବେଶର ଅନ୍ତ ଘଟିବ ବୋଲି ଶାହ କହିଛନ୍ତି।

ମଙ୍ଗଳବାର ପଶ୍ଚିମବଙ୍ଗର ରାଜଧାନୀ କୋଲକାତାରେ ଶାହ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏଥିରେ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ବର୍ଷିଛନ୍ତି। ଶାହ କହିଛନ୍ତି ଯେ, ୨୦୨୬ରେ ବିଜେପି ସରକାର ଗଠନ ହେଲେ ଅନେକ ପରିବର୍ତ୍ତନ ହେବ। ଅନୁପ୍ରବେଶକାରୀଙ୍କୁ ବାଛି ବାଛି ବିଦା କରାଯିବ। ରାଜ୍ୟରେ ବିକାଶର ଗତି ବଢ଼ିବ। ପଶ୍ଚିମବଙ୍ଗକୁ ସାଂସ୍କୃତିକ ସ୍ତରରେ ସୁଦୃଢ଼ କରାଯିବ। ସେ ଆହୁରି କହିଛନ୍ତି ଯେ, ଅନୁପ୍ରବେଶକାରୀଙ୍କ ସମସ୍ୟା କେବଳ ରାଜ୍ୟର ନୁହେଁ ଏହା ଜାତୀୟ ପ୍ରସଙ୍ଗ। ଦେଶର ସୁରକ୍ଷା ସହ ଏହା ଜଡିତ। ଦେଶର ସଂସ୍କୃତିକୁ ରକ୍ଷା କରିବାକୁ ହେଲେ ପଶ୍ଚିମବଙ୍ଗ ଦେଇଥିବା ସୀମାକୁ ସିଲ୍ କରାଯିବା ଜରୁରୀ। ଏହା ଟିଏମସି ନୁହେଁ କେବଳ ବିଜେପି କରିପାରିବ। ୨୦୨୬ ଏପ୍ରିଲ ୧୫ ପରେ ବିଜେପି ସରକାର ଗଠନ ହେବ। ଅନେକ ମହାପୁରୁଷଙ୍କ ସ୍ୱପ୍ନର ବେଙ୍ଗଲ ପ୍ରତିଷ୍ଠା କରାଯିବ ବୋଲି ଜୋର ଦେଇଛନ୍ତି ଗୃହମନ୍ତ୍ରୀ।

ଏହା ବ୍ୟତୀତ ଅମିତ ଶାହ କହିଛନ୍ତି ଯେ, ଅନେକ କାରଣ ପାଇଁ ପଶ୍ଚିବମଙ୍ଗବାସୀ ଭୟଭୀତ ଅଛନ୍ତି। ଜନତାଙ୍କୁ ଆଶ୍ୱାସନା ଦେବାର ସମୟ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏଠାରେ ସରକାର ଗଠନ କରାଯିବ। ଏଠାକାର ଗୌରବକୁ ପୁନଃପ୍ରତିଷ୍ଠା କରାଯିବ। ସବୁଆଡେ ବିକାଶ ହେବ ଏବଂ ଗରିବ କଲ୍ୟାଣକୁ ପ୍ରାଥମିକତା ଦିଆଯିବ। କେନ୍ଦ୍ରମନ୍ତ୍ରୀ ଡିସେମ୍ବର ୩୦କୁ ମନେ ପକାଇ କହିଛନ୍ତି ଯେ, ଏହା ସମସ୍ତ ଭାରତୀୟଙ୍କ ପାଇଁ ଗର୍ବର ଦିନ। ୧୯୪୩ରେ ଆଜିର ଦିନରେ ସୁଭାଷ ଚନ୍ଦ୍ର ବୋଷ ପୋର୍ଟ ବ୍ଲେୟରରେ ପ୍ରଥମ ଥର ସ୍ୱାଧିନ ଭାରତର ପତାକା ଉଡାଇଥିଲେ। ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ବଡ ଉପଲବ୍ଧି ଥିଲା। ଆଗାମୀ ଦିନରେ ପଶ୍ଚିମବଙ୍ଗରେ ବିଜେପି ସରକାର ହେବ। ରାଜ୍ୟର ଜନତା ଏନେଇ ସଂକଳ୍ପ କରିସାରିଥିବା ସେ କହିଛନ୍ତି।

## ଜଳୁଛି ଇରାନ

# ଖାମିନେଇଙ୍କ ବିରୋଧରେ ବିକ୍ଷୋଭ

### ଡଲାର ତୁଳନାରେ ରସାତଳକୁ ଗଲାଣି ରିଆଲ

### ଦରଦାମ ବଢୁଛି, ମୁଦ୍ରାସ୍ଫୀତି ୪୨%ରୁ ଅଧିକ

### ଦେଶରେ ଉତ୍କଟ ଆର୍ଥିକ ସଙ୍କଟ ସ୍ଥିତି



ତେହରାନ,୩୦ା୧୨ଃ ଜଳୁଛି ଇରାନ। ସହରର ଗଳିକନ୍ଦି, ଛକ ବଜାର ସବୁଠି ହୋହଲ୍ଲା, ଜନତାଙ୍କ ଆକ୍ରୋସ। ଜନ ସମୁଦ୍ରକୁ ରୋକିବାକୁ କେବେ ଟିୟର ଗ୍ୟାସ୍ ତ ଆଉ କେବେ ଫଙ୍କ ଫାଇରିଂ କରୁଛନ୍ତି ଇରାନ ପୁଲିସ। ଗତ ଦୁଇଦିନ ହେଲାଣି ଇରାନରେ ଲାଗି ରହିଛି ଏଭଳି ସ୍ଥିତି। ଟାର୍ଗେଟ୍‌ରେ ସୁପ୍ରିମ ଲିଡର ଅୟାତୋଲ୍ଲା ଅଲୀ ଖାମିନେଇ। କାରଣ ରସାତଳକୁ ଗଲାଣି ଦେଶର ଅର୍ଥନୀତି। ଦରଦାମ ଏତେ ଯେ, ସାଧାରଣ ଲୋକର ଜୀବନ ବଞ୍ଚିବା ବି ଦୁର୍ବିସହ ହୋଇପଡ଼ିଲାଣି। ସେପଟେ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକର ଷଡ୍ଯନ୍ତ୍ର ଆସି ଆକ୍ରମଣ ଚାଲିଛି। ଏଭଳି ସ୍ଥିତିରେ ସାଧାରଣ ଲୋକ ତ୍ରାହି ତ୍ରାହି ଡାକି ରାଜରାସ୍ତାକୁ ଓହ୍ଲାଇଛନ୍ତି।

ଆମେରିକୀୟ ଡଲାର ତୁଳନାରେ ଇରାନୀ ରିଆଲ୍ ଏବେ ସର୍ବନିମ୍ନ ସ୍ତରରେ। ଆମେରିକୀୟ ଡଲାର ତୁଳନାରେ ଇରାନର ରିଆଲ୍ ଖସିଲାଣି ୪୨,୦୦୦ରୁ ଅଧିକ। ଦେଶରେ ମହଙ୍ଗା ସ୍ଥିତି ବି ୪୨%ରୁ ଅଧିକ। ଗତ ୩ ବର୍ଷରେ ଖାମିନେଇଙ୍କ ଶାସନରେ ଏହା ସବୁଠାରୁ ବଡ଼ ଆନ୍ଦୋଳନ।

ଆମେରିକା କହୁଛି ଇରାନବାସୀ ଆଉ ଇସ୍ଲାମିକ ଶାସନ ଚାହୁଁ ନାହାନ୍ତି। ସେମାନେ ଏବେ ମୌଲାନା ଶାସନ ହଟାଇବାକୁ ଆନ୍ଦୋଳନ କରୁଛନ୍ତି। ଇରାନୀ-ଆମେରିକୀୟ ସାମ୍ବାଦିକ ଏବଂ ଲେଖକ ମାସିହ ଆଲିନେଜାଦ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି "ଇରାନରୁ ଅନେକ ଭିଡିଓ ଆସୁଛି, ଯେଉଁଥିରେ ଲୋକମାନେ ରାସ୍ତାରେ ଏକ ସ୍ୱରରେ ନାରା ଦେଉଛନ୍ତିଃ ‘ମୁଲ୍ଲାମାନେ ଇରାନ ଛାଡି ଚାଲିଯିବା ଉଚିତ’ ଏବଂ ଏକଚ୍ଛତ୍ରବାଦର ମୃତ୍ୟୁ ହେବା ଉଚିତ୍। ଏହା ସେହି ଲୋକଙ୍କର ସ୍ୱର ଯେଉଁମାନେ ଇସଲାମିକ୍ ଗଣରାଜ୍ୟ ଚାହାଁନ୍ତି ନାହିଁ।

୯୨ ମିଲିଅନରୁ ଅଧିକ ଲୋକଙ୍କ ଦେଶରେ ଆର୍ଥିକ ସଙ୍କଟ ଏବଂ ଆଇନ ଶୃଙ୍ଖଳା ଭଙ୍ଗ ଏବେ ଇରାନର ଧର୍ମଗୁରୁ ଶାସନ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୂର୍ବରୁ ଇସ୍ରାଏଲୀ ଓ ଆମେରିକା ଏହାର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବା ଓ ଡୋନାଲ୍ଡ ଟ୍ରମ୍ପଙ୍କ ସର୍ବାଧିକ ଚାପ ନୀତିର ପ୍ରଭାବରୁ ଇରାନର ଖାମେନି ଶାସନ ପୁନରୁଦ୍ଧାର ପାଇଁ ଚେଷ୍ଟା କରୁଥିବା ବେଳେ ଏବେ ପୁଣି ଆନ୍ଦୋଳନ ସାଂଘାତିକ ସମସ୍ୟା ସୃଷ୍ଟି କରିଛି। ତେଣୁ ଏହି ଆନ୍ଦୋଳନକୁ ନେଇ ପ୍ରଶ୍ନ ଉଠିଛି। ଏହା ପଛରେ ଆମେରିକାର ହାତ ନାହିଁ ତ? କିଛି ଆନ୍ଦୋଳନକାରୀମାନେ ଖାମେନି ଶାସନକୁ ବିରୋଧ କରୁଛନ୍ତି। ୧୯୭୯ ମସିହାରେ ଯେଉଁ ଶାହ ମହମ୍ମଦ ରେଜା ପହଲାଭିଙ୍କ ଶାସନକୁ କ୍ଷମତାଚ୍ୟୁତ କରି ଖାମେନି ଶାସନ କ୍ଷମତାକୁ ଆସିଥିଲା, ଲୋକେ ଏବେ ଏହି ଶାସନକୁ କ୍ଷମତାଚ୍ୟୁତ କରିବାକୁ ଚାହୁଁଛନ୍ତି।

## ବାସଭବନରେ ଡ୍ରୋନ ଆକ୍ରମଣ ପରେ ପୁଟିନ ରକ୍ତମୁଖା

# ପରମାଣୁ ସକ୍ଷମ ଓରେସନିକ ମିସାଇଲ ଆକ୍ଟିଭ ହେଲା



ନୂଆଦିଲ୍ଲୀ,୩୦ା୧୨ଃ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସରକାରୀ ବାସଭବନ ଉପରେ ୟୁକ୍ରେନର ଡ୍ରୋନ ଆକ୍ରମଣ ପରେ ରୁଷ ବଡ଼ ପଦକ୍ଷେପ ନେଇଛି। ରୁଷ ପ୍ରଥମ ଥର ପାଇଁ ପରମାଣୁ ସକ୍ଷମ ଓରେସନିକ ମିସାଇଲକୁ ଆକ୍ଟିଭ କରିଛି। ମସ୍କୋର ଏହି ପଦକ୍ଷେପ ପରେ ୟୁକ୍ରେନ ଉପରେ ବିନାଶକାରୀ ପରମାଣୁ ଆକ୍ରମଣର ବିପଦ ବଢ଼ିଛି। ରୁଷ ସେନା ୟୁକ୍ରେନ ମହାବିନାଶକ ଆକ୍ରମଣ କରିପାରେ।

ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ମଙ୍ଗଳବାର କହିଛି ଯେ, ରୁଷର ପରମାଣୁ ସକ୍ଷମ ଓରେସନିକ ମିସାଇଲ ସକ୍ରିୟ ସେବାରେ ସାମିଲ ହୋଇଛି। ଓରେସନିକ ମିସାଇଲକୁ ଏପରି ସମୟରେ ସକ୍ରିୟ ସେବାରେ ସାମିଲ କରାଯାଇଛି, ଯେତେବେଳେ ୟୁକ୍ରେନରେ ମସ୍କୋ ସହ ଯୁଦ୍ଧକୁ ଶେଷ କରିବା ପାଇଁ ଶାନ୍ତି ବାର୍ତ୍ତାକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚାଇବା ପାଇଁ ଲାଗିଛି। ମନ୍ତ୍ରଣାଳୟ କହିଛି, ଏହି ମିସାଇଲକୁ ପଡ଼ୋଶୀ ଦେଶ ବେଲାରୁଷରେ ନିୟୋଜିତ କରାଯାଇଛି। ତେବେ କେତେ ମିସାଇଲ୍ ନିୟୋଜିତ କରାଯାଇଛି ସେ ବାବଦରେ ବିଶେଷ ସୂଚନା ଦିଆଯାଇନାହିଁ। ପୁଟିନ ୟୁକ୍ରେନ ଦ୍ୱାରା ଡ୍ରୋନ ଆକ୍ରମଣ ବିଷୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅବଗତ କରାଇଥିଲେ। ଟ୍ରମ୍ପ ୟୁକ୍ରେନର କାର୍ଯ୍ୟକୁ ଅତ୍ୟନ୍ତ ଖରାପ ବୋଲି କହିଥିଲେ। ସେ କହିଥିଲେ, ଏହା ବହୁତ ବଡ଼ ଭୁଲ। ମୁଁ ଏ ବିଷୟରେ ବହୁତ କ୍ରୋଧିତ। ସେ ଏହା ମଧ କହିଥିଲେ ଯେ, ଏହା ଶାନ୍ତି ପ୍ରକ୍ରିୟାକୁ ବାଧା ଦେଇପାରେ। ପୁଟିନ ୟୁକ୍ରେନକୁ ଚେତାବନୀ ଦେଇଛନ୍ତି ଯେ ଯଦି କିଭ୍ ଏବଂ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ଶାନ୍ତି ଆଲୋଚନାରେ କ୍ରେମଲିନର ଦାବିକୁ ପ୍ରତ୍ୟାଖ୍ୟାନ କରନ୍ତି, ତେବେ ମସ୍କୋ ୟୁକ୍ରେନରେ ଆଗକୁ ବଢ଼ିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ତାଙ୍କ ଫ୍ଲୋରିଡା ରିସର୍ଟରେ ଜେଲେନସ୍କିଙ୍କୁ ଭେଟିଥିଲେ। ସେ ଜୋର ଦେଇ କହିଥିଲେ ଯେ, କିଭ୍ ଏବଂ ମସ୍କୋ ଏକ ଶାନ୍ତି ଚୁକ୍ତିର ଅଧିକ ନିକଟତର ଅଛନ୍ତି। ରୁଷର କ୍ଷେପଣାସ୍ତ୍ର ବାହିନୀ ମୁଖ୍ୟ ଏହା ମଧ ଘୋଷଣା କରିଛନ୍ତି ଯେ ଓରେସନିକ୍ ପାରମ୍ପରିକ କିମ୍ବା ପରମାଣୁ ଯୁଦ୍ଧାସ୍ତ୍ର ବହନ କରିପାରେ। ଏହାର ରେଞ୍ଜରେ ପୂରା ୟୁରୋପର ରହିଛି। ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ୫୦୦ରୁ ୫,୫୦୦ କିଲୋମିଟର ପର୍ଯ୍ୟନ୍ତ ଉଡ଼ିପାରିବ।

## ଇରାନକୁ ଟ୍ରମ୍ପଙ୍କ ଚରମ ଚେତାବନୀ

# ପରମାଣୁ କାର୍ଯ୍ୟକ୍ରମ କଲେ ଚୁନା କରିଦେବି



ୱାଶିଂଟନ, ୩୦ା୧୨ଃ ଇରାନକୁ ଚରମ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ତାଙ୍କ ଫ୍ଲୋରିଡା ବାସଭବନରେ ସ୍ୱାଗତ କରିବା ସମୟରେ ଇରାନକୁ ଏହାର ପରମାଣୁ କାର୍ଯ୍ୟକ୍ରମ ପୁନଃଆରମ୍ଭ କରିବା ବିରୁଦ୍ଧରେ କଠୋର ଚେତାବନୀ ଦେଇଛନ୍ତି ଟ୍ରମ୍ପ। ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଟ୍ରମ୍ପ ସ୍ପଷ୍ଟ ଭାବରେ କହିଥିଲେ ଯେ, ଯଦି ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମ ପୁନଃ ଆରମ୍ଭ କରେ, ତେବେ ଏହାକୁ ଗୁଣ୍ଡ କରାଯିବ।

ଟ୍ରମ୍ପଙ୍କ ଏହି ଚେତାବନୀ ପରେ ତେହେରାନର ପରମାଣୁ କ୍ଷମତା ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିବା କଥା କଣ ମିଛ ? ଗତ ଜୁନ୍ ମାସରେ ପ୍ରମୁଖ ପରମାଣୁ ସମୃଦ୍ଧି ସ୍ଥଳ ଉପରେ ଆମେରିକାର ଆକ୍ରମଣ ଦ୍ୱାରା ତେହେରାନର ପରମାଣୁ କ୍ଷମତା ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିବା ଦାବି କରିଥିଲା ଆମେରିକା। ଇସ୍ରାଏଲ ଦାବି କରିଥିଲା ଯେ ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ସକ୍ଷମ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ରର ଭଣ୍ଡାର ପୁନଃନିର୍ମାଣ କରୁଛି, ଯାହା ଇସ୍ରାଏଲ ପାଇଁ ବିପଦ ସୃଷ୍ଟି କରିପାରେ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଡ଼ା ଚେତାବନୀ ଦେଇଛନ୍ତି ଯେ, ଯଦି ଆମେରିକା ଏହାର ପରମାଣୁ ଏବଂ ସାମରିକ କ୍ଷମତା ପୁନଃ ନିର୍ମାଣ ଜାରି ରଖେ ତେବେ ଇରାନ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ରହିବ। ଏହାକୁ ଏପର୍ଯ୍ୟନ୍ତ ଟ୍ରମ୍ପଙ୍କ ସବୁଠାରୁ ଶକ୍ତିଶାଳୀ ବିପଦ ବୋଲି ବିବେଚନା କରାଯାଉଛି। ନେତାନ୍ୟାହୁଙ୍କୁ ସ୍ୱାଗତ କରି ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଥିଲେ, ମୁଁ ଏବେ ଜାଣିଛି ଯେ ଇରାନ ପୁଣି ଥରେ ତାର ଶକ୍ତି ବୃଦ୍ଧି କରିବାକୁ ଚେଷ୍ଟା କରୁଛି।

## ଗଲ୍ଫ ଦେଶରେ ଯୁଦ୍ଧ ସ୍ଥିତି

# ୟୁଏଇ ଜାହାଜ ଉପରେ ସାଉଦିର ଏୟାର ଷ୍ଟ୍ରାଇକ୍



ରିୟାଦ,୩୦ା୧୨ : ୟୁଏଇ ଏବଂ ସାଉଦି ଆରବ ମଧ୍ୟରେ ବଢ଼ିଲା ତିକ୍ତତା। ଯୁଦ୍ଧମୁହାଁ ଦୁଇ ମୁସଲିମ ଦେଶ। ୟେମେନ ବନ୍ଦରରେ ୟୁଏଇରୁ ଆସିଥିବା ଏକ ଅସ୍ତ୍ରଶସ୍ତ୍ର ଭର୍ତ୍ତି ଜାହାଜରେ ସାଉଦିର ଏୟାର ଷ୍ଟ୍ରାଇକ୍ ପରେ ଦୁଇ ଦେଶର ସମ୍ପର୍କରେ ଅସ୍ଥିରତା ଦେଖାଦେଇଛି। ୟେମେନର ବିଦ୍ରୋହୀ ଗୋଷ୍ଠୀଙ୍କ ପ୍ରତି ୟୁଏଇ ଦେଖାଉଥିବା ସମର୍ଥନ ଦେଶର ଜାତୀୟ ସୁରକ୍ଷା ପ୍ରତି ବିପଦ ବୋଲି ସାଉଦି ଆରବ କହିଛି।

ସାଉଦିର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ୟୁଏଇର କାର୍ଯ୍ୟକଳାପ ବିପଜ୍ଜନକ। ୨୪ ଘଣ୍ଟା ମଧ୍ୟରେ ୟେମେନରୁ ସାଉଦି ନିଜର ସୈନ୍ୟ ପ୍ରତ୍ୟାହାର କରିନେବା ଦରକାର। ୟେମେନରେ ୟୁଏଇ ଯାହା କରୁଛି ତାହା ସାଉଦି ପାଇଁ ଶୁଭଙ୍କର ନୁହେଁ। ଗଣତନ୍ତ୍ର ପାଇଁ ମଧ ୟୁଏଇ ବିପଦ ସୃଷ୍ଟି କରୁଛି। ୟୁଏଇ ତୁରନ୍ତ ୟେମେନରୁ ସୈନ୍ୟ ଅପସାରଣ କରି ସେଠାରେ କୌଣସି ଦଳକୁ ସାମରିକ କିମ୍ବା ଆର୍ଥିକ ସହାୟତା ପ୍ରଦାନ ନକରୁ। ଯଦି ୟୁଏଇ ଆଗକୁ ସାଉଦିର ଦାବି ନମାନେ ତେବେ ପରିସ୍ଥିତି ଭୟଙ୍କର ହୋଇପାରେ।

ସାଉଦି ଅଭିଯୋଗ କରିଛି ଯେ, ୟୁଏଇରୁ ଅସ୍ତ୍ରଶସ୍ତ୍ର ନେଇ ଏକ ଜାହାଜ ଅଲ ଫୁଜାଇରା ବନ୍ଦରରୁ ୟେମେନର ଅଲ୍ ମୁକାଇଲା ଅଭିମୁଖେ ଯାତ୍ରା କରୁଥିଲା। ଏଥିପାଇଁ କୌଣସି ଅନୁମତି ନିଆଯାଇନାହିଁ। ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ଚାଲାଣ କରାଯାଉଛି। ଯଦି ଆଗକୁ ୟୁଏଇ କିଛି ବିପଦ ସୃଷ୍ଟି କରେ ତାହାଲେ କଡା ଜବାବ ଦିଆଯିବ। ସମସ୍ତ ପ୍ରକାର ଧମକ ଏବଂ ବିପଦକୁ ସାମ୍ନା କରାଯିବ।

ମଙ୍ଗଳବାର ସାଉଦି ସମର୍ଥିତ କିଛି ଦେଶ ୟେମେନ ବନ୍ଦରରେ ଥିବା ଦୁଇଟି ଜାହାଜରେ ଆକାଶରୁ ବୋମାମାଡ କରିଥିଲେ। ଜାହାଜରେ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଥିବା କୁହାଯାଉଛି। ସମସ୍ତ ମାନବାଧିକାରରୁ ସମ୍ମାନ ଦେଇ ଆକ୍ରମଣ କରାଯାଇଥିଲା। ଏହାଦ୍ୱାରା ଆଖପାଖର ଅଞ୍ଚଳ କିମ୍ବା ଲୋକଙ୍କ କୌଣସି କ୍ଷତି ହୋଇନଥିବା ସାଉଦିର ଅନେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ଅନ୍ୟଦିଗରେ ୟେମେନରେ ବଢୁଥିବା ଅସ୍ଥିରତା ଏବଂ ବିଚ୍ଛିନ୍ନତାବାଦୀ ନେତାଙ୍କ ଉତ୍ଥାନ ପାଇଁ ଜରୁରୀକାଳିନ ସ୍ଥିତି ଜାରି କରାଯାଇଛି। ୟୁଏଇ ଦକ୍ଷିଣ ୟେମେନରେ ସ୍ୱାଧିନ ରାଷ୍ଟ୍ର ଦାବି କରୁଥିବା ଏସଟିସି ଗୋଷ୍ଠୀକୁ ସମର୍ଥନ କରୁଛି। ଅନ୍ୟ ଦିଗରେ ସାଉଦି ୟେମେନ ସରକାରଙ୍କ ସମର୍ଥନରେ ରହିଛି।

## ଅଶାନ୍ତ ବାଂଲାଦେଶ

# ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା



ଢାକା,୩୦ା୧୨ଃ ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକଙ୍କ ନାଁ ବଜେନ୍ଦ୍ର ବିଶ୍ୱାସ। ଏହି ଘଟଣା ସେହି ମୈମନସିଂ ଜିଲ୍ଲାରେ ଘଟିଛି ଯେଉଁଠାରେ ଡିସେମ୍ବର ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଗତ ଦଶଦିନ ମଧ୍ୟରେ ବାଂଲାଦେଶରେ ୩ ଜଣ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଗଲାଣି। କିଛିଦିନ ପୂର୍ବେ ଅମୃତ ମଣ୍ଡଳଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତାଙ୍କ ଉପରେ ଦାଦାବଟି ଆଦାୟ ଅଭିଯୋଗ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଜେନ୍ଦ୍ରଙ୍କୁ ତାଙ୍କ ସହକର୍ମୀ ନୋମାନ ମିଆଁ ଗୁଳିକରି ହତ୍ୟା କରିଛନ୍ତି। ଘଟଣାଟି ସୋମବାର ସନ୍ଧ୍ୟାରେ ଘଟିଥିଲେ ବି ପୁଲିସ ବିଳମ୍ବରେ ଏହି ଘଟଣାର ସୂଚନା ଦେଇଛି। ପୁଲିସ ନୋମାନକୁ ଗିରଫ କରିଛି। ବଜେନ୍ଦ୍ର ଅନସାର ନାମକ ସିକ୍ୟୁରିଟି ସଂସ୍ଥାର କର୍ମଚାରୀ ଥିଲେ। କାରଖାନାକୁ ସୁରକ୍ଷା ଦେବା ପାଇଁ କୋଡ଼ିଏ ଜଣ ଅନସାର ସଦସ୍ୟଙ୍କୁ ନିୟୋଜିତ କରାଯାଇଥିଲା। ପୁଲିସ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ବଜେନ୍ଦ୍ର ଏବଂ ନୋମାନ କାରଖାନାରେ ସୁରକ୍ଷା କର୍ମୀ ଭାବରେ ନିଯୁକ୍ତ ଥିଲେ ଏବଂ କାରଖାନା ଭିତରେ ଥିବା ଅନସାର ବାରାକରେ ରହୁଥିଲେ।

# ଆଭିଭାଙ୍କ ସହ ପ୍ରିୟଙ୍କା ଗାନ୍ଧୀଙ୍କ ପୁଅ ବାହାଘର



ନୂଆଦିଲ୍ଲୀ, ୩୦ା୧୨ଃ କଂଗ୍ରେସ ମହାସଚିବ ତଥା କେରଳର ୱାୟାନାଡ଼ର ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ପୁଅ ରେହାନ୍ ଭଦ୍ରା ଖୁବ୍ ଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଅଭିଭା ବେଗଙ୍କ ସହ ତାଙ୍କର ବାହାଘର ହେବ। ୨୫ ବର୍ଷୀୟ ରେହାନ ଦିଲ୍ଲୀ, ଡେରାଡୁନ୍ ଓ ଲଣ୍ଡନରେ ପାଠ ପଢ଼ିଛନ୍ତି। ତାଙ୍କର ଫଟୋଗ୍ରାଫିରେ ବହୁତ ରୁଚି ରହିଛି। ସେ ଇନ୍‌ଷ୍ଟୋଲେସନ୍ ଓ ଭିଜୁଆଲ ଆର୍ଟିଷ୍ଟ। ଅନେକ ଫଟୋଚିତ୍ର ପ୍ରଦର୍ଶନୀ କରିଛନ୍ତି। ତେବେ ରାଜନୀତି ଠାରୁ ଦୂରରେ। ରେହାନ୍ ମିଡିଆ କମ୍ୟୁନିକେସନ୍ ଓ ଜର୍ଣ୍ଣାଲିଜିମରେ ଡିଗ୍ରୀ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଅଭିଭା ଜଣେ ଜାତୀୟ ସ୍ତରର ଫୁଟବଲ ଖେଳାଳି ଏବଂ ପେସାଦାର ଫଟୋଗ୍ରାଫର। ପୁଣି ଜଣେ ପ୍ରଯୋଜକ ମଧ। ସେ ମଧ ଅନେକ ଚିତ୍ର ପ୍ରଦର୍ଶନୀ କରିଛନ୍ତି। ରେହାନ ଓ ଅଭିଭାଙ୍କ ମଧ୍ୟରେ ଦୀର୍ଘ ୭ ବର୍ଷର ପ୍ରେମ ସମ୍ପର୍କ ରହି ଆସିଛି। ଏବେ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବିବାହ ନେଇ ଦୁଇ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନଥିଲେ ମଧ ଖୁବ୍ ଶୀଘ୍ର ବାହାଘର ତାରିଖ ସ୍ଥିର ହେବ ବୋଲି ଜଣାପଡ଼ିଛି।

## ଆମେରିକୀୟ ଥିଙ୍କ ଟ୍ୟାଙ୍କ ରିପୋର୍ଟ

# ୨୦୨୬ରେ ହେବ ଭାରତ-ପାକ୍ ଯୁଦ୍ଧ!



ୱାଶିଂଟନ,୩୦ା୧୨ଃ ୨୦୨୬ରେ ପୁଣିଥରେ ହୋଇପାରେ ଭାରତ ଓ ପାକିସ୍ତାନ ଯୁଦ୍ଧ ବୋଲି ଆମେରିକୀୟ ବୈଦେଶିକ ନୀତି ବିଶେଷଜ୍ଞଙ୍କ ଉପରେ ସର୍ଭେ କରିଥିବା ଏକ ଆମେରିକୀୟ ଥିଙ୍କ ଟ୍ୟାଙ୍କ ରିପୋର୍ଟ ପ୍ରକାଶ କରିଛି। ଦୁଇ ଦେଶ ମଧ୍ୟରେ ମଧ୍ୟମ ଧରଣର ଯୁଦ୍ଧ ହେବ। ଏହା ଆମେରିକା ସ୍ୱାର୍ଥ ଉପରେ ମଧ ମଧ୍ୟମ ଧରଣର ପ୍ରଭାବ ପକାବ ବୋଲି ବୈଦେଶିକ ସମ୍ପର୍କ ପରିଷଦ (ସିଏଫଆର) ରିପୋର୍ଟରେ କୁହାଯାଇଛି।

ସିଏଫ୍‌ଆର୍ ଏହାର ୨୦୨୬ ରିପୋର୍ଟ କନଫ୍ଲିକ୍ଟସ୍ ଟୁ ୱାଚରେ କହିଛି ଯେ, ବର୍ଦ୍ଧିତ ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ନୂଆ ସଶସ୍ତ୍ର ସଂଘର୍ଷ ହେବାର ସମ୍ଭାବନା ବହୁତ ଅଧିକ ରହିଛି। ଗୁଇନ୍ଦା ସୂଚନା ଅନୁଯାୟୀ ଏହି ଶୀତ ଋତୁରେ ଜମ୍ମୁ ଅଞ୍ଚଳରେ ୩୦ ରୁ ଅଧିକ ପାକିସ୍ତାନୀ ଆତଙ୍କବାଦୀ କାର୍ଯ୍ୟ କରୁଛନ୍ତି। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ହୋଇଥିବା ସତ୍ତ୍ୱେ, ଭାରତ ଏବଂ ପାକିସ୍ତାନ ଉଭୟ ପ୍ରତିରକ୍ଷା ଉପକରଣ ଅଧିଗ୍ରହଣକୁ ତ୍ୱରାନ୍ୱିତ କରିଛନ୍ତି।

# ମନ୍ଦିରକୁ ଅନନ୍ତ ଅମ୍ବାନୀଙ୍କ ୫ କୋଟି ଦାନ

ନୂଆଦିଲ୍ଲୀ,୩୦ା୧୨ଃ ଅମ୍ବାନୀ ପରିବାରର ପ୍ରାୟ ସମସ୍ତେ ଈଶ୍ୱର ବିଶ୍ୱାସୀ ଅଟନ୍ତି। ତେବେ ସାଇବାବାଙ୍କ ଉପରେ ଗଭୀର ଆସ୍ଥା ରଖିଥିବା ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀ ସୋମବାର ଦିନ ଶିରିଡି ଯାଇ ସାଇବାବାଙ୍କୁ ଦର୍ଶନ କରିଥିବା ଜଣାଯାଇଛି। ଶିରିଡିରେ ଅନନ୍ତ ପହଞ୍ଚିବା ପରେ ସାଇ ବାବା ସଂସ୍ଥାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋରକ୍ଷ ଗାଡିଲକର ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ସେ ପୂଜାର୍ଚ୍ଚନା କରି ଆଳତୀ କରିଥିଲେ। ଧୂପ ଆଳତୀ ପରେ ସେ ସାଇ ବାବାଙ୍କ ସମାଧିରେ ନୀଳ ରଙ୍ଗର ଚାଦର ଚଢ଼ାଇଥିଲେ। ଏସବୁ କାମ ସାରି ଅନନ୍ତ ଅମ୍ବାନୀ ରିଲାଏନ୍ସ ବିଜ୍‌ନେସ୍ ଗ୍ରୁପ ପକ୍ଷରୁ ସାଇ ଦରବାରକୁ ୫ କୋଟିର ଦାନ ଦେଇଥିଲେ। ସେ ଏହି ରାଶିକୁ ଏକ ଚେକ ମାଧ୍ୟମରେ ଗାଡିଲକରଙ୍କୁ ପ୍ରଦାନ କରିଥିଲେ।



## ଜନ୍ମମାଟି ପ୍ରତି ଘୃଣା, ପାକିସ୍ତାନ ଓ ଚୀନ ପ୍ରତି ପ୍ରେମ

# ଭାରତର ପୁତୁଲରୁ ବାଂଲାଦେଶର ବେଗମ ଖାଲିଦା



ଢାକା,୩୦ା୧୨ : ବାଂଲାଦେଶ ରାଜନୀତିରେ ପ୍ରତିଷ୍ଠିତ ଚେହେରା ତଥା ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କର ୮୦ ବର୍ଷ ବୟସରେ ପରଲୋକ ହୋଇଛି। ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ପୂର୍ବତନ ଅଧକ୍ଷା ଖାଲିଦା ଜିଆ ଦୀର୍ଘକାଳୀନ ରୋଗରେ ପୀଡ଼ିତ ଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ସ୍ୱାମୀ ତଥା ତତ୍କାଳୀନ ବାଂଲାଦେଶ ରାଷ୍ଟ୍ରପତି ଜିଆଉର ରେହମାନଙ୍କ ହତ୍ୟା ପରେ ଲାଇମଲାଇଟକୁ ଆସନ୍ତି ବେଗମ ଖାଲିଦା। ଆଉ ୧୯୯୧ ମସିହାରେ ବାଂଲାଦେଶ ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇ ଆରମ୍ଭ କରନ୍ତି ତାଙ୍କ ସଫଳ ରାଜନୈତିକ ଯାତ୍ରା। ତାଙ୍କର ସଫଳ ରାଜନୈତିକ ଯାତ୍ରାରେ ସେ ୩ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ଆସନ୍ତା ଫେବ୍ରୁଆରୀରେ ମଧ ନିର୍ବାଚନ ପ୍ରସ୍ତୁତିରେ ଲାଗିପଡ଼ିଥିଲେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ଅଧକ୍ଷା।

ଖାଲିଦା ଜିଆଙ୍କର ରାଜନୈତିକ ଆଭିମୁଖ୍ୟ ସବୁବେଳେ ଭାରତ ବିରୋଧୀ ରହିଥିଲା। ଭାରତ ବିରୋଧରେ ବିଷୋଦଗାର କରି ସାମ୍ପ୍ରଦାୟିକ ନିଶାରେ ବୁଡ଼ିଥିବା ବାଂଲାଦେଶରେ ସେ ହୋଇପାରିଥିଲେ ଲୋକପ୍ରିୟ। ଗଙ୍ଗାଜଳ ବଣ୍ଟନ ଚୁକ୍ତି ହେଉ କିମ୍ବା ଅନ୍ୟ କୌଣସି ଘଟଣାର ଖାଲିଦା ସବୁବେଳେ ଭାରତକୁ ଦାୟୀ କରି ଆସିଛନ୍ତି। ବାଂଲାଦେଶର ଲୋକଙ୍କୁ ଭାରତ ବିରୋଧରେ ମତାଇ ସେ ରାଜନୀତିରେ ରୋଟି ସେକିଛନ୍ତି। ତାଙ୍କର ଭାରତ ସହିତ ରହିଛି ପୁରୁଣା ଓ ଗଭୀର ସମ୍ପର୍କ। କାରଣ ଅବିଭକ୍ତ ଭାରତ ମାଟିରେ ଜନ୍ମ ହୋଇଥିଲେ ଏହି ବାଂଲାଦେଶୀ ନେତ୍ରୀ। ୧୯୪୫ ମସିହାରେ ଅବିଭକ୍ତ ଭାରତର ଗ୍ରେଟର ଦିନାଜପୁରର ଅଂଶ ଜଲପାଇଗୁଡ଼ିରେ ଜନ୍ମଗ୍ରହଣ କରିଥିଲେ ଖାଲିଦା ଜିଆ। ଭାରତ ବିଭାଜନ ପରେ ଖାଲିଦା ତାଙ୍କ ପରିବାର ସହିତ ତତ୍କାଳୀନ ପୂର୍ବ ପାକିସ୍ତାନ ବା ବାଂଲାଦେଶକୁ ଚାଲିଯାଇଥିଲେ। ଖାଲିଦାଙ୍କ ବାପା ଇସ୍କନ୍ଦର ଅଲି ମଜୁମଦାର ଜଣେ ଚା ବ୍ୟବସାୟୀ ଥିଲେ ଏବଂ ସେ ଫେନି ଅଞ୍ଚଳର ବାସିନ୍ଦା ଥିଲେ। ତାଙ୍କ ମାଆ ତୈୟାବା ମଜୁମଦାର କିନ୍ତୁ ପଶ୍ଚିମ ଦିନାଜପୁରର ଚାନ୍ଦବାରି ଗ୍ରାମର ବାସିନ୍ଦା ଥିଲେ। ଖାଲିଦା ଜିଆଙ୍କର ଶ୍ରଦ୍ଧେୟ ନାଁ ଥିଲା ପୁତୁଲ, ମାନେ କଣ୍ଢେଇ। ସାର୍ଟିଫିକେଟ ନାଁ ଖାଲିଦା ଖାନମ। ଖାଲିଦା ଜିଆଙ୍କ ସ୍ୱାମୀ ଓ ପରିବାରର ଦେଶ ବିଭାଜନ ପରେ ସବୁକିଛି ବଦଳିଗଲା। ଭାରତରେ ଜନ୍ମ ହୋଇଥିଲେ ବି ତାଙ୍କ ଆଭିମୁଖ୍ୟ ହେଇଗଲା ଭାରତ ବିରୋଧୀ। ଖଲିଦା ଜିଆ ଜିଆଉର ରେହମାନ (୧୯୩୬-୧୯୮୧)ଙ୍କୁ ୧୯୬୦ରେ ବିବାହ କରିଥିଲେ। ବିବାହ ପରେ ଖାଲିଦା ତାଙ୍କ ନାଁ ବଦଳାଇ ଖାଲିଦା ଜିଆ କରିଦେଇଥିଲେ। ତାଙ୍କ ସ୍ୱାମୀ ଜିଆଉର ରେହମାନ ଜଣେ ଉଚ୍ଚପଦସ୍ଥ ସାମରିକ ଅଧିକାରୀ ଥିଲେ। ବଙ୍ଗ ବନ୍ଧୁ ଶେଖ ବୁଜିବୁର ରେହମାନଙ୍କ ହତ୍ୟା ପରେ ୧୯୭୭ ରୁ ୧୯୮୧ ମସିହା ପର୍ଯ୍ୟନ୍ତ ସେ ବାଂଲାଦେଶ ରାଷ୍ଟ୍ରପତି ବି ହୋଇଥିଲେ। ୧୯୭୮ ମସିହାରେ ଜିଆଉର ବାଂଲାଦେଶ ନ୍ୟାସନାଲ ପାର୍ଟି ଗଠନ କରିଥିଲେ। ୧୯୮୧ ମସିହାରେ ତାଙ୍କୁ ମଧ ହତ୍ୟା କରାଯାଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ଖାଲିଦା ଜିଆ ଦଳର ନେତୃତ୍ୱ ନେଇଥିଲେ। ସେ ପ୍ରଥମ ଥର ୧୯୯୧ ମସିହାରେ ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହାପରେ ଫେବୃଆରୀ ୧୯୯୬ ମସିହାରେ କିଛି ସପ୍ତାହ ପାଇଁ ସେ ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିଲେ। ଏହାପରେ ୨୦୦୧ ରୁ ୨୦୦୬ ପର୍ଯ୍ୟନ୍ତ ସେ ତୃତୀୟ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହା ତାଙ୍କର ସବୁଠାରୁ ପ୍ରଭାବଶାଳୀ ଓ ବିବାଦୀୟ କାର୍ଯ୍ୟକାଳ ରହିଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ଭାରତ ସହିତ ବାଂଲାଦେଶର ସମ୍ପର୍କ ପ୍ରାୟତଃ ଉତ୍ତେଜନାପୂର୍ଣ୍ଣ ଏବଂ ରାଜନୈତିକ ଗରମାଗରମି ମଧ୍ୟରେ ରହିଥିଲା। କାରଣ ସେ ନୂଆଦିଲ୍ଲୀ ସହିତ ସମ୍ପର୍କ ଅପେକ୍ଷା ପାକିସ୍ତାନ ଏବଂ ଚୀନ୍ ସହିତ ସମ୍ପର୍କକୁ ପ୍ରାଥମିକତା ଦେଉଥିଲେ। ୧୯୭୨ ମସିହାର ଭାରତ-ବାଂଲାଦେଶ ବନ୍ଧୁତା ଚୁକ୍ତିକୁ ‘ଦାସତ୍ୱ ଚୁକ୍ତି’ ବୋଲି ସେ କହିଥିଲେ। ସେ ୧୯୯୬ ମସିହାର ଗଙ୍ଗା ଜଳ ବଣ୍ଟନ ଚୁକ୍ତିକୁ ‘ଦାସତ୍ୱ ଚୁକ୍ତି’ ବୋଲି ମଧ କହିଥିଲେ। ଚିଟାଗଙ୍ଗ ପାର୍ବତ୍ୟାଞ୍ଚଳ ଶାନ୍ତି ଚୁକ୍ତିନାମାକୁ ବିରୋଧ କରିଥିଲେ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଖାଲିଦାଙ୍କ କାର୍ଯ୍ୟକାଳ ସମୟରେ ଭାରତ ବିରୋଧୀ ଉପାଦାନଗୁଡ଼ିକୁ ପ୍ରୋତ୍ସାହନ ମିଳିଥିଲା। ଆଇଏସଆଇ ଢାକାରେ ଏକ ଦୃଢ଼ ଉପସ୍ଥିତି ସ୍ଥାପନ କରିଥିଲା। ଏହା ବ୍ୟତୀତ ଭାରତର ଉତ୍ତର-ପୂର୍ବ ଆତଙ୍କବାଦୀ ଗୋଷ୍ଠୀକୁ ମଧ ବାଂଲାଦେଶରେ ଆଶ୍ରୟ ଦିଆଯାଇଥିଲା।

# ୨୦୦ରୁ ଊର୍ଦ୍ଧ୍ୱ ଦୋକାନ ପୋଡ଼ିଗଲା



**କୋଲକାତା, ୩୦।୧୨ (ସଂଚାର ବ୍ୟୁରୋ):** ଗୋଟିଏ ରାତିରେ ୨୦୦ ରୁ ଅଧିକ ଦୋକାନ ପୋଡ଼ି ପାଉଁଶ ହୋଇଗଲା। ଘଟଣାଟି ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବିରାଟୀ ଷ୍ଟେସନ ସଂଲଗ୍ନ ଯଦୁବାବୁ ବଜାରରେ ଘଟିଛି। ସୋମବାର ବିଳମ୍ବିତ ରାତିରେ ସେଠାରେ ଅଗ୍ନିକାଣ୍ଡ ଘଟିଥିଲା। କିନ୍ତୁ ନିଆଁ କିପରି ଲାଗିଲା? ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବ୍ୟବସାୟୀମାନେ ଏହାର ତଦନ୍ତ ଦାବି କରିଛନ୍ତି। ଏହି ବଜାରର ପ୍ରତ୍ୟେକ ଦୋକାନରେ ଟିଣ ଛାତ ଥିଲା। ଅଗ୍ନି ନିର୍ବାପନ ବ୍ୟବସ୍ଥା ନଥିଲା। ବ୍ୟବସାୟୀମାନେ କହିଛନ୍ତି ଯେ ଅଗ୍ନିଶମ ବାହିନୀ ସମୟ ଅନୁସାରେ ପହଞ୍ଚିଥିଲେ। ନିଆଁ ଲିଭାଇବା ପାଇଁ ମୋଟ ସାତୋଟି ଦମକଳା ଗାଡି ନିୟୋଜିତ କରାଯାଇଥିଲା। କିନ୍ତୁ ସେତେବେଳକୁ ସବୁକିଛି ସରିଯାଇଥିଲା।




# ୫ ପ୍ରବାସୀ ଶ୍ରମିକଙ୍କୁ ଆକ୍ରମଣ

**କୋଲକାତା,୩୦।୧୨(ସଂଚାର ବ୍ୟୁରୋ):** ବିଜେପି ଶାସିତ ଆସାମରେ ମୁର୍ଶିଦାବାଦର ପାଞ୍ଚ ଜଣ ପ୍ରବାସୀ ଶ୍ରମିକଙ୍କୁ ବଙ୍ଗଳାରେ କଥା କହିବାରୁ ବାଂଲାଦେଶୀ ସନ୍ଦେହରେ ଆକ୍ରମଣ କରାଯାଇଛି। ଏହି ଘଟଣାରେ, ମୁର୍ଶିଦାବାଦର ସୁତି ଥାନାର ନୁରପୁର ଅଞ୍ଚଳର ବାସିନ୍ଦା ରିଙ୍କୁ ଶେଖ ନାମକ ଜଣେ ୩୦ ବର୍ଷୀୟ ଯୁବକ ସିଲଚରର ରଙ୍ଗିରଖାଡି ଥାନାରେ କିଛି ଅଜ୍ଞାତ ଦୁର୍ବୃତ୍ତଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରିଛନ୍ତି। ସିଲଚର (ଆସାମ ପ୍ରବାସୀ ଶ୍ରମିକ) ଗତ କିଛି ବର୍ଷ ମଧ୍ୟରେ, ମୁର୍ଶିଦାବାଦର ପ୍ରାୟ ୭୦୦ ଫେରିବାଲା ବଜାର ନିକଟବର୍ତ୍ତୀ ବିଭିନ୍ନ ଅଞ୍ଚଳରେ ଘର ଭଡା ନେଇ ରହୁଛନ୍ତି। ରବିବାର ସକାଳେ, ରିଙ୍କୁ ତାଙ୍କ ଘରୁ ଏକ ମୋଟରସାଇକେଲରେ ସିଲଚର ସହରକୁ ଯାଉଥିବା ବେଳେ କିଛି ଯୁବକ ବାଂଲାଦେଶୀ ସନ୍ଦେହରେ ତାଙ୍କୁ ଧରି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ରିଙ୍କୁ କହିଛନ୍ତି ଯେ ସେ ତାଙ୍କ ଆଧାର ଏବଂ ଭୋଟର କାର୍ଡ ଦେଖାଇବା ପୂର୍ବରୁ ସେମାନେ ତାଙ୍କୁ ପ୍ରବଳ ମାଡ଼ ମାରିବା ଆରମ୍ଭ କରିଦେଇଥିଲେ।

## ଦଶମ ଦିନରେ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ

# ୭୬.୬୧ ଲକ୍ଷର ବେଆଇନ ସାମଗ୍ରୀ ଜବତ

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ଓ ପୁଲିସ ବିଭାଗ ପକ୍ଷରୁ ମିଳିତ ଭାବେ ଡିସେମ୍ବର ୨୦ ତାରିଖରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ଦଶମ ଦିନରେ ଅବକାରୀ ବିଭାଗ ୨୧୨ଟି ମାମଲା ରୁଜୁ କରିବା ସହ ୭୬.୬୧ ଲକ୍ଷ ମୂଲ୍ୟର ବେଆଇନ ମାଦକ ଦ୍ରବ୍ୟ ଓ ନିଶା ସାମଗ୍ରୀ ଜବତ କରିଛି। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଦଶମ ଦିନର ଚଢ଼ାଉ ଅଭିଯାନରେ ଏନଡିପିଏସ୍ ଆଇନ ଅନୁଯାୟୀ ଗୋଟିଏ ମାମଲା ରୁଜୁ ସହ ୬୩ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉକାରୀ ଦଳଗୁଡ଼ିକ ମୋଟ ୮,୫୨୪ ଲିଟର ବେଆଇନ ଦେଶୀ ମଦ ଏବଂ ୩୭୭ ଲିଟର ଡ୍ୟୁଟି ପେଡ୍ ଲିକର ମଧ୍ୟ ଜବତ କରାଯାଇଛି। ସେହିପରି ୭୮,୫୦୦ ଲିଟର ମହୁଲି ପୋଚ, ୧୦,୦୦୦ କିଲୋ ଗୁଡ଼ ପୋଚ, ୨୭୪ କିଲୋ ମହୁଲି ଫୁଲ ଏବଂ ୭୦ ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଛି। ଏହି ଦିନର ଏକ ବଡ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ, କୋରାପୁଟ ଅବକାରୀ ଦଳ କୋଟପାଡ଼ ଅଞ୍ଚଳର ବୋଷ୍ଣାଗୁଡ଼ାରେ ଏକ ବେଆଇନ ଉତ୍ପାଦନ ୟୁନିଟ୍ ଉପରେ ଚଢ଼ାଉ କରି ଏକ ସମ୍ପୂର୍ଣ୍ଣ ନକଲି ବିଦେଶୀ ମଦ ପ୍ରସ୍ତୁତି ୟୁନିଟର ପର୍ଦ୍ଦାଫାଶ କରିଛି। ଏହି ଚଢ଼ାଉରେ ୧୫୪୫.୧୬ ଲିଟର ନକଲି ମଦ ଜବତ କରାଯାଇଥିଲା।

# କଟକ ରାଣୀହାଟ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ




**କଟକ,୩୦।୧୨(ସଂଚାର ବ୍ୟୁରୋ):** କଟକର ରାଣୀହାଟ ହାଇସ୍କୁଲର ୧୯୭୪ ମସିହା ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆୟୋଜିତ ହୋଇଯାଇଛି ଏକ ବନ୍ଧୁମିଳନ ଉତ୍ସବ। ବନ୍ଧୁମିଳନ ଉତ୍ସବରେ ସାମିଲ୍ ହୋଇ ସେମାନଙ୍କ ସ୍କୁଲ ଦିନର ଅଭୁଲା ସ୍ମୃତିକୁ ମନେ ପକାଇଥିଲେ। ଏହି ବୈଠକ ୨୦୨୪ ମସିହାରେ ଗୋଷ୍ଠୀ ଗଠନ ହେବା ପରଠାରୁ ଦ୍ୱିତୀୟ ଥର ପାଇଁ ଆୟୋଜିତ ହୋଇ ସହର ନିକଟସ୍ଥ କପିଳାସ ରୋଡର ନ୍ୟୁ ଗୋଆ ରିସର୍ଟରେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୪୫ ଜଣ ପୁରୁଣା ଛାତ୍ର, ସେମାନଙ୍କ ମଧ୍ୟରୁ କିଛି ପତି/ପତ୍ନୀ ମଧ୍ୟ ଏହି ବନ୍ଧୁମିଳନରେ ଏକତ୍ରିତ ହୋଇଥିଲେ ଏବଂ ୫୧ ବର୍ଷ ପୂର୍ବ ବିଗତ ଦିନର ସ୍ମୃତି, ଅନୁଭୂତିକୁ ବାଣ୍ଟିଥିଲେ। ଏହି ବ୍ୟାଚର ପ୍ରଥମ ବନ୍ଧୁମିଳନ ୨୫ ଡିସେମ୍ବର ୨୦୨୪ ରେ କଟକର ପାନ୍ଥ ନିବାସଠାରେ ଆୟୋଜନ କରାଯାଇଥିଲା। ଓଡ଼ିଶା ପୁଲିସର ଜଣେ ଅବସରପ୍ରାପ୍ତ ଅଧିକାରୀ ଶେଖ ଅବଦୁଲ ମଜିଦ ଦ୍ୱିତୀୟ ଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ବନ୍ଧୁମିଳନରେ ଏସସିବି ମେଡିକାଲ କଲେଜର ପୂର୍ବତନ ଅଧୀକ୍ଷକ ଡକ୍ଟର ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ପାଚିକା ସହାୟିକା ସଂଘର ବିକ୍ଷୋଭ

**● ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର**



**ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ) :** ଗତକାଲି ଏଆଇଟିୟୁସି ସହବନ୍ଧିତ 'ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘ' ପକ୍ଷରୁ ବିଧାନସଭା ସମ୍ମୁଖରେ ୯ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଭାପତି କମଳ କୁମାର ଷଣ୍ଢଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ସାଧାରଣ ସମ୍ପାଦକ ଜମେଇ ମାଝୀ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସିପିଆଇର ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ, ଏଆଇଟିୟୁସି ନେତା ସୁର ଜେନା, ଉପସଭାପତି ଉତ୍ତମ ମଲ୍ଲିକ ଉଦବୋଧନ ଦେଇ ସଂଘର ନ୍ୟାୟୋଚିତ ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନେବାକୁ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ସଂଘ ପକ୍ଷରୁ ହୋଇଥିବା ଦାବି ମଧ୍ୟରେ ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍ ତୁରନ୍ତ ପ୍ରତ୍ୟାହାର, ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା କରିବା, ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିସ ଅନୁସାରେ ମଧ୍ୟାହ୍ନଭୋଜନ ସ୍କିମ୍‌ର ପାଚିକା ସାହିତ୍ୟିକାମାନଙ୍କୁ ୱାର୍କର ମାନ୍ୟତା ଦେବା, ଅବସର ପରେ ମାସିକ ପେନସନ ୧୦ ହଜାର ଟଙ୍କାକୁ ବୃଦ୍ଧି, ପାଚିକା ସହାୟିକାଙ୍କୁ ବର୍ଷରେ ୧୦ ମାସ ପରିବର୍ତ୍ତେ ୧୨ ମାସର ଭତ୍ତା ପ୍ରଦାନ, ଅବସର ବୟସ ୬୨ ବର୍ଷକୁ ବୃଦ୍ଧି କରିବା ଆଦି ପ୍ରମୁଖ ରହିଛି। ବିକ୍ଷୋଭସ୍ଥଳରୁ କମଳ କୁମାର ଷଣ୍ଢଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟି ୯ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛି। ଏହି ସ୍ମାରକପତ୍ର ଗ୍ରହଣ କରିବା ସହ ଶ୍ରୀ ଗଣ୍ଡ କହିଛନ୍ତି ଯେ ଗତ ଫେବ୍ରୁଆରୀରେ ହଜାରେ ଟଙ୍କାର ଭତ୍ତା ବୃଦ୍ଧି କରାଯାଇଛି। ଆଗାମୀ ବଜେଟ ପରେ ସରକାର ଭତ୍ତା ବୃଦ୍ଧି ସମ୍ପର୍କରେ ପୁନର୍ବିଚାର କରିବେ। ଭତ୍ତା ପ୍ରତି ମାସ ପ୍ରଥମ ସପ୍ତାହରେ ପ୍ରଦାନ କରାଯିବ, ଅବସର ବୟସ ୬୨ ବର୍ଷ ଓ ମୃତ୍ୟୁକାଳୀନ ସହାୟତା ରାଶି ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି। ଏହାପରେ ସଂଘ ପକ୍ଷରୁ ବିକ୍ଷୋଭ ସ୍ଥଗିତ ରହିଥିବା ନେଇ ସୂଚନା ଦିଆଯାଇଛି।

# ପଟିଆରୁ ଅଧ ଏକର ଜମି ଜବରଦଖଲମୁକ୍ତ

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ଇନଫୋସିଟି ଥାନା ଅନ୍ତର୍ଗତ ପଟିଆ ମୌଜାରେ ପ୍ଲଟ - ୫୧୮ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ। ଦୁଇଦିନ ଧରି ଚାଲିଥିବା ଉଚ୍ଛେଦ ଅଭିଯାନରେ ୩୦ରୁ ଊର୍ଦ୍ଧ୍ୱ ଘର, ଦୋକାନ, ହୋଟେଲ ମାଟିରେ ମିଶାଇ ଦିଆଯାଇଛି। ଏହାସହ ଅଧ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା ଏହି ଉଚ୍ଛେଦରେ ୪ଟି ଲୁହା ଗେଟ୍, ୪ଟି ଛାତ ଘର, ୨୪ଟି ଆଜବେଷ୍ଟସ ଘର, ୮ଟି ଶୌଚାଳୟ, ୨ଟି ପାଣି ଟାଙ୍କି, ପ୍ରାୟ ୫୦ ଫୁଟ ପାଚେରି ଏବଂ ଗୋଟିଏ ଲୁହା ଗେଟ୍ ଭଙ୍ଗାଯାଇଥିଲା। ସମୟ ଅଭାବରୁ ଆଂଶିକ ଭାବରେ ଉଚ୍ଛେଦ ଅଭିଯାନ କରାଯାଇଥିଲା। ପ୍ଲଟ୍ ନମ୍ବର-୫୧୮ ଉପରେ ହୋଇଥିବା ଜବରଦଖଲରୁ ପ୍ରାୟ ୦.୫୦୦ ଡିସିମିଲ୍ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା। ଆସନ୍ତା କାଲି ଅବଶିଷ୍ଟ ଉଚ୍ଛେଦ ପ୍ରକ୍ରିୟା ସମ୍ପାଦନ କରାଯିବ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ପୁଲିସ ଫୋର୍ସ ଓ ଏକ ସେକ୍ସନ ମହିଳା ପୁଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିବା ବେଳେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ନମ୍ବର ୧, ୪ ଏବଂ ୫ ଉଚ୍ଛେଦରେ ନିୟୋଜିତ ହୋଇଥିଲେ।



## ଓଡିଶା ଯୁବ ସାମ୍ବାଦିକ ସଂଘର ଷୋଡ଼ଶ ବାର୍ଷିକ ଉତ୍ସବ

# ରାଜନୈତିକ ଦଳଗୁଡିକ ଜନସ୍ୱାର୍ଥକୁ ଗୁରୁତ୍ୱ ଦିଅନ୍ତୁ



**କଟକ,୩୦।୧୨(ସଂଚାର ବ୍ୟୁରୋ):** ଓଡିଶାରେ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ବିଜେପି ମଧ୍ୟରେ ଦଶନ୍ଧି ଧରି ରାଜନୈତିକ ପ୍ରତିଯୋଗିତା ଲାଗିରହିଛି। ବିଜେଡି ପରେ ଏବେ ବିଜେପି ସରକାରକୁ ଆସିଛି। ଗତକାଲି ଯେଉଁଦଳ ବିଭିନ୍ନ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରୁଥିଲେ, ଆଜି ସେକଥାକୁ ଅନେକାଂଶ ଅଣଦେଖା କରୁଛନ୍ତି, ଯାହା ହେବା ଅନୁଚିତ। ରାଜନୈତିକ ମତଭେଦକୁ ପଛରେ ପକାଇ ଜନତାଙ୍କ ସ୍ୱାର୍ଥକୁ ଆଗରେ ରଖି ସରକାର ପଦକ୍ଷେପ ନେଲେ ସମାଜର ସବୁ ବର୍ଗର ଲୋକ ଏହାର ସୁଫଳ ପାଇବା ସହିତ ସମାଜ ସମୃଦ୍ଧ ହେବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଓଡିଶା ଯୁବ ସାମ୍ବାଦିକ ସଂଘର ଷୋଡ଼ଶ ବାର୍ଷିକ ଉତ୍ସବ ତଥା ଓଡିଶା ସେବା ପ୍ରତିଭା, ଗୌରବ ସମାରୋହର ଦ୍ୱିତୀୟ ଅଧିବେଶନକୁ ଉଦଘାଟନ କରି 'ବର୍ତ୍ତମାନ ରାଜନୈତିକ ଦଳମାନଙ୍କ ସ୍ଥିତି ଓ ଏହାର ଭବିଷ୍ୟତ' ଶୀର୍ଷକ ବିଷୟ ଉପରେ ଆଲୋକପାତ କରି ବିଭିନ୍ନ ଦଳର ବକ୍ତା ଏହା କହିଛନ୍ତି। ଉଦଘାଟକ ଭାବରେ ମେୟର ସୁବାଷ ଚନ୍ଦ୍ର ସିଂହ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ବିରୋଧୀ ଦଳ ନେତା ଓ ରାଜନୈତିକ ସଚିବ ଡ. ସଂତୃପ୍ତ ମିଶ୍ର ଉପସ୍ଥିତ ରହିଥିଲେ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଡ଼ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଜେପିର ନୟନ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ଏହି ଉତ୍ସବରେ ପ୍ରାକ୍ତନ ମୁଖ୍ୟ ଆୟକର ଆଯୁକ୍ତ ତଥା କବି ଶରତ କୁମାର ଦାଶ ସଭାପତିତ୍ୱ କରିଥିଲେ। ଆରମ୍ଭରେ ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ଅତିଥି ପରିଚୟ କରାଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କୁ ଓଡିଶା ଦେବାର୍ଷି ସମ୍ମାନ, ବିଶିଷ୍ଟ ଆଭିଏଫ ବିଶେଷଜ୍ଞ ପ୍ରଫେସର ଡାକ୍ତର ବବିତା ପଣ୍ଡା, ସମାଜସେବୀ ଡ଼ ଉମାକାନ୍ତ ପାଣିଙ୍କୁ ଓଡିଶା ସେବା ଗୌରବ, ଡାକ୍ତର ଅଶ୍ୱିନୀ ସାହୁ, ଡାକ୍ତର ଜ୍ଞାନରଞ୍ଜନ ପରିଡାଙ୍କୁ ଓଡିଶା ସେବା ପ୍ରତିଭା, ବିଶିଷ୍ଟ ଆଇନଜୀବୀ ନିରୋଦ କୁମାର ସାହୁଙ୍କୁ ଓଡିଶା ଆଇନ ଗୌରବ, କ୍ରୀଡ଼ାବିତ ପାନାଲାଲ ବୋଷଙ୍କୁ କ୍ରୀଡା ଗୌରବ, ବିଶିଷ୍ଟ ସିନେ ଅଭିନେତ୍ରୀ ଇଶା ବବେର୍ତ୍ତାଙ୍କୁ ସିନେ ଗୌରବ, ଡ଼ ସ୍ମୃତି ପଟ୍ଟନାୟକଙ୍କୁ ସାରସ୍ୱତ ଗୌରବ, ଗୁରୁ ଆଶିଷ ଦାସଙ୍କୁ ସଂସ୍କୃତି ଗୌରବ, ଶିଳ୍ପଦ୍ୟୋଗୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଶିଳ୍ପ ଗୌରବ ବୃନ୍ଦାବନ ସାହୁଙ୍କୁ ପ୍ରକୃତି ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା।

**● ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ ମାମଲା**

# ୪ ନାବାଳକ ଗିରଫ

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ତାମିଲନାଡୁରେ ଜଣେ ଓଡ଼ିଆ ଯୁବକଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ ଘଟଣାରେ ୪ ନାବାଳକ ଗିରଫ ହୋଇଛନ୍ତି। ଆକ୍ରମଣ ପରେ ଯୁବକ ଜଣଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ସହ ଭିଡିଓ କରି ସୋସିଆଲ ମିଡିଆରେ ଅପଲୋଡ କରିଥିଲେ। ଏହି ଭିଡିଓ ଆଧାରରେ ୪ ଜଣ ନାବାଳକଙ୍କୁ ଗିରଫ କରିଛି ପୁଲିସ। ଆକ୍ରମଣରେ ଗୁରୁତର ଓଡ଼ିଆ ଯୁବକ ଭି. ସୁରଜଙ୍କର ଡାକ୍ତରଖାନାରେ ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ତିରୁଭାଲୁର ଜିଲ୍ଲା ତିରୁତ୍ତାନୀ ରେଳଷ୍ଟେସନ ନିକଟରେ ଟ୍ରେନରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଓଡ଼ିଆ ଯୁବକ ସୁରଜଙ୍କୁ ୪ ଜଣ ନାବାଳକ ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ନିଶାଗ୍ରସ୍ତ ଥିଲେ। ସେମାନେ ସୁରଜଙ୍କ ମୁଣ୍ଡ, ମୁହଁ ଏବଂ ହାତକୁ କଟୁରୀରେ ହାଣି ପକାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁଶାସନ...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଣମାନେ କଠିନ ପରିଶ୍ରମ, ଘାତପ୍ରତିଘାତ ଦେଇ ଏଠାରେ ପହଞ୍ଚିଛନ୍ତି। ଏହି ନିଯୁକ୍ତିପତ୍ର ହେଉଛି ଆପଣଙ୍କ ବିଶ୍ୱାସ ଓ ସଫଳତାର ପ୍ରତୀକ। ଆମ ସରକାର କ୍ଷମତାକୁ ଆସିବାର ମାତ୍ର ୧୮ ମାସ ପୂରଣ ହୋଇଛି। ଏହି ସ୍ୱଳ୍ପ ସମୟ ମଧ୍ୟରେ ସରକାରୀ ସ୍ତରରେ ଆମେ ୩୯,୪୫୯ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଆଜିଠାରୁ ତୃଣମୂଳ ସ୍ତରରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା ଆପଣଙ୍କ କର୍ମମୟ ଜୀବନର ମୂଳ ଲକ୍ଷ୍ୟ ହେବ। ଏଥିପାଇଁ ଆପଣମାନେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱବୋଧତା ଓ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେବେ। ନିଜେ ଦୁର୍ନୀତିମୁକ୍ତ ରହିବା ସହ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବା ପାଇଁ ସବୁବେଳେ ପ୍ରତିବଦ୍ଧ ରହି ରାଜ୍ୟବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରିବେ। ଜନସାଧାରଣଙ୍କ ପ୍ରତି ଆପଣଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱକୁ କେବେହେଲେ ଭୁଲିବେ ନାହିଁ। ନିଷ୍ଠା ଓ ସହାନଭୂତି ମନୋଭାବ ନେଇ ଜନସେବା ଜାରି ରଖିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାରୁ ଜଣେ ଲେଖାଏଁ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ମାଲକାନଗିରି ଜିଲ୍ଲାର ବସନ୍ତ କୁମାର ରଣା ଓ କୋରାପୁଟ ଜିଲ୍ଲାର ତରୁଣ କୁମାର ଦାସଙ୍କୁ ସମ୍ମାନିତ କରିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶାରୁ ଅତି କମ୍‌ରେ ୧୦ ଜଣ ଅଲିମ୍ପିଆଡ୍ ସୃଷ୍ଟି କରିବା ପାଇଁ ନବନିଯୁକ୍ତ କ୍ରୀଡ଼ା ପ୍ରଶିକ୍ଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହାଛଡ଼ା ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ ୨୦୩୬ ପାଇଁ ଆପଣମାନେ ସ୍ୱପ୍ନଠାରୁ ସଂକଳ୍ପ ବଡ଼ ରଖନ୍ତୁ। ନବନିଯୁକ୍ତଙ୍କ ଜରିଆରେ ରାଜ୍ୟବାସୀ ନୂଆ ଧରଣର ସେବା ପାଇବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଆହୁରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ କହିଛନ୍ତି ଯେ ଆଜିଠାରୁ ଆପଣଙ୍କ ପରୀକ୍ଷକ ହେବେ ସାଧାରଣ ଜନତା। ସାଧାରଣ ଜନତାଙ୍କ ସ୍ୱୀକୃତି ଅନ୍ୟ ସମସ୍ତ ସାର୍ଟିଫିକେଟ୍‌ଠାରୁ ବହୁ ଊର୍ଦ୍ଧ୍ୱରେ ବୋଲି ସେ ନବନିଯୁକ୍ତମାନଙ୍କୁ କହିଥିଲେ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବନିଯୁକ୍ତଙ୍କୁ ସତ୍ୟ, ନିଷ୍ଠା ଓ କର୍ତ୍ତବ୍ୟ ପରାଣୟତାର ସହ ଦାୟିତ୍ୱ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ। ନବନିଯୁକ୍ତଙ୍କ ମଧ୍ୟରୁ ବଲାଙ୍ଗିର ଜିଲ୍ଲାର ଧ୍ରୁବପଦ କୁମାର ବେହେରା, କଟକ ଜିଲ୍ଲାର ଭାଗ୍ୟଶ୍ରୀ ସ୍ୱାଇଁ, ଯାଜପୁର ଜିଲ୍ଲାର ଦେବମୃତ ସାହୁ ଓ ଗଞ୍ଜାମ ଜିଲ୍ଲାର ମନୀଷା ନାୟକ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓ ନିରପେକ୍ଷ ଚୟନ ପଦ୍ଧତି ଯୋଗୁଁ ନିଯୁକ୍ତି ମିଳିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାୟକ ଧନ୍ୟବାଦ ଦେଇଛନ୍ତି।

## ଆଉ ନାହାନ୍ତି...

ନିକଟରେ ବୋଗୁରା-୭ ନିର୍ବାଚନମଣ୍ଡଳୀରୁ ଖାଲିଦା ନିର୍ବାଚନ ଲଢ଼ିବା ସକାଶେ ଦଳ ପକ୍ଷରୁ ପ୍ରାର୍ଥପତ୍ର ଦାଖଲ କରାଯାଇଥିଲା। ଆସନ୍ତା ଫେବ୍ରୁଆରୀରେ ହେବାକୁ ଥିବା ସାଧାରଣ ନିର୍ବାଚନ ଲଢ଼ିବା ପାଇଁ ସେ ପ୍ରସ୍ତୁତ ହେଉଥିଲେ। ତାଙ୍କ ପୁତ୍ର ତାରିକ ରେହମାନ ମଧ୍ୟ ଦୀର୍ଘ ୧୭ ବର୍ଷ ପରେ ଢାକା ଫେରିଥିଲେ। ଖାଲିଦାଙ୍କ ମୃତ୍ୟୁ ପରେ ତାରିକ ଖାଲିଦାଙ୍କ ପାର୍ଟିର ଦାୟିତ୍ୱ ନେବେ ବୋଲି କୁହାଯାଇଛି। ଶ୍ରୀମତୀ ଜିୟାଙ୍କ ପରଲୋକରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଶ୍ୱ ସ୍ତରର ବହୁ ପ୍ରମୁଖ ବ୍ୟକ୍ତିବିଶେଷ ଶୋକ ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି 'ଏକ୍ସ'ରେ ପୋଷ୍ଟ କରି ଗତ ୨୦୧୫ରେ ତାଙ୍କ ସହ ହୋଇଥିବା ସାକ୍ଷାତାଲୋଚନାକୁ ମନେ ପକାଇଛନ୍ତି। ଏଥିସହ ବେଗମ ଖାଲିଦାଙ୍କ ଦୃଷ୍ଟିକୋଣ ଓ ଐତିହ୍ୟ ଭାରତ-ବାଂଲାଦେଶ ସମ୍ପର୍କକୁ ମାର୍ଗଦର୍ଶନ ଦେବ ବୋଲି ଶ୍ରୀ ମୋଦି ଆଶା ପ୍ରକଟ କରିଛନ୍ତି। ସେହିପରି ଭାରତ ପକ୍ଷରୁ ଖାଲିଦାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଯୋଗଦେବେ। ଏଥିସକାଶେ ସେ ଆସନ୍ତାକାଲି ବାଂଲାଦେଶ ଅଭିମୁଖେ ଯାତ୍ରା କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧି ଖାଲିଦାଙ୍କ ପରଲୋକରେ ଶୋକ ପ୍ରକାଶ କରିବା ସହ ବାଂଲାଦେଶ ରାଜନୀତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା 'ଏକ୍ସ'ରେ ଏକ ପୋଷ୍ଟରେ ଦର୍ଶାଇଛନ୍ତି। ଆହୁରି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ଶୋକ ପ୍ରକାଶ କରିଛନ୍ତି।

## ବ୍ୟବସ୍ଥାକୁ ପ୍ରଦୂଷିତ...

ଅନେକଙ୍କ ଗାଡିର ଚାଲାଣ କରିଥିବା ଜାଣିବାକୁ ପାଉଛନ୍ତି। ଚାଲାଣ ଅର୍ଥ ପଇଠ ନକଲେ ପ୍ରଦୂଷଣ ଯାଞ୍ଚ ହୋଇପାରିବ ନାହିଁ ବୋଲି କୁହାଯିବା ପରେ ଲୋକେ ଅର୍ଥ ପଇଠ ପାଇଁ ପରିହବନ ବିଭାଗ ଦପ୍ତର ଠାରୁ ଥାନା ପର୍ଯ୍ୟନ୍ତ ଦଉଡୁଛନ୍ତି। କାରଣ ଉଭୟ ପରିବହନ ବିଭାଗ ଓ ପୁଲିସ୍ ବିଭାଗ ଚାଲାଣ କାଟିଛନ୍ତି ଓ ଅଫ୍‌ଲାଇନ୍‌ରେ ଜଣେ ଅନ୍ୟ ଜଣଙ୍କର ଚାଲାଣ ନେଉନାହାନ୍ତି। ଚାଲାଣ କଟିଥିବା ଯାନବାହାନ ମଧ୍ୟରୁ ପ୍ରାୟ ୨୫ ପ୍ରତିଶତ ଯାନ ସହିତ ଚାଳକଙ୍କ ମୋବାଇଲ୍ ସଂଯୋଗ ନଥିବାରୁ ସେମାନଙ୍କୁ ଅଫ୍‌ଲାଇନ୍‌ରେ ଦେୟ ଦେବାକୁ ପଡୁଛି ଓ ସେମାନେ ହିଁ ସବୁଠାରୁ ଅଧିକ ହୀନସ୍ତା ହେଉଛନ୍ତି।

ତେବେ ଅସଲ ନାଟ ଆରମ୍ଭ ହୋଇଛି ବାୟୁ ପ୍ରଦୂଷଣକୁ ନେଇ। ବାୟୁ ପ୍ରଦୂଷଣ ବୃଦ୍ଧି ଯୋଗୁଁ ଦିଲ୍ଲୀ ସରକାର ସେଠାରେ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ତେଲ ମିଳିବ ନାହିଁ କହିବାପରେ ଓଡ଼ିଶା ପରିବହନ ବିଭାଗ ଆଗପଛ ନବିଚାରି ତୁରନ୍ତ ସେହି ଆଦେଶକୁ କପି ପେଷ୍ଟ କରି ଓଡିଶାରେ ଲାଗୁ କରିଦେଲେ। ଜାନୁଆରୀ ପହିଲାରୁ ତେଲ ମିଳିବନାହିଁ ବୋଲି କହିଲେ। ତେବେ ଲୋକେ ରାସ୍ତାଘାଟରେ ପ୍ରତିବାଦ କରିବାପରେ ତାହାକୁ ଫେବ୍ରୁଆରୀ ପହିଲାକୁ ଘୁଞ୍ଚାଇଛନ୍ତି। ହେଲେ ଯେଉଁ ବାୟୁ ପ୍ରଦୂଷଣ ପାଇଁ ଏତେ ନାଟ, ସେହି ବାୟୁ ପ୍ରଦୂଷଣ ମାପୁଥିବା ଓ ଏହାର ନିୟନ୍ତ୍ରଣ ଦାୟିତ୍ୱରେ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିମ୍ବା ଜଙ୍ଗଲ ଓ ପରିବେଶ ବିଭାଗ କିନ୍ତୁ କିଛି କହୁନାହାନ୍ତି।

ଏତେସବୁ ଭିତରେ କିଛୁ ଲୋକେ ସରକାରଙ୍କ ବିରୁଦ୍ଧରେ ସେମାନଙ୍କ ଅସନ୍ତୋଷକୁ ସୋସିଆଲ ମିଡିଆରେ ଝାଡିବା ଆରମ୍ଭ କରିଛନ୍ତି। କିଏ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିର ନମ୍ବର ସହିତ ବାକିଆ ଜୋରିମାନାର ଫଟୋ ଛାଡିଲାଣି ତ ଆଉ କିଏ ପୁଲିସ୍ ଗାଡିର ପ୍ରଦୂଷଣ ପ୍ରମାଣପତ୍ର ନଥିବାର ସଚିତ୍ର ପ୍ରମାଣ ପକାଇଲାଣି। ଏପରିକି ପ୍ରଦୂଷଣ ଯାଞ୍ଚ କରୁଥିବା ଯାନର ପ୍ରଦୂଷଣ ପ୍ରମାଣପତ୍ର ନଥିବା ବି ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ଏଥି ସହିତ ଆଉ କିଛି ଲୋକେ ଖାଲଖମା ରାସ୍ତା, ଗାଈଗୋରୁ ବୁଲୁଥିବା ରାସ୍ତା, ଆଲୋକ ନ ଥିବା ରାସ୍ତା ଆଦି ପାଇଁ ସରକାର କେତେ ଜରିମାନା ଗଣିବେ, ତା'ର ବି ତାଲିକା ସୋସିଆଲ ମିଡିଆରେ ଛାଡ଼ିବାରେ ଲାଗିଛନ୍ତି। ଏଭଳି ସ୍ଥିତି ବ୍ୟବସ୍ଥାକୁ ଏକପ୍ରକାର ପ୍ରଦୂଷିତ କରିବାରେ ଲାଗିଛି। ସରକାର ତୁରନ୍ତ ଏ କ୍ଷେତ୍ରରେ ସ୍ପଷ୍ଟ ନିଷ୍ପତ୍ତି ଗ୍ରହଣ ନ କଲେ, ସ୍ଥିତି ଦିନକୁ ଦିନ ଆହୁରି ଜଟିଳ ହେବ ବୋଲି ଆଶଙ୍କା କରାଗଲାଣି।

## ଭିଜିଲାନ୍ସ...

ଆଦି ନେଇ ଭିଜିଲାନ୍ସ ଟିମ୍ ଆକଳନ କରୁଛି। ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରୁ ରୁପା ଅଳଙ୍କାର, ଦାମୀ ଘଣ୍ଟା, ବିଦେଶ ଯାତ୍ରା ସମ୍ପର୍କିତ ପାସପୋର୍ଟ, ଜମିଜମା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଏଟିଏମ୍ କାର୍ଡ ଆଦି ଜବତ କରାଯାଇଛି। ୧୯୯୭ରେ ପଞ୍ଚାୟତ ସମ୍ପାଦକ ଭାବେ ମାସିକ ମାତ୍ର ୨ ହଜାର ଟଙ୍କାରେ ଶ୍ରୀ ପଣ୍ଡା ଚାକିରି ଜୀବନ ଆରମ୍ଭ କରିଥିଲେ।

ଅନ୍ୟପକ୍ଷରେ ଆଜି ଭୋର୍‌ରୁ ଶ୍ରୀ ଜେନା ଓ ତାଙ୍କ ପତ୍ନୀଙ୍କ ସହ ଜଡ଼ିତ ୬ଟି ସ୍ଥାନରେ ଚଢ଼ାଉ ଆରମ୍ଭ କରାଯାଇଛି। ଏଥିରେ ଭିଜିଲାନ୍ସର ୪ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର ସାମିଲ୍ ରହିଛନ୍ତି। ଶ୍ରୀ ଜେନାଙ୍କ ମରୈଗାଁସ୍ଥିତ ତାଙ୍କ ଘର, ବସନ୍ତିଆସ୍ଥିତ ଘର, ଜଗନ୍ନାଥପୁରସ୍ଥିତ ଦୋକାନ, ଗୋଦାମ ଘର, ବନ୍ତଳାସ୍ଥିତ ପୈତୃକ ଘର, ବଞ୍ଚୋ ଓ ବାଲିବରେଇ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଛି। ତାଙ୍କ ନାମରେ କେନ୍ଦୁଝର ହାଟଡ଼ିହିଠାରେ ଏକ ତିନିମହଲା କୋଠା, ଜଗନ୍ନାଥ ମୌଜାରେ ନିର୍ମାଣାଧୀନ ଦ୍ୱିତଳ ପ୍ରାସାଦ, ବସନ୍ତିଆ ବଜାରରେ ୨ଟି ଗୋଦାମ ଘର, ବିଦ୍ୟାଧରପୁରଠାରେ ଗୋଟିଏ ଇଲେକଟ୍ରନିକ୍ ଦୋକାନ, ହାଟଡ଼ିହିର ବିଭିନ୍ନ ସ୍ଥାନରେ ୬ଟି ପ୍ଲଟ୍ ଥିବା ବେଳେ ଶହେ ଗ୍ରାମ୍ ଓଜନର ସୁନାଗହଣା, ଗୋଟିଏ ମାରୁତି ଏର୍ଟିଗା କାର୍ ସହ ବିଭିନ୍ନ ବ୍ୟାଙ୍କ୍, ଡାକ ଘର ଓ ଅନ୍ୟାନ୍ୟ ନିବେଶ ହୋଇଥିବା ଟଙ୍କା ସମ୍ପର୍କରେ ସୂଚନା ମିଳିଛି। ଶ୍ରୀ ଜେନା ୧୯୯୫ ମସିହାରେ ମାତ୍ର ୨୨ ଶହ ଟଙ୍କାରେ ଚାକିରି ଜୀବନ ଆରମ୍ଭ କରିଥିଲେ ବୋଲି ସୂଚନା ମିଳିଛି।

## ୨୦୨୬: କଡ଼...

ଅସନ୍ତୁଷ୍ଟମାନେ ଆଉ ଲୁଚି ଛପି ନୁହେଁ, ଖୋଲା ସଭାରେ ଦଳୀୟ ନେତୃତ୍ୱକୁ ଆହ୍ୱାନ ଦେବା ଆରମ୍ଭ କରିଛନ୍ତି। ଏହି ୧୮ମାସ ମାସରେ ଦଳର ଦୁଇ ଦୁଇ ଜଣ ରାଜ୍ୟସଭା ସାଂସଦ ଓ ଜଣେ ପୂର୍ବତନ ରାଜ୍ୟସଭା ସାଂସଦ ବିଜେପିରେ ସାମିଲ ହେବା ଦଳ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ପ୍ରତିଦିନ ଦଳରୁ ପଳାୟନ ପର୍ବ ବି ଜାରି ରହିଛି। ସେହିଭଳି ନିଜକୁ ଅସଲ ବିରୋଧୀ ଦଳ ବୋଲି ଦାବି କରୁଥିବା କଂଗ୍ରେସରେ ମଧ୍ୟ ଅସ୍ଥିରତା ଲାଗି ରହିଛି। ଭକ୍ତଙ୍କ ନେତୃତ୍ୱରେ ଦଳ ବିଜେପିକୁ ଯେଭଳି ମୁକାବିଲା କରିବା କଥା, ତାହା କରିପାରୁନାହିଁ। ନିଜ ଦଳ ଭିତରେ ଚାଲିଥିବା ଶୀତଳ ଯୁଦ୍ଧକୁ ମୁକାବିଲା କରିବାରେ ଭକ୍ତଙ୍କର ଅଧିକାଂଶ ସମୟ ଯାଉଛି। ବରିଷ୍ଠ ନେତା ମହମ୍ମଦ ମୋକିମ ଇତିମଧ୍ୟରେ ଦଳରୁ ବିଦା ହୋଇ ନୂଆ ଦଳ ଗଠନ ପାଇଁ ଲାଗିପଡ଼ିଛନ୍ତି। ବହୁ ଅସନ୍ତୁଷ୍ଟ ନେତା କଂଗ୍ରେସ ଭବନକୁ ଯିବାକୁ ପଛାଉଛନ୍ତି। ବରିଷ୍ଠମାନେ ବି ଭକ୍ତଙ୍କ ସହ ନ ଥିବା ଲକ୍ଷ୍ୟ କରାଯାଉଛି। ଦଳର ଯୁବ, ଛାତ୍ର ଓ ମିଡିଆ ଶାଖାର ପ୍ରଦର୍ଶନ ମଧ୍ୟ ସେଭଳି ଉତ୍ସାହଜନକ ନୁହେଁ। ଏହା ଏବେ ଉଭୟ ଶାସକ ବିଜେପି ଓ ବିରୋଧୀ ବିଜେଡିକୁ ସୁହାଇଛି। କଂଗ୍ରେସରେ ସାମିଲ ପାଇଁ ଯେଉଁମାନେ ପୂର୍ଣ୍ଣ ପ୍ରସ୍ତୁତ ଥିଲେ, ସେମାନେ ଏବେ ନିଜର ଯୋଜନାକୁ ବାତିଲ କରିଦେଇଛନ୍ତି। ଦଳ ଏବେ ବିଜୁଳି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ଆରମ୍ଭ କରିଛି। ଏହି ପ୍ରସଙ୍ଗରେ ଦଳକୁ ସମର୍ଥନ ବି ମିଳୁଛି। ହେଲେ କଂଗ୍ରେସ ଏଥିରୁ କେତେ ରାଜନୈତିକ ଫାଇଦା ପାଇବ, ତା' ଆଗାମୀ ଦିନରେ ଜଣାପଡ଼ିବ।

ଶାସକ ବିଜେପି ଦଳରେ ମଧ୍ୟ ଅସନ୍ତୋଷ ରହିଛି। ହେଲେ ଏଠାରେ ଅସନ୍ତୋଷ ଭିନ୍ନ ପ୍ରକାରର। ଦଳ କ୍ଷମତାକୁ ଆସିବା ପରେ ବିଭିନ୍ନ ପଦପଦବୀ ପାଇଁ ଚାହିଁ ବସିଥିବା ଦଳୀୟ ନେତା ଓ କର୍ମୀମାନେ ଏଠାରେ ଅସନ୍ତୁଷ୍ଟ। ସେମାନଙ୍କୁ ପଦପଦବୀ ମିଳୁନାହିଁ। ନିଗମ, ସମବାୟ ସଂସ୍ଥା, ଯୋଜନା ବୋର୍ଡ ପଦବୀ ପୂରଣ ହୋଇପାରୁ ନ ଥିବାବେଳେ ଖାଲି ପଡ଼ିଥିବା ଛଅ ଛଅଟି ମନ୍ତ୍ରୀ ପଦବୀକୁ ଅନେକ ଚାତକ ଭଳି ଚାହିଁବସିଛନ୍ତି। ବିଧାନସଭାରେ ସରକାର ପାରିତ କରିଥିବା ଦରମା ବୃଦ୍ଧି ବିଲ୍‌କୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକଟ ପରେ ସରକାର ପଛଘୁଞ୍ଚା ଦେବା ସହ ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି। ସରକାରଙ୍କୁ ଏହା ପ୍ରଥମ ଝଟ୍‌କା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଦଳରେ ଏବେ ସମସ୍ତଙ୍କୁ ମନାଇବା ସହ ତଳ ସ୍ତରରେ ଶକ୍ତି ବୃଦ୍ଧି ପାଇଁ ଯୋଜନା ଚାଲିଛି। ହେଲେ ପଦପଦବୀ ଆଶାୟୀମାନେ କେତେ ଦିନ କ୍ଷମତା ବାହାରେ ରହି ଦଳକୁ ବଳ ଦେବେ, ତାହା ବଡ଼ ପ୍ରଶ୍ନବାଚୀ।

ଏଭଳି ସ୍ଥିତିରେ ରାଜ୍ୟରେ ଏବେ ଆଞ୍ଚଳିକ ଦଳ ଗଠନ ପାଇଁ ପ୍ରସ୍ତୁତି ଚାଲିଛି। କଂଗ୍ରେସରୁ ବିଦା ହୋଇଥିବା ମହମ୍ମଦ ମୋକିମ ଏହି ଯୋଜନାର ମୂଳଦୁଆ ପକାଇଥିବା ବେଳେ ବିଜୟ ମହାପାତ୍ର, ଅମର ଶତପଥୀ, ବ୍ରଜ ତ୍ରିପାଠୀଙ୍କ ଭଳି ପ୍ରମୁଖ ନେତାମାନେ ଖୋଲାଖୋଲି ଅଭିଯାନ ସପକ୍ଷରେ ମତ ରଖୁଛନ୍ତି। ବିଭିନ୍ନ ଦଳର ଆହୁରି ଅନେକ ନେତା ପରଦା ପଛରେ ରହି ଏହାକୁ ସମର୍ଥନ ବି ଦେଉଛନ୍ତି। ଯଦି ଏହା ବାସ୍ତବ ରୂପ ନେବ, ତେବେ ରାଜ୍ୟର ୩ ପ୍ରମୁଖ ଦଳକୁ ଏହା ଦୋହଲାଇଦେବ ବୋଲି ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି।

ଆଉ କିଛି ଦିନ ପରେ ପଞ୍ଚାୟତ ଓ ପୌର ନିର୍ବାଚନ ଆସିବାକୁ ଯାଉଛି। ଏଥିସହ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ସହ ସୀମା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣର ଯୋଜନା ରହିଛି। ଏସବୁ କାର୍ଯ୍ୟକୁ ନେଇ ଏବେଠାରୁ ୩ ରାଜନୈତିକ ଦଳ ପ୍ରସ୍ତୁତି ଚଳାଇବା ଆରମ୍ଭ କରିଛନ୍ତି। ତେଣୁ ୨୦୨୬ରେ ଓଡ଼ିଶା ରାଜନୀତି କେବଳ କଡ଼ ଲେଉଟାଇବ ନାହିଁ, ଅନେକ ନେତାଙ୍କ ଭାଗ୍ୟ ଓ ଭବିଷ୍ୟତର ମୂକସାକ୍ଷୀ ହେବ ବୋଲି ଆଲୋଚନା ଆରମ୍ଭ ହୋଇଛି।

# ଟ୍ରକକୁ ପଛରୁ ଧକ୍କାଦେଲା ବସ୍, ୫ ଗୁରୁତର

**ଖନ୍ତାପଡ଼ା,୩୦।୧୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ଓଳିଆ ପାଟଣା ନିକଟ ରିଲାଏନ୍ସ ପେଟ୍ରୋଲ ପମ୍ପ୍ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ଏକ ଲରି ଟ୍ରକକୁ ପଛପଟୁ ଯାତ୍ରୀବାହୀ ବସ୍ ବିନାୟକ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ବସ୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ସୂଚନା ମୁତାବକ ବିନାୟକ ବସ(ଓଡି-୧୫ଏଲ-୩୮୮୮)ଯାତ୍ରୀଙ୍କୁ ନେଇ ବାଲେଶ୍ୱରରୁ ଯାଜପୁର ଟାଉନ ଅଭିମୁଖେ ଯାଉଥିଲା। ଓଳିଆ ପାଟଣା ନିକଟରେ ଥିବା ରିଲାଏନ୍ସ ପେଟ୍ରୋଲ ପମ୍ପ୍‌କୁ ଏକ ଲରିଟ୍ରକ(ଏଚଆର-୬୯ଇ-୧୦୪୨) ତେଲ ପକାଇବା ପାଇଁ ଯାଉଥିବା ବେଳେ ପଛପଟୁ ବସ୍ ଧକ୍କା ଦେଇଥିଲା। ଫଳରେ ବସରେ ସମ୍ମୁଖରେ ବସିଥିବା ୫ ଜଣ ଯାତ୍ରୀ ଆହତ ହୋଇଥିଲେ। ସମସ୍ତ ଆହତ ଯାତ୍ରୀମାନଙ୍କୁ ଜାତୀୟ ରାଜପଥ ପୁଲିସ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡ୍ରାଇଭର-ହେଲ୍‌ପର ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଅନ୍ୟ ବସ୍ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି।

# ଦୀଘା ଜଗନ୍ନାଥ ମନ୍ଦିର: ୮ ମାସରେ ୧ କୋଟି ଦର୍ଶନାର୍ଥୀ

**କୋଲକାତା,୩୦।୧୨(ସଂଚାର ବ୍ୟୁରୋ):** ଗତ ଆଠ ମାସରେ ଦୀଘା ଜଗନ୍ନାଥ ମନ୍ଦିରକୁ ଦର୍ଶନାର୍ଥୀଙ୍କ ସଂଖ୍ୟା ଏକ କୋଟି ଅତିକ୍ରମ କରିଛି। ପର୍ଯ୍ୟଟନ ସ୍ଥଳ ଭାବରେ ଦୀଘା ପୂର୍ବରୁ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଚଳିତ ବର୍ଷ ଏପ୍ରିଲ ୩୦ ତାରିଖରେ ଏହି ମନ୍ଦିରର ଉଦଘାଟନ କରିଥିଲେ। ପୁରୀ ମଡେଲରେ ନିର୍ମିତ ଏହି ସ୍ଥାପତ୍ୟକୁ ନେଇ ଅନେକ ବିବାଦ ଏବଂ ସମାଲୋଚନା ହୋଇଥିଲେ ମଧ, ଭକ୍ତଙ୍କ ସମୁଦ୍ର ସେହି ସମସ୍ତ ସନ୍ଦେହକୁ ଧୋଇ ଦେଇଛି। ମନ୍ଦିର କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ରବିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଏକ କୋଟି ଦର୍ଶନାର୍ଥୀ ପହଞ୍ଚିଥିଲେ। କୋଲକାତାର ଟାଲିଗଞ୍ଜ ନିବାସୀ ସୁରଜିତ ଜାନାଙ୍କ ଶିଶୁକନ୍ୟା କାକଳି ଜାନାଙ୍କୁ ଏକ କୋଟିତମ ଦର୍ଶନାର୍ଥୀ ଭାବରେ ପ୍ରତୀକାତ୍ମକ ଭାବରେ ସ୍ୱାଗତ କରାଯାଇଥିଲା।



## ଗାଁରେ ପଶି ହାତୀ ଭାଙ୍ଗିଲା ଘର, ଲୋକେ ଆତଙ୍କିତ



ନୀଳଗିରି, ୩୦।୧୨ (ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତିରେ କୁଲଡିହା ଅଭୟାରଣ୍ୟରୁ ଏକ ହାତୀ ପଲ ବିଭିନ୍ନ ଗାଁ ପ୍ରବେଶ କରି ଘର, ବାଉଣ୍ଡରି, ଗ୍ରିଲ ଭାଙ୍ଗିବା ସହିତ ଖଳାରେ ଥିବା ଧାନ ଖାଇବା ସହ ହଜାର ହଜାର ଟଙ୍କା କ୍ଷତି କରିଛନ୍ତି।

**ବେଫିକର ବନ ବିଭାଗ**

ଅପର ପକ୍ଷରେ ରାତି ତମାମ ୩ଟି ହାତୀ ଗାଁ ଭିତରକୁ ପଶିଯିବା ଯୋଗୁଁ ଲୋକମାନେ ଜୀବନ ବିକଳରେ ଅନିଦ୍ରା ହୋଇଛନ୍ତି। ଏନେଇ ବନ ବିଭାଗକୁ ଫୋନ କରିଲେ ସୁଦ୍ଧା ବନ କର୍ମଚାରୀମାନେ ଫୋନ ଉଠାଉ ନଥିଲେ। ସୂଚନାଯୋଗ୍ୟ ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଔପଡା ବ୍ଲକ ବର୍ଡ଼ା ବଶିଆ ପଂଚାୟତ ଅଧିନସ୍ଥ ଛୋଟ କାନ ପୁର ଗ୍ରାମ ର ମାର୍କଣ୍ଡ ସେଠୀ, ମାୟାଧର ସେଠୀଙ୍କ କାନ୍ଥ ଭାଙ୍ଗିବା ସହ ଧାନ ଖାଇଯାଇ ଥିଲା ବେଳେ ନୀଳଗିରି ଅଧିନସ୍ଥ ୪ୱାର୍ଡ ମିରିଗିଣି ଗ୍ରାମର ଲକ୍ଷ୍ମୀଧର ବିଶ୍ୱାଳଙ୍କ ଗ୍ରିଲ, ବାଉଣ୍ଡରୀ ୱାଲ ଭାଙ୍ଗି ବାଡ଼ିରେ ଚାଷ ହୋଇ ଥିବା ଫସଲ ନଷ୍ଟ କରିଛନ୍ତି। ସେହିପରି ୩ୱାର୍ଡ ଶାଳବନ୍ଦ ଗ୍ରାମର ପିଲି ସିଂ, ଗୌର ସିଂ ବାଡ଼ିରେ ହାତୀ ପଶି ଧାନ ନଷ୍ଟ କରିଛନ୍ତି। ପ୍ରତିଦିନ କୁଲଡିହା ପାଦ ଦେଶରେ ଥିବା ଗ୍ରାମ ଗୁଡିକରେ ହାତୀ ପ୍ରବେଶ କରି ତାଣ୍ଡବ ରଚୁ ଥିଲେ ସୁଦ୍ଧା ବନ ବିଭାଗ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉନଥିବାରୁ ଗ୍ରାମ ଗୁଡିକ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଶିଶୁ ଓ ମହିଳା ଡେସ୍କ ଅଚଳ

**ବୟାନ ରେକର୍ଡ ପାଇଁ ବାହାରୁ ଆସୁଛନ୍ତି ଏସ୍ଆଇ**

**ଅସ୍ତରଙ୍ଗ ଓ ନୂଆଗଡ ଥାନାରେ ନାହାନ୍ତି ମହିଳା ଅଧିକାରୀ**




କାକଟପୁର/ଅସ୍ତରଙ୍ଗ,୩୦।୧୨ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ମହିଳା ଓ ଶିଶୁଙ୍କ ସୁରକ୍ଷା ଲାଗି କଠୋର ନିୟମ ପ୍ରଣୟନ କରିଛନ୍ତି। ବର୍ତ୍ତମାନ ସମୟରେ ନାବାଳିକା ନିଖୋଜ, ଗର୍ଭବତୀ ଓ ବଳାତ୍କାର ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରେ ଲାଗିଛି। ରାଜ୍ୟ ସରକାର ପୁଲିସ ପ୍ରଶାସନ ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ନେଇ ଅଧିକ ପ୍ରାଧାନ୍ୟ ମଧ ଦେଉଛନ୍ତି। ସେଥିପାଇଁ ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ଡେସ୍କ ଖୋଲା ଯାଇଛି।

କିନ୍ତୁ କିଛି ଦିନ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ ନୂଆଗଡ ଥାନାରେ ମହିଳା ପୁଲିସ ଅଧିକାରୀଣୀ ନାହାନ୍ତି। ମହିଳା ଓ ଶିଶୁ ଡେସ୍କ ଫାଙ୍କା। ଫଳରେ ବୟାନ ରେକର୍ଡରେ ବହୁ ଅସୁବିଧା ଉପୁଜୁଛି। ଯେକୌଣସି ସମୟରେ କେହି ମହିଳା କିମ୍ବା ନାବାଳିକା ଥାନାକୁ ଆସିଲେ ପ୍ରଥମେ ଉକ୍ତ ଡେସ୍କକୁ ଯାଇ ନିଜ ଅଭିଯୋଗ ଜଣାଇବା ସହ ଅଧିକାରୀଣୀ ଅଭିଯୋଗ ରଖିବେ। ଦାୟିତ୍ୱରେ ଥିବା ମହିଳା ଅଧିକାରୀ ଶିଶୁ ଓ ମହିଳାଙ୍କ ଠାରୁ ସମସ୍ତ ବିଷୟ ବୁଝିବେ ଓ ଏତଲା ରଖି ତଦନ୍ତ କରିବେ। ମହିଳା ଓ ଶିଶୁମାନେ ନିଜର ଗୋପନ ବିଷୟ ବିନା ଭୟ ବା ଲାଜରେ କହି ପାରିବେ। କିନ୍ତୁ ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନାରେ କେହି ମହିଳା ଅଧିକାରୀ ବା ଏସଆଇ ନାହାନ୍ତି। କିନ୍ତୁ ପୁଲିସ ପକ୍ଷରୁ ୧୮୦ ବିଏନଏସରେ ରେକର୍ଡ ପାଇଁ ଅନ୍ୟ ଥାନାର ମହିଳା ଏସଆଇଙ୍କୁ ଧାରରେ ଆଣି ବୟାନ ରେକର୍ଡ କରୁଛନ୍ତି। ମାଜିଷ୍ଟ୍ରେଟ ଆଗରେ ୧୮୩ ବିଏନଏସ ବୟାନ ରେକର୍ଡ ସମୟରେ ମଧ୍ୟ ମହିଳା ଅଧିକାରୀଙ୍କ ଉପସ୍ଥିତ ଜରୁରୀ। ଅସ୍ତରଙ୍ଗ ଥାନା ଓ ନୂଆଗଡ ସାମୁଦ୍ରିକ ଥାନାରେ ମହିଳା ପୁଲିସ ଅଧିକାରୀଣୀ ନଥିବାରୁ ଶିଶୁ ଓ ମହିଳା ଡେସ୍କ ଏକ ପ୍ରକାର ଅଚଳ ହୋଇପଡିଛି।



## ରାସ୍ତା ପାର୍ଶ୍ୱରେ ମୁକୁଳା ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଫୁଲବାଣୀ,୩୦।୧୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୁଙ୍ଗିଯୋଡି ପଞ୍ଚାୟତ ମାଦାପଦର ଗ୍ରାମର ଉପରପଡା ଗାଁ ରାସ୍ତା ନିକଟରେ ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପଡ଼ିରହିଛି । ଦୀର୍ଘ ଦିନ ଧରି ଖୋଲାରେ ପଡିଚି। ସେହି ଭଳି ସୋଲାର ଲାଇଟ୍ ବସା ଯାଇଚି, ଦିର୍ଘ ଦିନ ଧରି ଚାଲୁ ନାହିଁ। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏହାକୁ ଦେଖିଥିଲେ ମଧ କିଛି କାମ୍ କରୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ରାସ୍ତା ପାର୍ଶ୍ୱରେ ଟ୍ରାନ୍ସଫର୍ମର ଫିୟୁଜ୍ ବୋର୍ଡ ଅତି ନିକଟରେ ରହିଛି। ସେହି ରାସ୍ତା ଦେଇ ଦୈନିକ ଲୋକ ଓ ଗାଈଗୋରୁ ଏହା ପାର୍ଶ୍ୱ ଦେଇ ଚଳପ୍ରଚଳ କରୁଛନ୍ତି । ତେଣୁ କିଛି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସୁରକ୍ଷା ଦେବାକୁ ଗ୍ରାମ ବାସୀ ଦାବି କରିଛନ୍ତି

## ଦୁଇ ବାଇକ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

ନୀଳଗିରି,୩୦।୧୨ (ସଂଚାର ବ୍ୟୁରୋ): ଦୁଇ ବାଇକ ମୁହଁମୁହିଁ ଧକ୍କା ହେବାରୁ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ନୀଳଗିରି ଥାନା ଅଧିନ ମିରିଗିଣି ଗ୍ରାମର ସୁନୀଲ ପ୍ରଧାନଙ୍କ ପୁଅ ମିଳନ ପ୍ରଧାନ (୩୦)ଆଜି ସନ୍ଧ୍ୟା ପ୍ରାୟ ୬.୪୫ ମିନିଟ ସମୟରେ ଓଡି୦୧ୟୁ ୨୩୧୪ ବିଶିଷ୍ଟ ହିରୋ ମେଷ୍ଟ୍ରୋ ସ୍କୁଟିରେ ନୀଳଗିରିରୁ ଗୋପୀନାଥପୁରକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ପୋଡ଼ଶୂଳ ଗ୍ରାମର ଅଭିଜିତ ସିଂ(୨୫) ଓଡ଼ି୦୧ଏଫ ୩୪୬୪ ହୋଣ୍ଡା ୟୁନିକର୍ଣ୍ଣ ବାଇକ ସହ ବାଣପୁର ଇଲେକ୍ଟ୍ରି ଷ୍ଟ୍ରକଚର ସାମ୍ନାରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ରାସ୍ତାର ଉଭୟ ପାର୍ଶ୍ୱ ନୟନଜୋରିକୁ ଛିଟିକି ପଡ଼ିଥିଲେ। ନୀଳଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ଜବତ କରି ଥାନାରେ ଅଟକ ରଖିଛି ।

# ୪୫ କିଲୋ ଗଞ୍ଜେଇ ଜବତ, ତିନି ଗିରଫ



ଖୋର୍ଦ୍ଧା,୩୦।୧୨ (ସଂଚାର ବ୍ୟୁରୋ): ମଙ୍ଗଳବାର ଦିନ ଖୋର୍ଦ୍ଧାର ଦୁଇଟି ଭିନ୍ନ ସ୍ଥାନରେ ଚଢାଉ ଏବଂ ଯାନବାହାନ ଯାଞ୍ଚ ସମୟରେ ଅବକାରୀ ଅଧିକାରୀ ୪୫ କିଲୋ ଗଞ୍ଜେଇ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ, ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ, ଖୋର୍ଦ୍ଧାର ବାଘମାରୀ, ଥାନା ଅନ୍ତର୍ଗତ ସାରୁଆରେ ଯାନବାହାନ ଯାଞ୍ଚ ସମୟରେ ୨୩ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି ଏବଂ ଦୁଇ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଫୁଲବାଣୀ ଅରବିନ୍ଦ ନଗରର ପ୍ରତାପ କୁମାର ଦିଗାଲ (୩୫) ଓ ଦିନେଶ ଦିଗାଲ (୨୫)। ସେହିପରି ଖୋର୍ଦ୍ଧାର ଜଙ୍କିଆ ଥାନା ଅନ୍ତର୍ଗତ ମାଳିପଡ଼ା ଏନଏଚ-୧୬ ଫ୍ଲାଏଓଭରରେ ୨୨ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। କନ୍ଧମାଳର ଖଜୁରିପଡ଼ା ଗ୍ରାମର ଜଣେ ସନ୍ଦିଗ୍ଧ ବ୍ୟକ୍ତି ସୁବାଳା ଦେହୁରୀ (୨୫)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କଠାରୁ ଗୋଟିଏ ମାରୁତି ସୁଜୁକି କାର ଓଡି୦୨-ଭି୬୬୬୭ ଏବଂ ଇନୋଭା କାର ଓଡି୦୨-ଜେଡ୍୭୬୭୦କୁ ମଧ ଜବତ କରାଯାଇଛି। ଚୋରା ସାମଗ୍ରୀର ଆନୁମାନିକ ମୂଲ୍ୟ ୪ ଲକ୍ଷ ୫୦ ହଜାର ଟଙ୍କା ହେବ। କନ୍ଧମାଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରାଯାଉଥିଲା। ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥିଲେ।

## କୁହୁଡି ସତର୍କତା ନେଇ ଆରଟିଓ ପକ୍ଷରୁ ସଚେତନତା



ଫୁଲବାଣୀ, ୩୦।୧୨ (ସଂଚାର ବ୍ୟୁରୋ): ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ିର ମଧ ଦୃଶ୍ୟମାନ ହେଉଥିବା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ସବୁ ଘଟି ମୂଲ୍ୟବାନ ଜୀବନ ସବୁ ଅସମୟରେ ଚାଲିଯାଉଛି । ଏଥିପ୍ରତି ସତର୍କତା ଅବଲମ୍ବନ କରିବା ନିମନ୍ତେ ଫୁଲବାଣୀ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱ ପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି । ଫୁଲବାଣୀ ଆରଟିଓ ସବ୍‌ଇନ୍ସପେକ୍ଟର ଶିବାନୀ ମାଝୀଙ୍କ ନେତୃତ୍ୱରେ ଏକ ଟିମ ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖ, ଫିରିଙ୍ଗିଆ- ବାଲିଗୁଡା ମୁଖ୍ୟ ରାସ୍ତା ଓ ଅନ୍ୟାନ୍ୟ ମୁଖ୍ୟ ରାସ୍ତାଛକ ମାନଙ୍କରେ ଉପସ୍ଥିତ ରହି ମଟର ବାଇକ ଚାଳକ ଓ ଅନ୍ୟାନ୍ୟ ଯାନବାହାନ ଚଳାଉଥିବା ଡ୍ରାଇଭର ମାନଙ୍କୁ ଅଟକାଇ କୁହୁଡି ସମୟରେ ଗାଡି କେମିତି ଚଳେଇବେ ଓ ସୁରକ୍ଷିତ ଭାବେ ନିଜ ଗନ୍ତବ୍ୟ ସ୍ଥଳରେ ପହଂଚିବେ ସେନେଇ ସଚେତନ କରିବା ସହିତ କୁହୁଡି ସଚେତନତା ବାର୍ତ୍ତା ଲେଖାଥିବା ଲିଫ୍ଟ କାର୍ଡ ସବୁ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି ।ଏହି କାର୍ଯ୍ୟକ୍ରମରେ ସବ୍‌ଇନ୍ସପେକ୍ଟର ଶିବାନୀ ମାଝୀଙ୍କ ବ୍ୟତୀତ ଅନ୍ୟ ସଦସ୍ୟ ତଥା ପରିବହନ ବିଭାଗର କର୍ମଚାରୀ ମାନଙ୍କ ମଧ୍ୟରେ କନଷ୍ଟେବଳ ପୂଜା ରାଣୀ ସାହୁ, ଜୀତେନ୍ଦ୍ର ଦିଗାଲ ଓ ଅନ୍ୟ ଆରଟିଓ ଓ ପୁଲିସ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ବିଜୟ ଜିଲ୍ଲା ସଭାପତି ରୂପେ ମନୋନୀତ



ହିଞ୍ଜିଳିକାଟୁ, ୩୦।୧୨ (ସଂଚାର ବ୍ୟୁରୋ): ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲା ବିଜେପି ସଭାପତିଙ୍କ ନାମ ଘୋଷଣା ହୋଇଛି। ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ କିପରି ଆହୁରି ମଜଭୁତ କରିବା ପାଇଁ ଅଣ୍ଟା ଭିଡ଼ିଛି ବିଜେପି। ଆଜି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଅନୁମୋଦନ କ୍ରମେ ଭାରତୀୟ ଜନତା ପାର୍ଟିର ଘୁମୁସର (ଆସିକା) ସାଂଗଠନିକ ଜିଲ୍ଲାର ସଭାପତି ରୂପେ ବରିଷ୍ଠ ବିଜେପି ନେତା ବିଜୟ କୁମାର ସ୍ୱାଇଁଙ୍କୁ ଚୟନ କରାଯାଇଛି । ଏଥି ସହ ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତାମାନଙ୍କୁ ଜିଲ୍ଲା ପଦାଧିକାରୀ ଭାବେ ମନୋନୀତ କରାଯାଇଛି। ଉକ୍ତ ତାଲିକାରେ ୮ଜଣ ଉପସଭାପତି, ୩ଜଣ ସାଧାରଣ ସମ୍ପାଦକ, ୮ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ଜଣେ କାର୍ଯ୍ୟାଳୟ ସମ୍ପାଦକ,ଆଇ.ଟି ପ୍ରମୁଖ ଓ ସୋସିଆଲ ମିଡ଼ିଆ, ପ୍ରେସ ମିଡ଼ିଆ ରୂପେ ମନୋନୀତ କରାଯାଇଛି। ହିଞ୍ଜିଳିକାଟୁ ଅଂଚଳର ରାଜେନ୍ଦ୍ର ପଣ୍ଡାକୁ ପ୍ରେସ ମିଡ଼ିଆ ଭାବରେ ଚୟନ କରାଯାଇଛି।

# ଉପଯୁକ୍ତ ଚିକିତ୍ସା ନ ପାଇ ଚାଲିଗଲା ପ୍ରସୂତିଙ୍କ ଜୀବନ



ଫୁଲବାଣୀ, ୩୦।୧୨ (ସଂଚାର ବ୍ୟୁରୋ): ଗରିବ ଅସହାୟ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କରିଛନ୍ତି ଅନେକ ଯୋଜନା। ପୂର୍ବ ସରକାରଙ୍କ ସମୟରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ରହିଥିଲା ଯାହାକି ବନ୍ଦ କରାଯାଇଛି। ନୂଆ ସରକାର ଏହାକୁ ବନ୍ଦ କରି ଲାଗୁ କରିଛନ୍ତି ଆୟୁଷ୍ମାନ କାର୍ଡ । ଏହା ସମସ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ। ଗରିବ ରୋଗୀମାନେ ଡାକ୍ତରଖାନାକୁ ଯିବା ଅମଙ୍ଗ ହେଉଛନ୍ତି। ବାଧ ହୋଇ ଗାଁ ନିକଟ କ୍ୱାକ୍‌ଙ୍କ ପାଖରେ ଚିକିତ୍ସିତ ହେଉଛନ୍ତି। ଅକାଳରେ ପ୍ରାଣ ହରାଉଛନ୍ତି। ଏଭଳି ଏକ ଘଟଣା ନଜରକୁ ଆସିଛି କନ୍ଧମାଳ ଜିଲ୍ଲାରେ।

ସୂଚନା ଅନୁସାରେ, ଗତ ୨୨ ତାରିଖରେ ମାଦାପଦର ଗାଁର ବିଶିକେଶନ କହଁରଙ୍କ ସ୍ତ୍ରୀ କାବେରୀ ମଲିକଙ୍କ ଗର୍ଭ ଯନ୍ତ୍ରଣା ହୋଇଥିଲା। ଆଶା କର୍ମୀଙ୍କ ସହାୟତାରେ ସମ୍ପୃକ୍ତ ମହିଳାଙ୍କୁ ଫିରିଙ୍ଗିଆ ଓ ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ୨୩ ତାରିଖରେ ମହିଳା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ରକ୍ତସ୍ରାବ ନ କମିବାରୁ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ରେଫର କରିଥିଲେ । ପାଖରେ ଅର୍ଥ ନ ଥିବାରୁ କିମ୍ବା ସ୍ୱାସ୍ଥ୍ୟ କାର୍ଡ ନ ଥିବାରୁ ପରିବାର ଲୋକ ତାଙ୍କୁ ଘରକୁ ଫେରାଇ ନେଇଥିଲେ। ମେଡିକାଲରୁ ଫେରି କ୍ୱାକ୍ ପାଖରେ ଚିକିତ୍ସିତ ହୋଇଥିଲେ କାବେରୀ। ଅବସ୍ଥା ସଙ୍କଟାପନ୍ନ ହୋଇ ସୋମବାର ଭୋରୁ ସମୟରେ ସେ ପ୍ରାଣ ହରାଇଛନ୍ତି । ମା ଛେଉଣ୍ଡ ହୋଇ ଯାଇଛି ନବଜାତ।

ଫିରିଙ୍ଗିଆ ମହିଳା ଓ ଶିଶୁ ବିକାଶ ଅଧିକାରୀ ନିବେଦିତା ପ୍ରଧାନଙ୍କ ସହ ଏକ ଟିମ ମୃତ ମହିଳାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ଫେରିଛନ୍ତି। ଏପଟେ ଗ୍ରାମବାସୀ ସମ୍ପୃକ୍ତ କ୍ୱାକ୍‌ଙ୍କୁ ଧରି କଠୋର ଦଣ୍ଡ ଦେବା ପାଇଁ ଦାବି କରୁଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଜଣେ ଗୁରୁତର ପ୍ରସୂତିଙ୍କୁ ଏଭଳି ଅବସ୍ଥାରେ କିଭଳି ଘରକୁ ଛାଡିଦେଲେ ବୋଲି ପ୍ରଶ୍ନ ଉଠୁଛି। ଏଭଳି ଘଟଣା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**ସପ୍ତାହକ ମଧ୍ୟରେ ଦୁଇ ପ୍ରସୂତି ମୃତ**

## ଜୀବନଜ୍ୟୋତି ହସ୍ପିଟାଲ ସିଲ୍




ଯାଜପୁର,୩୦।୧୨ (ସଂଚାର ବ୍ୟୁରୋ): ସପ୍ତାହ ମଧ୍ୟରେ ଦୁଇ ଜଣ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଓ ଭଙ୍ଗାରୁଜା ଘଟଣା ପରେ ଜୀବନଜ୍ୟୋତି ବେସରକାରୀ ଚିକିତ୍ସାଳୟକୁ ଜିଲ୍ଲା ପ୍ରଶାସନ ଅନିର୍ଦ୍ଧିଷ୍ଟ ସମୟ ପାଇଁ ସିଲ୍ କରିଛି। ଚିକିତ୍ସାରେ ଅବହେଳା ଅଭିଯୋଗକୁ ନେଇ ଅଞ୍ଚଳବାସୀ ଓ ମୃତା ପ୍ରସୂତିଙ୍କ ପରିବାର ଲୋକ ମେଡିକାଲ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଧାରଣା ଦେବା ସହ ଭଙ୍ଗାରୁଜା କରିଥିଲେ।

ସୂଚନା ଅନୁଯାୟୀ, ଗତ ୨୩ ତାରିଖରେ ସୁଭଦ୍ରା ପାତ୍ର ନାମକ ପ୍ରସୂତି ଏହି ହସ୍ପିଟାଲରେ ଅପରେସନ ମାଧ୍ୟମରେ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପ୍ରସବ ପରେ ଅତ୍ୟଧିକ ରକ୍ତସ୍ରାବ ଓ ଗୁରୁତର ଅବସ୍ଥା ଦେଖାଦେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ଗତ ୨୫ ତାରିଖରେ ସସ୍ମିତା ଜେନା ନାମକ ଅନ୍ୟ ଜଣେ ପ୍ରସୂତି ମଧ ପୁତ୍ର ସନ୍ତାନ ଜନ୍ମ ପରେ ରକ୍ତସ୍ରାବ ହେବାରୁ ଏହି ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ଲଗାତାର ଦୁଇଟି ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ମୃତ ପ୍ରସୂତିଙ୍କ ପରିବାର ଲୋକ କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ହସ୍ପିଟାଲ ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ। ପରିସ୍ଥିତି ଉତ୍ତେଜିତ ହେବା ପରେ ପୁଲିସ ପହଞ୍ଚି ସ୍ଥିତି ଆୟତ୍ତ କରିଥିଲା।

# ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ସପ୍ତମ ବାର୍ଷିକ ଉତ୍ସବ



ନୀଳଗିରି,୩୦।୧୨ (ସଂଚାର ବ୍ୟୁରୋ): ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ସପ୍ତମ ବାର୍ଷିକ ସମାରୋହ ସହ ରାଜ୍ୟସ୍ତରୀୟ ପାଠଚକ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଧକ୍ଷଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବର ଉଦଘାଟନୀ ପର୍ଯ୍ୟାୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ମୁଖ୍ୟବକ୍ତା ଭାବରେ ଓଡ଼ିଶାର ବିଶିଷ୍ଟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଓ ପାଠଚକ୍ରର ଭିତ୍ତିପ୍ରବନ୍ଧ ଉପସ୍ଥାପକ ଭାବରେ ପ୍ରଫେସର ଦେବାଶିଷ ପାତ୍ର ଯୋଗଦେଇଥିଲେ । ଉକ୍ତ ଆସରରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହିତ ପରିଚୟ ପ୍ରଦାନ ସହ ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୬୫ ଟି ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବାବେଳେ ପରିବାରରେ ୮୬୫ ସକ୍ରିୟ ସଦସ୍ୟ ଥିବାକଥା ବିବରଣୀ ମାଧ୍ୟମରେ ପ୍ରକାଶ କରିଥିଲେ। ସେହିପରି ରେମୁଣା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଡ. ତ୍ରିଲୋଚନ ସାହୁ ସଭା ପରିଚାଳନା ଓ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପ୍ରହଲ୍ଲାଦ ଖିଲାର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପରେ ଅତିଥି ମାନଙ୍କ ଦ୍ୱାରା ସ୍ୱର୍ଣ୍ଣଚୂଡ -୨୦୨୫ ପୁସ୍ତକ ଉନ୍ମୋଚନ ହୋଇଥିଲା ।

ଅନ୍ତିମ ପର୍ଯ୍ୟାୟରେ ସ୍ୱର୍ଣ୍ଣଚୂଡ ପରିବାର ତରଫରୁ ନୀଳଗିରିର ସ୍ୱର୍ଗତ କବି ସତ୍ୟନାରାୟଣ ନନ୍ଦ ପ୍ରହରାଜଙ୍କୁ ମରଣୋତ୍ତର ସମ୍ମାନ ଭାବେ ନୀଳଗିରି ରତ୍ନ ସମ୍ମାନ, ବାଲେଶ୍ୱରର ବର୍ଷୀୟାନ ସାହିତ୍ୟିକ ପ୍ରଫେସର ରମାକାନ୍ତ ବେହେରାଙ୍କୁ ବାଲେଶ୍ୱର ରତ୍ନ ସମ୍ମାନ, ପ୍ରଫେସର ନଟବର ଶତପଥୀଙ୍କୁ ସ୍ୱର୍ଣ୍ଣଚୂଡ ସାହିତ୍ୟ ସମ୍ମାନ, ଶିକ୍ଷାବିତ୍ ବିନୋଦ ବିହାରୀ ପଣ୍ଡାଙ୍କୁ ନୀଳଗିରି ଗୌରବ ସମ୍ମାନ, ଡ. କୁମାର ଚନ୍ଦ୍ର ମିଶ୍ରଙ୍କୁ ସଂସ୍କୃତି ସାରଥୀ ସମ୍ମାନ, ମୟୂରଭଞ୍ଜର ଆଦର୍ଶ ଶିକ୍ଷାବିତ୍ ଦେବେନ୍ଦ୍ର ପଣ୍ଡାଙ୍କୁ ଶିକ୍ଷକ ଗୌରବ ସମ୍ମାନ, ଦେବେନ୍ଦ୍ର ବାରିକଙ୍କୁ 'ବାଣୀଭଣ୍ଡାର ସୁରକ୍ଷା ସମ୍ମାନ', ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ସ୍ୱର୍ଣ୍ଣଚୂଡ ସେବା ସମ୍ମାନରେ ଅତିଥିଗଣ ସମ୍ମାନିତ କରିଥିଲେ । ଉକ୍ତ ଉତ୍ସବରେ ସମଗ୍ର ଓଡିଶାରୁ ବହୁ ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିବାବେଳେ ସାହିତ୍ୟ ଅନୁରାଗୀ ମଧ ଯୋଗଦାନ କରିଥିଲେ।

## ଈଶ୍ୱରପୁର ସେବା ସମବାୟ ସମିତିରେ ଚାଷୀଙ୍କ ଠାରୁ ଧାନ କିଣା ନେଇ ବୈଠକ



ନୀଳଗିରି, ୩୦।୧୨ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ଈଶ୍ୱରପୁର ସେବା ସମବାୟ ସମିତିରେ ଚଳିତ ଖରିଫ ଋତୁରେ ଚାଷୀ ମାନଙ୍କ ଠାରୁ ଧାନ କିଣିବା ପାଇଁ ସମିତି ର ସଭାପତି ଭାଗବତ ଖିଲାରଙ୍କ ଆବାହକତ୍ୱରେ ଧାନ କ୍ରୟ ଚାଷୀ କମିଟି ଉପସ୍ଥିତ ହୋଇ ସରକାରଙ୍କ ନିୟମକୁ ଆଧାର କରି ଚାଷୀ ମାନଙ୍କ ସୁବିଧା ପାଇଁ ବୈଠକ ହୋଇଯାଇଛି। ବୈଠକ ଚାଲିଥିବା ସମୟରେ ସେଠାରେ ୩୦ରୁ ଉର୍ଦ୍ଧ୍ୱ ଚାଷୀ ପହଞ୍ଚି ନିଜର ପ୍ରସ୍ତାବ ଓ ଦାବି ଉପସ୍ଥାପନ କରିଥିଲେ। ଚାଷୀ ମାନଙ୍କ ଅଭିଯୋଗ ମୂଳେ ସରକାର ସମିତିରେ ଶସ୍ୟ ମାନ ତର୍ଜମା ନିର୍ଦ୍ଧାରଣ ମେସିନ ଉପଲବ୍ଧ କରିବା ପାଇଁ ଦାବି କରିଥିଲେ। ତେବେ କମିଟି ବିଭାଗକୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ନେବା ସହିତ ସମିତି ପକ୍ଷରୁ ଚାଷୀଙ୍କ ଧାନକୁ ସୁରକ୍ଷା କରିବା ନିମିତ୍ତ ଏକ ଟେଣ୍ଟ ନିର୍ମାଣ କରିବା, ବିଶ୍ରାମ ଓ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ସମିତି ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ଭାର ପ୍ରାପ୍ତ ସମ୍ପାଦକ ଅଶୋକ ଜେନା, ପଞ୍ଚାୟତ ଅଧୀକାରୀ ବିଜୟ ସେଠୀ , ଗ୍ରାମ ସେବକ ସୁଶୀଲ ବିଶ୍ୱାଳ,ଚାଷୀ ଅମିତ୍ ବଳିୟାର ସିଂହ, ସୁଧାକର ମଳିକ, ଗୟାଧର ପାତ୍ର, ରବିନ୍ଦ୍ର ମଳିକ, ମଧୁସୂଦନ ନାୟକ, ପ୍ରଦୀପ ନାୟକ ଏବଂ ସମିତି ର କର୍ମଚାରୀ ଗୌତମ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ୨ ଉପ ସଭାପତି, ଜଣେ ଜିଲ୍ଲା ସାଂଗଠନିକ ସମ୍ପାଦିକା ମନୋନୀତ



ବାଲିଅନ୍ତା,୩୦।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ଅଞ୍ଚଳରେ ଜୟଦେବ ନିର୍ବାଚନମଣ୍ଡଳୀରେ ୨ ଜଣଙ୍କୁ ସାଙ୍ଗଠନିକ ଉପ ସଭାପତି ଏବଂ ଜଣଙ୍କୁ ସମ୍ପାଦିକା ଭାବେ ମନୋନୀତ କରାଯାଇଛି । ଜଗନ୍ନାଥ ବେହେରା ଏବଂ ତାପସ ଜେନାଙ୍କୁ ଉପ ସଭାପତି ଏବଂ ଝିଲ୍ଲୀ ସାମନ୍ତରାୟଙ୍କୁ ସମ୍ପାଦିକା ଭାବେ ଦଳ ପକ୍ଷରୁ ମନୋନୀତ କରାଯାଇଛି। ଏହି ଅବସରରେ ଆଜି ଗୋଡଲବିନ୍ଧାରେ ଜିଲ୍ଲା ସାଙ୍ଗଠନିକ ସମ୍ପାଦିକା ଝିଲ୍ଲୀଙ୍କ ବାସ ଭାବନରେ ଅନୁସୂଚିତ ଜାତି ସଂଯୋଜକ ପବିତ୍ର କୁମାର ଭୋଇ,ବାଳକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ବାଲିପାଟଣା ମଣ୍ଡଳ ସଭାପତି ଗିରିସ ପ୍ରଧାନ,ଜୟନ୍ତ ଶିଶୁଗୋସ୍ୱାମୀ,ଦିଲ୍ଲୀପ ବେହେରା, ଯୁବମୋର୍ଚ୍ଚା ସଭାପତି ବାଳକାଟି ମଣ୍ଡଳ ନିଶିକାନ୍ତ ପଣ୍ଡା, ମନୋଜ ସାହୁ, ଶ୍ରୀକାନ୍ତ ନନ୍ଦ, ପ୍ରଭାତ ଭୋଇଙ୍କ ସମେତ ବୁଥ ସଭାପତି ତ୍ରିନ୍ନାଥ ସାହୁ ପ୍ରମୁଖ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

# ନେତାଙ୍କ ନିକଟତର ହେବାକୁ ଚାଲିଛି ଲବି




ଅସ୍ତରଙ୍ଗ ବଜାର ସାରା ନବବର୍ଷ ହୋଡିଂ ଭର୍ତ୍ତି

କାକଟପୁର/ଅସ୍ତରଙ୍ଗ,୩୦।୧୨ (ସଂଚାର ବ୍ୟୁରୋ): ରାଜ୍ୟ ତଥା କେନ୍ଦ୍ରରେ ବିଭିନ୍ନ ପଦ ପଦବୀରେ ଥିବା ନେତା, ଉଚ୍ଚସ୍ତରୀୟ ନେତା ତଥା ନୂଆ ନୂଆ ନେତାଙ୍କ ନିକଟତର ହେବାକୁ ଚାଲିଛି ଲବି। ତାହା ପୁଣି ନୂଆ ବର୍ଷ ଉପଲକ୍ଷେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଛାଇ ହୋଇଯାଇଛି ଶୁଭେଚ୍ଛା ବାର୍ତ୍ତା। ନୂଆ ସରକାରରେ ଲାଗିଥିବା ଅଭିନନ୍ଦନ ଓ ଶୁଭେଚ୍ଛା ହୋଡିଂରେ ଅନେକ ନୂଆ ନେତାଙ୍କ ମୁହଁ ଦେଖିବାକୁ ମିଳିଛି। କିଏ ସାଂସଦଙ୍କ ହୋଡିଂଙ୍କ ସହ ରହିଛି ତ ଆଉ କିଏ ବିଧାୟକ। ଅନେକ ରାଜ୍ୟ ସଭାପତିଙ୍କ ସହ ରହିଛନ୍ତି। ଶାସକ ଦଳର ନିର୍ବାଚିତ ପ୍ରତିନିଧିଙ୍କ ସହ ଏହି ନୂଆ ନେତାଙ୍କ ବ୍ୟାନର ପୋଷ୍ଟର ମରା ରାଜନୀତି ଏବେ ସବୁଠି ଚର୍ଚ୍ଚାର ପରିଧି କୁ ଆସିଛି।

ବିଧାୟକ ଓ ସାଂସଦଙ୍କ ଠାରେ ପତିଆରା ପାଇଁ ହୋଡିଂରେ ଆରମ୍ଭ ହୋଇଛି ପ୍ରତିଯୋଗିତା। ଅନେକ ଯୁବ ଚେହେରା ଏଥିରେ ସାମିଲ ହୋଇଛନ୍ତି। ଯୁବ ବର୍ଗଙ୍କ ଭିତରେ ଜୋରଦାର ଲବି ରହୁଥିବା ଦେଖିବାକୁ ମିଳିଛି। ଏଥର ବିଜେପି ପକ୍ଷରୁ ସର୍ବାଧିକ ବ୍ୟାନର ଦେଖିବାକୁ ମିଳିଛି। ବିଜେଡି କେବଳ ବଡ଼ ନେତା ମାନେ ହୋଡିଂ ଲଗାଇ ଥିବା ବେଳେ କାଁ ଭାଁ ଯୁବ ଚେହେରା ରହିଛି। କଂଗ୍ରେସ ବି ଭିନ୍ନ ଭିନ୍ନ ହୋଡିଂ ଲଗାଇ ନୂଆ ବର୍ଷର ଅଭିନନ୍ଦନ ଦେଇଛି। ଶାସକ ବିଜେପି ଦଳର ଯେଉଁ ନେତା ଚେହେରା ନେତାଙ୍କ ନିକଟତର ହେବାକୁ ଏଭଳି ବ୍ୟବସ୍ଥା ଏକ ପ୍ରତିଯୋଗିତାପୂର୍ଣ୍ଣ ମନୋଭାବ ଥିବା ବାରି ହୋଇ ପଡୁଛି। ଏଭଳି ଅକସ୍ମାତ ଯୁବ ଚେହେରା ଙ୍କ ଅଭିନନ୍ଦନ ବାର୍ତ୍ତା ଦର୍ଶାଉଛି, ଏମାନେ ରାଜନୀତି କୁ ରୁଚିରଖି ବଡ଼ ନେତାଙ୍କ ନିକଟତର ହେବାକୁ ଯାଉଛନ୍ତି। ଯାହା ସୁସ୍ଥ ଗଣତନ୍ତ୍ରର ଏକ ଦିଗ ବୋଲି କୁହାଯାଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

**● ଛେଳି ଚିହ୍ନଟକୁ ନେଇ ୨ ମହିଳାଙ୍କ ମଧ୍ୟରେ ବିବାଦ**

# ପୁଲିସ ମଧ୍ୟସ୍ଥି ସାଜିଥିଲେ ସୁଦ୍ଧା ହେଉନି ସମାଧାନ

ନୀଳଗିରି, ୩୦।୧୨ (ସଂଚାର ବ୍ୟୁରୋ ): ନୀଳଗିରି ସହର ରେ ଏକ ଛେଳିର ମାଲିକାନାକୁ ନେଇ ୨ ମହିଳା ଙ୍କ ମଧ୍ୟରେ କଳି ସୃଷ୍ଟି ହେବା ସହ କଥା ଥାନାକୁ ଯିବା ପରେ ପୁଲିସ ମଧ୍ୟସ୍ଥି ସାଜି ଥିଲେ ସୁଦ୍ଧା ବିବାଦ ସମାଧାନ ନହେବାକୁ ନେଇ ଚର୍ଚ୍ଚା ହେଉଛି।

ନୀଳଗିରି ସହର ୮ନଂ ୱାର୍ଡ଼ ଅଧୀନ ସାନଅତା ଅଞ୍ଚଳର କରୁଣାକର ମୁଖୀଙ୍କ ସ୍ତ୍ରୀ ମୋନାଲିସା ଦାସ ପ୍ରାୟ ୪୦ଟି ଛେଳି ପାଳନ କରିଛନ୍ତି। ପ୍ରାୟ ଏକ ମାସ ପୂର୍ବରୁ ତାଙ୍କ ଗୁହାଳରୁ ୪ଟି ଛେଳି ଚୋରି ହୋଇଥିଲା। ସମ୍ପୃକ୍ତ ମହିଳା ନୀଳଗିରି ଡାକ୍ତରଖାନା ପଛପାଖ ନୟନ ମହାନ୍ତି ନାମକ ଜଣେ ରଙ୍ଗମିସ୍ତ୍ରୀଙ୍କୁ ଡ଼କାଇ ସମସ୍ତ ଛେଳି ସିଙ୍ଗରେ ନୀଳ ରଙ୍ଗ ମାରିଥିଲେ। ଚୋରି ହୋଇଥିବା ଛେଳିଙ୍କ ମଧ୍ୟରୁ ଗୋଟିଏ ଛେଳି ଗୁଡ଼ିଖାଣିଆ ଲକ୍ଷ୍ମଣ ବିନ୍ଧାଣୀଙ୍କ ଘରେ ବନ୍ଧା ଯାଇଥିବା ଜାଣି ଆଜି ଛେଳି ମାଲିକାଣୀ ସେଠାରେ ପହଞ୍ଚିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତି ହୋଇ ମାର ପିଟି ହୋଇଥିଲା। ଏନେଇ ଛେଳି ମାଲିକାଣୀ ନୀଳଗିରି ଥାନାରେ ଅଭିଯୋଗ କରି ଥିବା ବେଳେ ଛେଳି ବାନ୍ଧି ଥିବା ବିନ୍ଧାଣି ପରିବାର ପାଲଟା ଅଭିଯୋଗ କରିଛି। ସନ୍ଧ୍ୟାରେ ପୁଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଉଭୟ ପକ୍ଷ ଛେଳିର ମାଲିକାନା ଜାହିର କରିବା ଯୋଗୁଁ ପୁଲିସ ଅଡୁଆରେ ପଡ଼ି ଯାଇଛି। ଏପରିକି ରଙ୍ଗମିସ୍ତ୍ରୀ ଜଣକ ଚୋରି ହୋଇଥିବା ଛେଳିଟିକୁ ଚିହ୍ନଟ କରିଥିଲେ ମଧ ଥାନା ପରିସରରେ ଛେଳିକୁ ଛଡ଼ାଯିବା ପରେ ସେ କାହାରି ପାଖକୁ ନଯିବାରୁ ପୁଲିସ ପାଇଁ ଅଡୁଆ ବଢ଼ିଥିଲା।

ସେପଟେ ଗୁଡ଼ିଖାଣିଆର ଲକ୍ଷ୍ମଣ ବିନ୍ଧାଣୀ ଉକ୍ତ ଛେଳିକୁ ସୋମନାଥପୁର ଅଞ୍ଚଳରୁ ୨ ହଜାର ଟଙ୍କାରେ କିଣି ଆଣିଥିଲେ ବୋଲି କହିଥିଲେ। ଏହି ଘଟଣାରେ ଛେଳିକୁ ଥାନାରେ ରଖାଯାଇଛି। ତଦନ୍ତକାରୀ ଅଧିକାରୀ ସୋମନାଥପୁର ଯାଇ ଫେରିଲା ପରେ ଅସଲ କଥା ଜଣାପଡିବୋଲି ଜଣାପଡିଛି।

### କାଶୀ ତାମିଲ ସଙ୍ଗମମ୍ ୪.୦ ର ସମାପନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

# ଭାଷାଗତ ବିବିଧତା ଜ୍ଞାନର ସେତୁ ସାଜୁ

- କାଶୀ ତାମିଲ ସଙ୍ଗମମ୍ 'ଏକ ଭାରତ-ଶ୍ରେଷ୍ଠ ଭାରତ'ର ଭାବନାକୁ ସୁଦୃଢ଼ କରିଛି
- ଆମ ଗୌରବମୟ ସଭ୍ୟତାର ବାହକ ହେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ
- ତାମିଲନାଡୁ ସ୍ଥିତ ଡ.ଏପିଜେ ଅବଦୁଲ କଲାମ ମେମୋରିଆଲ ପରିଦର୍ଶନ



**ରାମେଶ୍ୱରମ/ତାମିଲନାଡୁ, ୩୦।୧୨:** ଭାଷାଗତ ବିବିଧତା ଜ୍ଞାନର ସେତୁ ସାଜିଲେ ଭାରତର ଭବିଷ୍ୟତ ଶକ୍ତିଶାଳୀ ହେବ ବୋଲି ମଙ୍ଗଳବାର ତାମିଲନାଡୁର ରାମେଶ୍ୱରମ ଠାରେ 'କାଶୀ ତାମିଲ ସଙ୍ଗମମ୍ ୪.୦'ର ସମାପନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାରୁ ଆରମ୍ଭ ହୋଇଥିବା ଏହି ସଙ୍ଗମମ୍ ଆମର ବୌଦ୍ଧିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ସେଲିବ୍ରେଟ୍ କରିବା ସହ ଜାତୀୟ ସଂହତିକୁ ଅଧିକ ସୁଦୃଢ଼ କରିଛି। କାଶୀର ଗଙ୍ଗା କୂଳରୁ ଆରମ୍ଭ ହୋଇ ରାମେଶ୍ୱରମର ସମୁଦ୍ର କୂଳରେ ପହଞ୍ଚିଥିବା ଏହି କାର୍ଯ୍ୟକ୍ରମ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ନୂତନ ଶକ୍ତି ପ୍ରଦାନ କରିବା ସହ ଉଭୟ ଅଞ୍ଚଳର ଶତାବ୍ଦୀ ପୁରୁଣା ସମ୍ପର୍କକୁ ପୁନର୍ଜୀବିତ କରିଛି।

ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି ଯେ, ସମସ୍ତଙ୍କୁ ସାମିଲ କରିବା ଏବଂ ଭାରତୀୟ ସଭ୍ୟତାର ଜ୍ଞାନକୁ ସହଜ କରିବା ହେଉଛି କାଶୀ ତାମିଲ ସଙ୍ଗମମ୍ ଏବଂ ଜାତୀୟ ଶିକ୍ଷା ନୀତିର ମୂଳ ଲକ୍ଷ୍ୟ । ଯେତେବେଳେ ଆମେ ବିବିଧତାକୁ ସମ୍ମାନ ଦେଉ ଏବଂ ଭାଷାଗତ ବୈଚିତ୍ର୍ୟକୁ ଜ୍ଞାନର ସେତୁ ଭାବେ ଗ୍ରହଣ କରୁ, ସେତେବେଳେ ଭାରତର ଭବିଷ୍ୟତ ଆହୁରି ଶକ୍ତିଶାଳୀ ହୁଏ ବୋଲି ସେ କହିଛନ୍ତି। ତାମିଲ ସଭ୍ୟତା କେବଳ ଏକ ଆଞ୍ଚଳିକ ପରିଚୟ ନୁହେଁ, ବରଂ ଏହା ଭାରତର ସାଂସ୍କୃତିକ ଯାତ୍ରାର ମୂଳଦୁଆ। ଚଳିତ ବର୍ଷର ବିଷୟବସ୍ତୁ 'ତାମିଲ କର୍କଲମ୍' କେବଳ ତାମିଲ ଶିକ୍ଷାକୁ ପ୍ରୋତ୍ସାହିତ କରୁନାହିଁ, ବରଂ ଭାରତର ପ୍ରାଚୀନ ଜ୍ଞାନର ଦ୍ୱାର ଖୋଲିଛି। କାଶୀ ତାମିଲ ସଙ୍ଗମମ୍ ଆଗାମୀ ଦିନରେ ଭାରତର ଯୁବପିଢ଼ିଙ୍କୁ ଆମର ଗୌରବମୟ ସଭ୍ୟତାର ଗର୍ବିତ ବାହକ ହେବା ପାଇଁ ଅନୁପ୍ରାଣିତ କରିବ ବୋଲି ସେ ଦୃଢ଼ ବିଶ୍ୱାସ ପ୍ରକଟ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ତାମିଲନାଡୁ ସ୍ଥିତ ଡ. ଏପିଜେ ଅବଦୁଲ କଲାମ ମେମୋରିଆଲ ପରିଦର୍ଶନ କରିଥିଲେ।

## ପୁରୀ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

**ପୁରୀ, ୩୦।୧୨(ସଂଚାର ବ୍ୟୁରୋ):** ସରକାରୀ ଅଧିକାରୀ ନେଇପାରିବେ ନାହିଁ ଛୁଟି। ଆଜିଠାରୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ। ପୁରୀ ଜିଲ୍ଲାର ସମସ୍ତ ହୋଇଥିବା ସରକାରୀ ଅଧିକାରୀଙ୍କ ଛୁଟି ବାତିଲ। ମୁଖ୍ୟ କାର୍ଯ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ। ୨୦୨୬ ନୂଆବର୍ଷ ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଜାରି କରିଛନ୍ତି ନିର୍ଦ୍ଦେଶନାମା। ପୁରୀରେ ପର୍ଯ୍ୟଟକ ଏବଂ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ନିଆଯାଇଛି ପଦକ୍ଷେପ। ଜିଲ୍ଲାର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ, ତୀର୍ଥଯାତ୍ରୀ ରହିଥିବାରୁ ଭିଡ଼କୁ ଦେଖି ନିଷ୍ପତ୍ତି ନେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା। ନବବର୍ଷରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଏହାକୁ କିଭଳି ଶୃଙ୍ଖଳିତ କରାଯାଇପାରିବ ସେନେଇ ଶ୍ରୀମନ୍ଦିର, ପୁରୀ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭକ୍ତମାନେ କିଭଳି ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ ଓ ସଠିକ ନୀତିକାନ୍ତି ମହାପ୍ରଭୁଙ୍କର ହୋଇପାରିବ ସେନେଇ ସେବାୟତଙ୍କ ସହ ଆଲୋଚନା କରାଯାଇଥିଲା। ସେପଟେ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ହୋଇ ସାରିଥିବା ବେଳେ ବିଭିନ୍ନ ହୋଟେଲ ଗୁଡ଼ିକରେ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ଭୁବନେଶ୍ୱରରୁ ଆସୁଥିବା ଚାରିଚକିଆ ଯାନ ଗୁଡ଼ିକ ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ଏବଂ ଜେଲ୍ ରୋଡ ପାର୍କିଂରେ ଗାଡ଼ି ରଖିପାରିବେ। ବ୍ରହ୍ମଗିରି ପଟୁ ଆସୁଥିବା ଚାରିଚକିଆ ଯାନ ଷ୍ଟର୍ଲିଙ୍ଗ ଛକ ଏବଂ ଯାତ୍ରୀକା ଠାରେ ପାର୍କିଂ କରିପାରିବେ। ସେହିପରି କୋଣାର୍କ ପଟୁ ଆସୁଥିବା ଗାଡିଗୁଡିକ ତାଳବଣିଆ ପଡ଼ିଆରେ ପାର୍କିଂ କରିପାରିବେ। ଆସନ୍ତା ୩୧ ଏବଂ ୧ ତାରିଖ ଦୁଇଦିନ ପାଇଁ ଏହି କଟକଣା ଜାରି କରିଛି ପୁରୀ ପୁଲିସ।

**ଆଜିଠୁ ୭ ଦିନ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ**

## ଟାଟା ପାୱାର ବିରୋଧରେ ଜନସ୍ୱାର୍ଥ ମାମଲା

### ଓଇଆରସି ଆକ୍ଟ, ଓଡ଼ିଶା ବିଦ୍ୟୁତ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ଅଭିଯୋଗ



**କଟକ,୩୦।୧୨(ସଂଚାର ବ୍ୟୁରୋ):** ଟାଟା ପାୱାର ବିରୋଧରେ ରୁଜୁ ହେଲା ଜନସ୍ୱାର୍ଥ ମାମଲା। ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମାକୁ ବିରୋଧ ସହ ତୁରନ୍ତ ପ୍ରତ୍ୟାହାର ଦାବିରେ ହାଇକୋର୍ଟରେ ଦାୟର ହେଲା ଜନସ୍ୱାର୍ଥ ମାମଲା। ମଙ୍ଗଳବାର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଆଇନ ଏବଂ ଓଡ଼ିଶା ବିଦ୍ୟୁତ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ଅଭିଯୋଗରେ ହାଇକୋର୍ଟରେ ଭଏସ ଅଫ କଟକ ପକ୍ଷରୁ ମାମଲା ଦାୟର ହୋଇଛି। ଏହି ଜନସ୍ୱାର୍ଥ ମାମଲାରେ ଶକ୍ତି ସଚିବ, ଟାଟା ପାୱାର ଏବଂ ଓଇଆରସି ପକ୍ଷଭୁକ୍ତ କରାଯାଇଛି।ସୂଚନାଥାଉ କି, ଓଡ଼ିଶା ବିଦ୍ୟୁତ ସେବାରେ ନିୟୋଜିତ ଥିବା ଟାଟା ପାୱାର ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଆଦାୟ ପାଇଁ ନୋଟିସ ଦେବା ପରେ ଉପଭୋକ୍ତା ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ଏପ୍ରସଙ୍ଗରେ ରାଜନୀତି ମଧ ଜୋର ଧରିଛି। ବିରୋଧୀ ବିଜେଡି ଓ କଂଗ୍ରେସ, ଉପଭୋକ୍ତା ମହାସଂଘ ସହିତ ବୁଦ୍ଧିଜୀବୀଗଣ ରାଜରାସ୍ତାକୁ ଓହ୍ଲାଇଛନ୍ତି। ବିରୋଧ ପ୍ରଦର୍ଶନ କରିବା ସହ ପ୍ରତ୍ୟାହାର ପାଇଁ ଓଇଆରସି ଓ ଟାଟା ପାୱାର ନିକଟରେ ଦାବି କରିଛନ୍ତି।

## ୩ ଉଦ୍ୟୋଗର ଆର୍ଥିକ ପ୍ରଦର୍ଶନ | ୬,୩୯,୯୭,୫୮୯ ଲାଭାଂଶ ସରକାରଙ୍କୁ ପ୍ରଦାନ

**ଭୁବନେଶ୍ୱର, ୩୦।୧୨(ସଂଚାର ବ୍ୟୁରୋ):** କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ଅଧୀନରେ ଥିବା ତିନୋଟି ଉଦ୍ୟୋଗ ଯଥା ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଓ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ ଉଲ୍ଲେଖନୀୟ ଆର୍ଥିକ ପ୍ରଦର୍ଶନ କରି ତାଙ୍କର ନିର୍ଦ୍ଦେଶକ ମଣ୍ଡଳୀର ସୁପାରିଶ ଓ ଅଂଶୀଦାରମାନଙ୍କ ବାର୍ଷିକ ସାଧାରଣ ସଭାର ଅନୁମୋଦନ କ୍ରମେ, ଆନୁଷ୍ଠାନିକ ଭାବରେ ରାଜ୍ୟ ସରକାରଙ୍କୁ ଲାଭାଂଶ ବାବଦେ ଆଜି ମୋଟ ୬ କୋଟି ୩୯ ଲକ୍ଷ ୯୭ ହଜାର ୫୮୯ ଟଙ୍କା ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସଦୟ ଉପସ୍ଥିତିରେ ଲୋକସେବା ଭବନ, କାର୍ଯ୍ୟାଳୟ ପ୍ରକୋଷ୍ଠରେ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ଓଡ଼ିଶା କୃଷି ଶିଳ୍ପ ନିଗମ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୫ କୋଟି ୨୩ ଲକ୍ଷ ୭୪ ହଜାର ୨୨୨ ଟଙ୍କା, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ୨୩ ଲକ୍ଷ ୨୦ ହଜାର ୯୬୭ ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ ଆର୍ଥିକ ବର୍ଷ ୨୦୨୨-୨୩ ଏବଂ ୨୦୨୩-୨୪ ପାଇଁ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି।




### ତାମିଲନାଡୁରେ ଓଡ଼ିଆଙ୍କ ମୃତ୍ୟୁ ଘଟଣା

## ତଦନ୍ତ ପାଇଁ ଅଧିକାରୀଙ୍କୁ ପଠାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ତାମିଲନାଡୁରେ ଜଣେ ଓଡ଼ିଆ ଯୁବକଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣ ପରେ ଓଡ଼ିଶା ସରକାର ତଦନ୍ତ ପାଇଁ ଦକ୍ଷିଣ ରାଜ୍ୟରେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି। ଏଥିସହ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକାଶ କରିଛନ୍ତି। ଜଣେ ନିରୀହ ଓଡ଼ିଆ ପୁଅ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ବୋଲି ମୁଖ୍ୟମନ୍ତ୍ରୀ 'ଏକ୍ସ'ରେ ପୋଷ୍ଟ କରିଛନ୍ତି।ପୀଡ଼ିତଙ୍କୁ ସମସ୍ତ ପ୍ରକାର ଉତ୍ତମ ଚିକିତ୍ସା ଓ ସହାୟତା ଯୋଗାଇ ଦେବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି। ରାଜ୍ୟ ବାହାରେ କର୍ମରତ ପ୍ରତ୍ୟେକ ଓଡ଼ିଆ ଭାଇଭଉଣୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ସଂକଳ୍ପବଦ୍ଧ।

ଅପରପକ୍ଷରେ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି ଯେ ତାମିଲନାଡୁ ପଠାଯାଇଥିବା ଓଡ଼ିଶା ଅଧିକାରୀ ତଦନ୍ତ କରିବେ ଓ ରାଜ୍ୟ ସରକାରଙ୍କୁ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବେ। ଦାୟୀ ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାମିଲନାଡୁ ସରକାରଙ୍କୁ ମଧ ଅନୁରୋଧ କରାଯାଇଛି।

### ● ଆଇପିଏସ୍ ସ୍ତରରେ ପଦୋନ୍ନତି

## ଅତିରିକ୍ତ ଡିଜି ପାହ୍ୟାକୁ ଗଲେ ସାଇନି ଏସ୍



**ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ କିଛି ଆଇପିଏସ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି। ୨୦୦୧ ବ୍ୟାଚର ଆଇପିଏସ ସାଇନି ଏସ.ଙ୍କୁ ଅତିରିକ୍ତ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। କେନ୍ଦ୍ରୀୟ ଡେପୁଟେସନରେ ଥିବା ୨୦୦୧ ବ୍ୟାଚର ଡକ୍ଟର ସୁର୍ଯ୍ୟା ଥଙ୍ଗାପନଙ୍କୁ ମଧ ଅତିରିକ୍ତ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ୨୦୦୮ ବ୍ୟାଚର ଆଇପିଏସ ସତ୍ୟଜିତ ନାୟକ ଓ ଉମାଶଙ୍କର ଦାଶଙ୍କୁ ଆଇଜି ପାହ୍ୟାକୁ ପ୍ରମୋସନ ମିଳିଥିବା ବେଳେ କେନ୍ଦ୍ରୀୟ ଡେପୁଟେସନରେ ଥିବା ପ୍ରକାଶ ଆରଙ୍କୁ ମଧ ଆଇଜି ପାହ୍ୟାକୁ ପଦୋନ୍ନତି

**ଆଇଜି ପାହ୍ୟାରେ ସତ୍ୟଜିତ ନାୟକ ଓ ଉମାଶଙ୍କର**



ଦିଆଯାଇଛି। ୨୦୧୨ ବ୍ୟାଚର ଆଇପିଏସ ମାଡକର ସନ୍ଦୀପ ସମ୍ପଦ ଓ କେନ୍ଦ୍ରୀୟ ଡେପୁଟେସନରେ ଥିବା ସୁଧାଂଶୁ ଶେଖର ମିଶ୍ରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ୨୦୧୩ ବ୍ୟାଚର ଜଗମୋହନ ମୀନା, ପରମାର ସ୍ମିଥ ପି. ଓ ମୁକେଶ କୁମାର ଭାମୋଙ୍କ ସହ କେନ୍ଦ୍ରୀୟ ଡେପୁଟେସନରେ ଥିବା ରାହୁଲ ପିଆର, ଅନୁପମା ଜେମ୍ସ ଓ ଏଲ. ଦିବ୍ୟା ଭି.ଙ୍କୁ ପେ-ମାଟ୍ରିକ୍ସ ଲେବୁଲ ୧୩କୁ ଉନ୍ନିତ ହୋଇଛନ୍ତି। ୨୦୧୭ ବ୍ୟାଚର ସ୍ୱାଥି ଏସ.କୁମାର, ସିଦ୍ଧାର୍ଥ କଟାରିଆ ଓ ପ୍ରହ୍ଲାଦ ସାହାଇ ମୀନାଙ୍କୁ ପେ-ମାଟ୍ରିକ୍ସ ଲେବୁଲ ୧୨କୁ ପଦୋନ୍ନତି ଦିଆଯାଇଛି।

### ଓମ୍‌ସା ପକ୍ଷରୁ ଓପିଡି ବନ୍ଦ ଆନ୍ଦୋଳନକୁ ଏସସିବି ଡାକ୍ତରଙ୍କ ସମର୍ଥନ

## କଳା ବ୍ୟାଜ ପିନ୍ଧି ଜୁନିୟର ଡାକ୍ତରଙ୍କ ପ୍ରତିବାଦ

**କଟକ,୩୦।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ସରକାରୀ ଡାକ୍ତରଖାନାରେ ମଞ୍ଜୁରିପ୍ରାପ୍ତ ପଦକୁ ବାଦ୍ ଦେଲେ ପ୍ରାୟ ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିଛି। ଏହାସହ ଡାକ୍ତରଖାନାରେ ଡାକ୍ତରଙ୍କ ପାଇଁ ଅନେକ ସମସ୍ୟା ମଧ ସୃଷ୍ଟି ହେଉଛି। ତେଣୁ ଖାଲି ପଡ଼ିଥିବା ପଦବୀ ପୂରଣ ସହ ଡାକ୍ତରଙ୍କ ଅନ୍ୟାନ୍ୟ ୧୩ଟି ଦାବି ପ୍ରତି ସରକାରଙ୍କ ଅଣଦେଖା ପ୍ରତିବାଦରେ ଶୁକ୍ରବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମ୍‌ସା)। ଫଳରେ ପ୍ରାୟ ୫ ଦିନ ହେବ ୧ ଘଣ୍ଟିଆ ବର୍ହିବିଭାଗ ସେବା ବନ୍ଦ ରଖୁଛନ୍ତି ଡାକ୍ତର। ଆଉ ଏହି କ୍ରମରେ ମଙ୍ଗଳବାର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଶିଶୁ ଭବନରେ କାର୍ଯ୍ୟରତ ଡାକ୍ତରମାନେ ଓମସାକୁ ସମର୍ଥନ ଜଣାଇ ନୀରବ ପ୍ରତିବାଦ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଘଣ୍ଟା ଓପିଡି କାର୍ଯ୍ୟ ବନ୍ଦ ଡାକ୍ତରମାନେ କରିଥିବା ବେଳେ, ଏସସିବି ମେଡିକାଲ କଲେଜରେ କାର୍ଯ୍ୟରତ ଜୁନିୟର ଡାକ୍ତରମାନେ ମଧ କଳା ବ୍ୟାଚ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ ୧୩ଟି ଦାବି ଉପରେ ଗତକାଲି ସରକାରଙ୍କ ସହ ଆଲୋଚନା କରାଯାଇଥିବା ବେଳେ ଏହା ସଫଳ ହୋଇନାହିଁ। ତେଣୁ ଏସସିବିର ଜୁନିୟର ଡାକ୍ତରମାନେ ମଧ ଏହାକୁ ସମର୍ଥନ ଜଣାଇ କଳା ବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି। ଏମିତିରେ ଯଦି ସରକାର ଆଗକୁ ଏହି ଦାବି ପୂରଣ ନକରନ୍ତି, ତେବେ ସଂପୂର୍ଣ୍ଣ ରୋଗୀସେବା ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି ଜୁନିୟର ଡାକ୍ତରମାନେ।

## ନିଜ ଭିତରେ ମାଓବାଦୀଙ୍କ ଗୁଳିଚାଳନା: ୨ ମୃତ

**ବିଶ୍ରା,୩୦।୧୨(ସଂଚାର ବ୍ୟୁରୋ):** ମୁହାଁମୁହିଁ ହୋଇଛନ୍ତି ମାଓବାଦୀ ସଙ୍ଗଠନର ସଦସ୍ୟ। ସେମାନଙ୍କ ମଧରେ ଗୁଳିଚାଳନା ଯୋଗୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ୩୦ଟି ଅପରାଧିକ ମାମଲା ଥିବା ପଳାତକ ଦେବେନ୍ଦ୍ର ଗଞ୍ଜୁ(୪୦) ଓ ଚୁଡ଼ାମନ ଗଞ୍ଜୁ(୩୫)। ଗୁରୁତର ଶ୍ୟାମ ଭୋକ୍ତା(୩୦) ଓ ବ୍ରହ୍ମଦେବ ଭୋକ୍ତା(୨୫)ଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୀମାନ୍ତ ଚତ୍ରା ଜିଲ୍ଲା କୁଣ୍ଡା ଥାନା ଅନ୍ତର୍ଗତ ଗେନ୍ଦ୍ରା ଗ୍ରାମରେ ଏହି ଘଟଣା ଘଟିଛି। ଚତ୍ରା ପୁଲିସ ଅଧୀକ୍ଷକ ସୁମିତ କୁମାର ଅଗ୍ରୱାଲ କହିଛନ୍ତି ଯେ, ସୁରକ୍ଷାବାହିନୀର ଲଗାତର ଅପରେସନ ଯୋଗୁ ମାଓବାଦୀଙ୍କ ମନୋବଳ ଭାଙ୍ଗିଛି। କୌଣସି କାରଣରୁ ସେମାନଙ୍କ ମଧରେ ଗଣ୍ଡଗୋଳ ହୋଇ ଗୁଳିଚାଳନା ହୋଇଥିଲା। ଖବରପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତର ୨ ଜଣଙ୍କୁ ଡାକ୍ତରଖାନା ପଠାଇଥିଲା। ସୁରୀକ୍ଷାକର୍ମୀଙ୍କ ହେପାଜତରେ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ସେମାନଙ୍କ ଚିକିତ୍ସା କରାଯାଉଛି। ସ୍ଥାନୀୟ ପୁଲିସ ଘଟଣାର ତଦନ୍ତ କରୁଛି।

## ଚୁନାଘାଟିରେ ୨୦ ଫୁଟ୍ ତଳକୁ ଖସିଲା ହାଇୱା

**ଲହୁଣିପଡ଼ା,୩୦।୧୨(ସଂଚାର ବ୍ୟୁରୋ):** କେବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ କୁନ୍ଦୁରୁବୁରୁ ଚୁନାଘାଟିରେ ଭାରସାମ୍ୟ ହରାଇ ୨୦ ଫୁଟ୍ ତଳକୁ ହାଇୱା ଓଲଟି ଚାଳକ ଗୁରୁତର ହୋଇଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ରାତି ପ୍ରାୟ ୧୨ଟା ସମୟରେ କୋଇଡ଼ା ପଟୁ ଲୁହାପଥର ବୋଝେଇ ହାଇୱା ଓଡି ୦୯ ଭି ୬୧୧୫ ଅନୁଗୁଳ ଅଭିମୁଖେ ଯାଉଥିବା ସମୟରେ ଚୁନାଘାଟିରେ ତଳକୁ ଓଲଟି ପଡ଼ିଥିଲା। ଜାତୀୟ ରାଜପଥ କର୍ମଚାରୀ କେବଲାଙ୍ଗ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚାଳକ ଝାଡଖଣ୍ଡ ରାଜ୍ୟର ଜଗମୋହନ ମାହାତୋ(୩୫)ଙ୍କୁ ଉଦ୍ଧାରକରି ଲହୁଣିପଡ଼ା ଡାକ୍ତରଖାନାକୁ ପଠାଇଥିଲା। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ ଏକ ଦୁର୍ଘଟଣା ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

## ଉତ୍ସର୍ଗୀକୃତ ଓ ବୃତ୍ତିଗତ କାର୍ଯ୍ୟ ସଂସ୍କୃତି ପାଇଁ ପ୍ରେରଣା: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଗାମୀ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କର ଦୀର୍ଘ ଦେଢବର୍ଷର କାର୍ଯ୍ୟାବଳୀ, ପୂର୍ବରୁ ପ୍ରଶାସନିକ ସେବାରେ ଭାରତ ସରକାରଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ରାଜ୍ୟ ସଦର ମହକୁମାରେ ତାଙ୍କର କାର୍ଯ୍ୟ, ତାଙ୍କର ବ୍ୟକ୍ତିତ୍ୱ, କାର୍ଯ୍ୟଶୈଳୀକୁ ନେଇ ତାଙ୍କର ଲକ୍ଷ୍ୟଭିତ୍ତିକ ନେତୃତ୍ୱକୁ କୃତଜ୍ଞତା ଓ ସମ୍ମାନ ଜଣାଇ ଏକ ସମ୍ବର୍ଦ୍ଧନା ସଭା ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜାଙ୍କ ସହିତ ତାଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆରତୀ ଆହୁଜା ମଧ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଓଡ଼ିଶାର ବିକାଶ ଓ ଭବିଷ୍ୟତ ପାଇଁ ସେ ସକରାତ୍ମକ ଅଭିବ୍ୟକ୍ତି ଓ ଦୃଢୋକ୍ତି ପ୍ରକାଶ କରିଥିଲେ। ସମସ୍ତ ପ୍ରଶାସନିକ ଅଧିକାରୀମାନଙ୍କୁ ସେମାନଙ୍କର ଆଗାମୀ ଭବିଷ୍ୟତ ପାଇଁ ସେ ଶୁଭେଚ୍ଛା ଜଣାଇଥିଲେ।



## ମୋଦିଙ୍କ ନେତୃତ୍ୱରେ ବିଜେପି ଆଜି ବଟବୃକ୍ଷ: ଅଭିଳାଷ

**ଭୁବନେଶ୍ୱର,୩୦।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ବିଜେପି ସରକାର କାର୍ଯ୍ୟ କରିଚାଲିଛି। ଏନେଇ ଓଡ଼ିଶାବାସୀଙ୍କ ମନରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ଆସ୍ଥା ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦୃଢ଼ ସାଙ୍ଗଠନିକ ଦକ୍ଷତା ଉପରେ ରାଜ୍ୟବାସୀଙ୍କ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ରାଜ୍ୟରେ ଡବଲ ଇଞ୍ଜିନ୍ ସରକାରଙ୍କ ବିକାଶ ମଡେଲ ଉପରେ ଆସ୍ଥା ପ୍ରକଟ କରି ସମସ୍ତେ ଏବେ ବିଜେପିମୁହାଁ ହେଉଛନ୍ତି। ମୋଦିଙ୍କ ନେତୃତ୍ୱ ବିଜେପିକୁ ଆଜି ଏକ ବିରାଟ ବଟବୃକ୍ଷରେ ପରିଣତ କରିଛି ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା କହିଛନ୍ତି। ଦଳର ବିଚାରଧାରାରେ ଅନୁପ୍ରାଣିତ ହୋଇ ଯୁବନେତା ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସମ୍ପାଦକ ସୁବ୍ରତ ଶତପଥୀ ନେତୃତ୍ୱରେ ବିଜେଡି ଛାଡ଼ି ତାଙ୍କର ବହୁ ସମର୍ଥକଙ୍କ ସହ ବିଜେପିରେ ମିଶିଛନ୍ତି। ସେହିପରି କଟକ ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ମୁକେଶ କୁମାର ମହାରଣା ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଏହାଛଡ଼ା ଯୁବ ନେତା ଧୀରଜ ପଟ୍ଟନାୟକ, ରାଜେଶ ଦାସ, ଅଜର ଅମର ମିଶ୍ର, ଲିଙ୍ଗରାଜ ନାୟକ, ମନୋଜ ଦାସ, ଦେବପ୍ରସାଦ ପଣ୍ଡା, ପିଣ୍ଟୁ ସାହୁ, ସ୍ୱାଧୀନ କର, ସୁନାମ ଦୀକ୍ଷିତ, ଉଦୟ ପ୍ରକାଶ ପୃଷ୍ଟି, ସାଗର ସାହୁ ପ୍ରମୁଖ ସାମିଲ୍ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, କଟକ ଜିଲ୍ଲା ପ୍ରଭାରୀ ଇଂ. ଜ୍ଞାନଦେବ ବେଉରା, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ ଓ ସୁବ୍ରତ ବିଶ୍ୱାଳ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି।



ସମର୍ଥକଙ୍କ ସହ ବିଜେପିରେ ମିଶିଲେ ବିଜେଡି ଯୁବ ନେତା

### ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତି ନେଇ ଆଲୋଚନା

# ବଢ଼ିବ ଶ୍ରୀମନ୍ଦିର ପରିଚାଳନା ଆୟ



- ବ୍ୟବହୃତ ଜମିର ହେବ ସୁବନ୍ଦୋବସ୍ତ
- ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ
- ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୩୦।୧୨(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ହଜାର ହଜାର ଏକର ଜମି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଅବ୍ୟବସ୍ଥିତ ଢଙ୍ଗରେ ପଡ଼ିରହିଛି। ସଠିକ୍ ପରିଚାଳନା ଅଭାବରୁ ଅନେକ ଜମି ଜବରଦଖଲରେ ରହିଛି। ଏହିସବୁ ସମସ୍ୟାର ସମାଧାନ ନେଇ ଆସିଥିବା ପ୍ରସ୍ତାବ ଉପରେ ଆଜି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଆଜି ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିର ସଠିକ୍ ବନ୍ଦୋବସ୍ତ, ଦୀର୍ଘଦିନ ହେବ ସ୍ଥାୟୀ ଭାବେ ବସବାସ କରୁଥିବା ଦଇତାପତି, ନିଯୋଗ, ସେବାୟତ ଓ ମଠଗୁଡ଼ିକୁ ଜମି ପ୍ରଦାନ ନେଇ ଥିବା ନୀତିରେ ସଂଶୋଧନ କରାଯିବା ଉପରେ ଆଲୋଚନା ହୋଇଥିଲା। ଏହି ସଂଶୋଧିତ ନୀତି ବଳରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବାୟତ ଓ ଅଣସେବାୟତମାନେ ସୁଫଳ ପାଇପାରିବେ। ଏଥି ସହିତ ଶ୍ରୀମନ୍ଦିର ରାଜସ୍ୱ ଆଦାୟ ମଧ ସୁଗମ ହୋଇପାରିବ। ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ବହୁ ମୂଲ୍ୟବାନ ସମ୍ପତ୍ତିକୁ ଜବରଦଖଲମୁକ୍ତ କରି ସର୍ବୋଚ୍ଚ ମୂଲ୍ୟରେ ଆବଣ୍ଟିତ କରିବା ନେଇ ଆସିଥିବା ପ୍ରସ୍ତାବ ଉପରେ ମଧ ଆଲୋଚନା ହୋଇଥିଲା।

ଏହି ଅବସରରେ ଶୃଙ୍ଖଳିତ ନୀତିକାନ୍ତି, ସେବାପୂଜା ଓ ପରିଚାଳନା ଥିବା ଶ୍ରୀମନ୍ଦିର ଆଇନରେ ଆବଶ୍ୟକ ସଂଶୋଧନ ଉପରେ ଆଲୋଚନା ହୋଇଥିଲା। ବହୁ ପୁରାତନ ଏହି ଆଇନରେ ଆବଶ୍ୟକୀୟ ସଂଶୋଧନ କରି ବିଭିନ୍ନ ସବ୍‌କମିଟି ଗଠନ ସହ ଶୃଙ୍ଖଳିତ ରୀତିନୀତି, ବିଶୃଙ୍ଖଳ ଆଚରଣକୁ ରୋକିବା ଏବଂ ନିଷେଧ ବସ୍ତୁ ଶ୍ରୀମନ୍ଦିର ଭିତରକୁ ବାରଣ ନେଇ ଆଇନରେ ସଂସ୍କାର ଅଣାଯିବା ସହ ଦଣ୍ଡବିଧାନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ନେଇ ଭୁଲ ସୂଚନା ପ୍ରଦାନ ଏବଂ ସାମାଜିକ ଗଣମାଧମରେ ଅପପ୍ରଚାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇନରେ ପ୍ରାବଧାନ କରାଯିବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ଡାଏରୀକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉନ୍ମୋଚନ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୧,୭୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୯,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୧,୭୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୯,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୧,୭୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୯,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୧,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୦,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୨,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୧,୭୧୦ ଓ ୧,୨୯,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୮,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ବଢ଼ିଲା ବିଦେଶୀ ମଦ ଦାମ୍; ଏଥର ମହଙ୍ଗାରେ କଟିବ ନୂଆବର୍ଷ

**ୱାଇନ ବୋତଲ ପିଛା ୨୦ ରୁ ୨୭୦ ଟଙ୍କା ବୃଦ୍ଧି**

**ଗଚ୍ଛିତ ରଖି ମାଲ୍ ଛାଡୁନି ଡିପୋ**

**ଦୋକାନରେ ଚାହିଦା ଥିବା ମଦର ଅଭାବ**

ଭୁବନେଶ୍ୱର,୩୦।୧୨: ନୂଆବର୍ଷରେ ପାର୍ଟି କରିବାକୁ ଯୋଜନା କରିଥିବା ଲୋକଙ୍କ ଖୁସିରେ ସରକାର ମହଙ୍ଗା ମାଡ଼ କରିଛନ୍ତି। ଲୋକଙ୍କ ଚାହିଦାରେ ଥିବା ବିଦେଶୀ ମଦର ଦାମ୍ ବଢ଼ାଇ ଦେଇଛନ୍ତି। ସୋମବାର ଠାରୁ ନୂଆ ଦାମ୍ ମଦ ମିଳିବ। ସବୁଠାରୁ ବଡ଼ କଥା ହେଉଛି ଡିପୋରେ ଗଚ୍ଛିତ ଥିବା ମଦ ମାର୍କେଟକୁ ନଛାଡ଼ି ଦର ବଢ଼ାଇବା ପାଇଁ ସରକାର ନିଜେ ଅଭାବୀ ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏପଟେ ଦୋକାନୀ ବିୟର ବରାଦି ଦେଲେ ମଧ ନିଗମ ମାଲ ଛାଡୁନାହିଁ। ନୂଆବର୍ଷ ପାଇଁ ରାଜ୍ୟରେ ଏବେ ବିଦେଶୀ ମଦର ଚାହିଦା ବଢ଼ିବାରେ ଲାଗିଛି। ଡିସେମ୍ବର ଓ ଜାନୁଆରୀରେ ସରକାର ବର୍ଷକ ଟାର୍ଗେଟ୍ ର ୩୦ରୁ ୩୫% ରାଜସ୍ୱ ଆଦାୟ କରନ୍ତି। ନୂଆବର୍ଷ ପୂର୍ବରୁ ସରକାର ବିଦେଶୀ ମଦ ଦର ବଢ଼ାଇ ଦେଇଛନ୍ତି। ବିଶେଷ କରି ଇଣ୍ଡିଆ ମେଡ୍ ଫରେନ୍ ଲିକର୍(ଅଇଏମ୍ଏଫ୍ଏଲ୍)ର ଡିମାଣ୍ଡ ଥିବା 'ଓଲ୍ଡ ମଙ୍କ୍' ୭୫୦ ଏମଏଲ ବୋତଲ ପିଛା ୨୦ଟଙ୍କା ବଢ଼ିଥିବା ବେଳେ ୩୭୫ ଏମଏଲ ଓ ୧୮୦ ଏମଏଲ ବୋତଲ ପିଛା ୧୦ ଟଙ୍କା ବଢ଼ିଛି। ଅଇଏମ୍ଏଫ୍ଏଲ୍ର ଆଉ ଏକ ମଦ 'ବାର୍କାଡି ଲେମନ୍' ବୋତଲ ପିଛା ୩୦ରୁ ୧୦ ଟଙ୍କା ବଢ଼ିଛି। ତା'ଛଡ଼ା ବଟଲ୍ ଇନ୍ ଆଉଟ୍ ସାଇଟ୍(ବିଆଇଓଏସ୍) ସ୍କଚ୍ ଦାମ ବି ବଢ଼ାଇ ଦେଇଛନ୍ତି। ୩,୬୨୦ ଟଙ୍କାରେ ମିଳୁଥିବା ବ୍ଲାକ୍ ଲେବୁଲ୍(୭୫୦ ଏମଏଲ) ୧୩୦ ଟଙ୍କା ବଢ଼ିଛି। ସେହିଭଳି ଗୋଲ୍ଡ ଲେବଲ୍ ରିଜର୍ଭ ୭୫୦ ଏମଏଲ ୫,୯୯୦ ଟଙ୍କାରେ ମିଳୁଥିଲା। ସରକାର ଏହାକୁ ବୃଦ୍ଧି କରି ୬,୩୨୦ ଟଙ୍କା କରିଛନ୍ତି। ୧୮୭୦ ଟଙ୍କାରେ ମିଳୁଥିବା ଜେ ଆଣ୍ଡ ବି କ୍ୱାଟ୍ ଦାମ ବି ୨୦୧୦ ଟଙ୍କା ହୋଇଛି। ବିଦେଶୀ ମଦକୁ ଛାଡ଼ିଲେ ସରକାର ୧୫ଟି ଓ୍ୱାଇନ୍(୭୫୦ ଏମ୍ଏଲ୍) ବୋତଲ ପିଛା ୨୦ ଟଙ୍କାରୁ ୨୭୦ ଟଙ୍କା ବଢ଼ାଯାଇଛି। ୬୩୦ଟଙ୍କାରେ ମିଳୁଥିବା ଗ୍ରୋଭର କାବରନେଟ୍ ସିରାଜ୍ ଓ୍ୱାଇନ୍ ବୋତଲ ୯୦୦ ଟଙ୍କା କରାଯାଇଛି। ମଦ ବୋତଲରେ ପୁରୁଣା ଦାମ୍ ଲେଖା ଅଛି। ଦୋକାନୀମାନେ ନୂଆ ଦାମରେ ବିକ୍ରି କରିବେ। ଏ ସ୍ଥିତିରେ ଗ୍ରାହକ ଓ ଦୋକାନୀଙ୍କ ମଧରେ ବିବାଦ ମୁଣ୍ଡ ଟେକିବ ବୋଲି ଆଶଙ୍କା ରହିଛି। ନୂଆ ବର୍ଷ ଆଗକୁ ଅଛି। ଗତ ୧୫ ଦିନ ହେବ ରାଜ୍ୟର ସବୁ ଠିପି ବନ୍ଦ ଦୋକାନରେ ଭିଡ଼ ଦେଖା ଦେଲାଣି। ଦୋକାନୀମାନେ ଅଧିକ ମଦ କିଣିବାକୁ ଡିପୋରେ ଭିଡ଼ ଲଗାଇଛନ୍ତି। ହେଲେ ଡିପୋରୁ ମଦ ମିଳୁନାହିଁ। ଖବର ମିଳିଛି, ଓଡ଼ିଶା ଷ୍ଟେଟ୍ ବିଭରେଜ୍ କର୍ପୋରେସନ ଲିମିଟେଡ୍ ପାଖରେ ବିଦେଶୀ ମଦ ଓ ଓ୍ୱାଇନ୍ ୨୦ ହଜାର ପେଟି ଗଚ୍ଛିତ ଅଛି। ସୋମବାରଠୁ ଚଢ଼ା ଦରରେ ବିକ୍ରି ପାଇଁ ଡିପୋ ଏବେଠାରୁ ମଦ ଦେବା ବନ୍ଦ କରି ଦେଇଛି। ୨୦୨୪ ଜିରୋନାଇଟରେ ୬୪ କୋଟି ଟଙ୍କାର ମଦ ବିକ୍ରି ହୋଇଥିଲା। ଦୋକାନୀମାନେ ନିଜର ଏମ୍ଜିକ୍ୟୁ ପୂରଣ ପାଇଁ ଏହି ସମୟକୁ ଅପେକ୍ଷା କରି ସଫଳ ହୋଇଥାନ୍ତି। ସହରବାସୀ ଯେଉଁ ବିଦେଶୀ ମଦ ଡିମାଣ୍ଡ କରୁଛନ୍ତି ତାହା ଏବେଠାରୁ ଯୋଗାଇପାରୁ ନାହାନ୍ତି ଦୋକାନୀମାନେ। ଓଡ଼ିଶା ଷ୍ଟେଟ୍ ବିଭରେଜ୍ କର୍ପୋରେସନ ଲିମିଟେଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମାଲ୍ ମହଜୁଦ୍ ରହିଛି। ଖୁବଶୀଘ୍ର ମଦ ଦୋକାନୀମାନଙ୍କୁ ଦିଆଯିବ। ସୂଚନା ମୁତାବକ, ୨୦୨୪ ସେପ୍ଟେମ୍ବର ମାସରେ ବିୟର ବୋତଲ ପିଛା ୧୦ ଟଙ୍କା ଲେଖାଏଁ ବଢ଼ାଇଥିଲା। ୨୦୨୫ ଜାନୁଆରୀରେ ପୁଣି ୧୦ ଟଙ୍କା ବଢ଼ାଇଥିଲେ। ଏହି ମାସରେ ବିଦେଶୀ ମଦ ଓ ଓ୍ୱାଇନ୍ ଦର ବୃଦ୍ଧି ହେବ।



# ଭାରତରେ ଆକାଶଛୁଆଁ ହେବ ସିଗାରେଟ୍ର ଦର

ନୂଆଦିଲ୍ଲୀ, ୩୦।୧୨: ଏତେ ମହଙ୍ଗା ହୋଇଯିବ ସିଗାରେଟ୍, ଶୁଣିଲେ ଟାଣିବା ବନ୍ଦ କରିଦେବେ। ଭାରତରେ ଆକାଶଛୁଆଁ ହେବାକୁ ଯାଉଛି ସିଗାରେଟ୍ର ଦର। ଏକାବେଳକେ ଚାରିଗୁଣା ବଢ଼ିଯିବ। କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଶୋଧନ ବିଲ୍-2025 ଉପରେ ବାଜିଛି ସଂସଦର ମୋହର। ଏହି ବିଲ୍ ସିଗାରେଟ୍, ସିଗାର, ହୁକା ଭଳି ତମାଖୁ ଉତ୍ପାଦ ଉପରେ ଉତ୍ପାଦ ଶୁଳ୍କକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଏହି ନୂତନ ସଂଶୋଧନ ଅନୁଯାୟୀ, ସିଗାରେଟ୍ ଉପରେ ଉତ୍ପାଦ ଶୁଳ୍କ ପ୍ରତି ୧ ହଜାର ଷ୍ଟିକ୍ ପାଇଁ ୨୦୦-୭୩୫ରୁ ୨୭୦୦-୧୧୦୦୦କୁ ବୃଦ୍ଧି ପାଇବ। ଏହି ବୃଦ୍ଧି ସିଗାରେଟର ପ୍ରକାର ଏବଂ ଲମ୍ବ ଉପରେ ନିର୍ଭର କରି ଭିନ୍ନ ହେବ। ତମାଖୁ ଉପରେ ଉତ୍ପାଦ ଶୁଳ୍କ ଚାରିଗୁଣ ବୃଦ୍ଧି ପାଇବ। ୨୫% ରୁ ୧୦୦% ପର୍ଯ୍ୟନ୍ତ। ହୁକା ତମାଖୁ ଉପରେ ଶୁଳ୍କ ୨୫% ରୁ ୪୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଧୂମପାନ ମିଶ୍ରଣ ଉପରେ ଶୁଳ୍କ ଛଅ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏହା ୬୦% ରୁ ୩୦୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଅଧିକାରୀମାନେ ଆକଳନ କରିଛନ୍ତି ଯେ ଆଜି ୧୮ ମୂଲ୍ୟର ସିଗାରେଟ୍ ଖୁବ୍ ଶୀଘ୍ର ୭୨ ଟଙ୍କା ମୂଲ୍ୟର ହୋଇପାରେ।



ମୂଲ୍ୟ ବୃଦ୍ଧି ଉପରେ ଲୋକମାନେ ପ୍ରତିକ୍ରିୟା ଦେଉଛନ୍ତି। ଜଣେ Reddit ୟୁଜର୍ସ କହିଛନ୍ତି, ମୁଁ ନିଜେ ଧୂମପାନକାରୀ, ମୁଁ ଏହି ନିଷ୍ପତ୍ତିକୁ ପସନ୍ଦ କରେ... ମୁଁ ମଧ ଛାଡିପାରେ। ଏହି ସମୟରେ, କିଛି ଲୋକ ନିଷ୍ପତ୍ତି ବିଷୟରେ ସନ୍ଦେହ ପ୍ରକାଶ କରିଛନ୍ତି। ଜଣେ ୟୁଜର କହିଛନ୍ତି, ସ୍ମୋକର ହତାଶ ଏବଂ ଏହି ପରିବର୍ତ୍ତନ ଆମ ମଧ୍ୟରୁ ଅନେକଙ୍କୁ ପ୍ରଭାବିତ କରିବ ନାହିଁ। ଆଉ ଜଣେ ମଜା କରି କହିଥିଲେ, "ମୁଁ ଦିଲ୍ଲୀର ପବନରେ ରହୁଛି, ମାଗଣା ମାଗଣା।"

# ଜାନୁଆରୀରେ ଲଞ୍ଚ ହେବ ନୂଆ ରେନଲ୍ଟ ଡଷ୍ଟର୍

ନୂଆଦିଲ୍ଲୀ: କମ୍ପାକ୍ଟ ଏସୟୁଭି ସେଗମେଣ୍ଟ ବର୍ତ୍ତମାନ ଭାରତୀୟ ଅଟୋ ବଜାରରେ ସବୁଠାରୁ ଲୋକପ୍ରିୟ। ଏହି ସମୟରେ, ରେନଲ୍ଟ ଇଣ୍ଡିଆ ଏହାର ପ୍ରତିଷ୍ଠିତ ଏସୟୁଭି ଡଷ୍ଟର ପାଇଁ ଏକ ଟିଜର ରିଲିଜ୍ କରିଛି। ଏହା ସେହି ଡଷ୍ଟର ଯାହା ୨୦୧୨ ରେ ଭାରତରେ କମ୍ପାକ୍ଟ ଏସୟୁଭି ସେଗମେଣ୍ଟ କ୍ଷେତ୍ରରେ ମୂଳଦୁଆ ପକାଇଥିଲା। ବର୍ତ୍ତମାନ, ପ୍ରାୟ ଏକ ଦଶନ୍ଧୀ ପରେ ରେନଲ୍ଟ ଡଷ୍ଟର ନୂଆ ରୂପରେ ଫେରିବାକୁ ଯାଉଛି।

କମ୍ପାନୀ ଏହାକୁ "ଏକ ଆଇକନର ପ୍ରତ୍ୟାବର୍ତ୍ତନ" ଭାବରେ ବର୍ଣ୍ଣନା କରିଛି। ଏହାର ଲଞ୍ଚ ତାରିଖ ଜାନୁଆରୀ ୨୬, ୨୦୨୬ ଧାର୍ଯ୍ୟ କରାଯାଇଛି। ରେନଲ୍ଟ ଦ୍ୱାରା ପ୍ରକାଶିତ ଏକ ଟିଜରରେ ଏସୟୁଭିର ପଛ ଭାଗର ଏକ ଝଲକ ଦେଖାଯାଇଛି। ଏହା ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ, ନୂତନ ଡଷ୍ଟରର ଡିଜାଇନ୍ ଆଧୁନିକ ଏବଂ ବୋଲ୍ଡ ହେବ। ଟିଜରରେ ସଂଯୁକ୍ତ ଟେଲଲ୍ୟାମ୍ପ ଦେଖାଯାଇଛି, ଯାହା ଏହାକୁ ଆନ୍ତର୍ଜାତୀୟ ମଡେଲଠାରୁ ଟିକେ ଭିନ୍ନ କରିଥାଏ। ଏଲଇଡି ଡିଆରଏଲ ରହିଛି। ସାମଗ୍ରିକ ଭାବରେ, ନୂତନ ଡଷ୍ଟର ଅଧିକ ପ୍ରିମିୟମ୍ ଏବଂ ଫ୍ୟୁଚରିଷ୍ଟିକ୍ ଦେଖାଯିବ। ନୂତନ ରେନଲ୍ଟ ଡଷ୍ଟର ରେ ବୈଶିଷ୍ଟ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବାର ଆଶା କରାଯାଉଛି। ଏଥିରେ ଏକ ନୂତନ ଡ୍ୟାସବୋର୍ଡ ଡିଜାଇନ୍ ରହିବ। ଏସୟୁଭିରେ ୱାୟାରଲେସ୍ ଆଣ୍ଡ୍ରଏଡ ଅଟୋ ଏବଂ ଆପଲ କାରପ୍ଲେ ସପୋର୍ଟ ସହିତ ୧୦.୧ ଇଞ୍ଚ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍ ରହିବ। ଡଷ୍ଟରରେ ୭-ଇଞ୍ଚ ଡିଜିଟାଲ୍ ଡ୍ରାଇଭର୍ସ ଡିସପ୍ଲେ, ଏକ ୱାୟାରଲେସ୍ ଫୋନ୍ ଚାର୍ଜର, ଏକ ୬-ସ୍ପିକର୍ ସାଉଣ୍ଡ ସିଷ୍ଟମ୍, ଏକ ପାୱାର ଡ୍ରାଇଭର୍ସ ସିଟ୍ ଏବଂ ଏକ ପାନୋରାମିକ୍ ସନରୁଫ୍ ମଧ ଅନ୍ତର୍ଭୁକ୍ତ। ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍, ଆମ୍ବିଏଣ୍ଟ ଲାଇଟିଂ, କି-ଲେସ୍ ଏଣ୍ଟ୍ରି ଏବଂ କ୍ରୁଜ୍ କଂଟ୍ରୋଲ ଭଳି ଫିଚର ମିଳିପାରେ। ଭାରତରେ ଲଞ୍ଚ ହେବାକୁ ଥିବା ନୂତନ ରେନଲ୍ଟ ଡଷ୍ଟରର ଇଞ୍ଜିନ୍ ବିକଳ୍ପ ସମ୍ପର୍କରେ ସୂଚନା ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ତଥାପି, ଏହା ପେଟ୍ରୋଲ ଇଞ୍ଜିନ୍ ବିକଳ୍ପ ସହିତ ଆସିପାରେ ବୋଲି ଆଶା କରାଯାଉଛି। ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ (ଏକ୍ସ-ସୋରୁମ୍) ରୁ ଆରମ୍ଭ ହୋଇପାରେ।




# ଭାରତୀୟଙ୍କ ଘରେ ୫ ଟ୍ରିଲିୟନ ଡଲାରର ସୁନା

ନୂଆଦିଲ୍ଲୀ,୩୦।୧୨: ଭାରତୀୟଙ୍କ ସୁନା ମୋହ କେଉଁ କାଳରୁ ରହିଆସିଛି। ଘରେ ବଡ଼ ଆକାରରେ ସୁନା ଗହଣା ଆଉ ମୁଦ୍ରା ଜମା କରିଛନ୍ତି ଏମାନେ। ଉଚ୍ଚ ଦର ଯୋଗୁ ଏବେ ଭାରତୀୟ ପରିବାରରେ ଥିବା ମୋଟ ସୁନାର ମୂଲ୍ୟ ୫ ଟ୍ରିଲିୟନ ଡଲାର ପାର୍ କରିଯାଇଛି। ଭାରତୀୟ ମୁଦ୍ରାରେ ଏହା ୪୫୦ ଲକ୍ଷ କୋଟି ଟଙ୍କା ଉପରେ। ଏହା ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ଠାରୁ ଅଧିକ। ଦେଶର ଜିଡିପି ୪.୧ ଟ୍ରିଲିୟନ ଡଲାର ବା ୩୭୦ ଲକ୍ଷ କୋଟି ଟଙ୍କା। ସୁନା ଦର ରେକର୍ଡ ଉଚ୍ଚ ସ୍ତରରେ ପହଞ୍ଚିଯାଇଥିବାରୁ ଭାରତୀୟ ଘରେ ଥିବା ସୁନା ମୂଲ୍ୟ ବି ବଡ଼ ଆକାରରେ ବଢ଼ିଯାଇଛି। ୫ ଟ୍ରିଲିୟନ ଡଲାର ଜିଡିପି ଲକ୍ଷ୍ୟ ପୂରଣ ହୋଇନାହିଁ କିନ୍ତୁ ଭାରତୀୟ ଘରେ ଥିବା ସୁନା ଏହି ଟାର୍ଗେଟ ପାର୍ କରିଯାଇଛି। ମୋର୍ଗାନ ଷ୍ଟେନ୍ଲିର ଏକ ରିପୋର୍ଟ ଅନୁସାରେ, ଭାରତୀୟ ଘରେ ପ୍ରାୟ ୩୪,୬୦୦ ଟନ୍ ସୁନା ମହଜୁଦ ଅଛି। ଏବେ ୧୦ ଗ୍ରାମ ପିଛା ସୁନା ମୂଲ୍ୟ ପାଖାପାଖି ୧.୩୮ ଲକ୍ଷ ଟଙ୍କା ରହିଛି। ଉକ୍ତ ହିସାବରେ ୩୬,୬୦୦ ଟନ୍ ସୁନା ମୂଲ୍ୟ ୫ ଟ୍ରିଲିୟନ ଡଲାର ବା ୪୫୦ ଲକ୍ଷ କୋଟି ଟଙ୍କା ହେବ।

ଅନ୍ତର୍ଜାତୀୟ ବଜାରରେ ଆଉନ୍ସ(ପ୍ରାୟ ୨୮ ଗ୍ରାମ) ପିଛା ସୁନା ଦାମ ପାଖାପାଖି ୪,୫୦୦ ଡଲାର ରହିଛି। ଏହାକୁ ଟଙ୍କାରେ ବଦଳାଗଲେ ୧୦ ଗ୍ରାମ ପିଛା ଏହି ଧାତୁର ଦାମ ହେବ ୧.୩୦ ଲକ୍ଷ ଟଙ୍କା।

ବିଶେଷଜ୍ଞଙ୍କ କହିବାନୁସାରେ, ଭାରତୀୟ ଅର୍ଥବ୍ୟବସ୍ଥାରେ ସୁନାର ସ୍ୱତନ୍ତ୍ର ସ୍ଥାନ ରହିଛି। ଇକ୍ନୋମେରିକ୍ସ ଭ୍ୟାଲ୍ୟୁଏସନ୍ ଏଣ୍ଡ୍ ରେଟିଙ୍ଗ୍ସର ମୁଖ୍ୟ ଅର୍ଥନୀତିଜ୍ଞ ଡ. ମନୋରଞ୍ଜନ ଶର୍ମାଙ୍କ ମୁତାବକ, ଭାରତୀୟ ରଖିଥିବା ସୁନା ସହ ଜିଡ଼ିପିର ତୁଳନା ଅତ୍ୟନ୍ତ ମଜାଦାର। ସେ କହିଲେ, ଏହି ଅଙ୍କ ଭାରତୀୟ ଅର୍ଥବ୍ୟବସ୍ଥାରେ ହଳିଦିଆ ଧାତୁର ସାଂସ୍କୃତିକ, ବିତ୍ତୀୟ ଏବଂ ମନୋବୈଜ୍ଞାନିକ ମହତ୍ୱକୁ ଦର୍ଶାଇଥାଏ।

ସାଧାରଣତଃ କୁହାଯାଏ, ଯେତେବେଳେ କୌଣସି ସମ୍ପତ୍ତିର ମୂଲ୍ୟ ବଢ଼ିଥାଏ, ସେତେବେଳେ ଲୋକେ ନିଜକୁ ଧନୀ ଅନୁଭବ କରନ୍ତି ଏବଂ ଅଧିକ ଖର୍ଚ୍ଚ କରନ୍ତି। ଏହାକୁ ୱେଲ୍ଥ ଇଫେକ୍ଟ ବା ଧନର ପ୍ରଭାବ କୁହାଯାଏ। କିନ୍ତୁ ଏମ୍କେ ଗ୍ଲୋବାଲର ଏକ ରିପୋର୍ଟରେ ଏହାର ବିପରୀତ କୁହାଯାଏ। ରିପୋର୍ଟ ଅନୁସାରେ, ଭାରତରେ ୭୫ରୁ୮୦% ସୁନା ଗହଣା ଆକାରରେ ଅଛି। ଲୋକେ ଏହାକୁ ଦୀର୍ଘକାଳୀନ ସଞ୍ଚୟ ଏବଂ ପରମ୍ପରା ଭାବେ ଦେଖନ୍ତି। କାରଣ ଏହାକୁ ଲୋକେ ବିକ୍ରି କରନ୍ତି ନାହିଁ। ଏଥିପାଇଁ ଦର ବଢ଼ିବା ଦ୍ୱାରା ଲୋକଙ୍କ ଦୈନନ୍ଦିନ ଖର୍ଚ୍ଚ ଏବଂ କ୍ରୟ ଉପରେ କୌଣସି ପ୍ରଭାବ ପଡ଼ି ନ ଥାଏ। କେବଳ ସାଧାରଣ ଲୋକେ ନୁହନ୍ତି, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ବି ଏହାର ସୁନା ଭଣ୍ଡାରକୁ ଲଗାତର ବଢ଼ାଉଛି। ୨୦୨୪ରୁ ଏଯାବତ ଆର୍ବିଆଇ ଏହାର ଭଣ୍ଡାରରେ ୭୫ ଟନ୍ ସୁନା ଯୋଡ଼ିଛି। ଏବେ ଭାରତର ମୋଟ ସରକାରୀ ସୁନା ଭଣ୍ଡାର ୮୮୦ ଟନ୍ ହୋଇଯାଇଛି। ଏହା ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ପାଖାପାଖି ୧୪%। ଭାରତୀୟ ରିଜର୍ଭ ବ୍ୟାଙ୍କ ଭଳି ଚୀନ୍ର 'ପିପୁଲ୍ସ ବ୍ୟାଙ୍କ୍ ଅଫ୍ ଚାଇନା' ବି ବଡ଼ ଆକାରରେ ସୁନା କିଣୁଛି। ଅନେକ ଦେଶ ଏବେ ଡଲାର ଉପରୁ ନିର୍ଭରତା କମ୍ କରିବା ପାଇଁ ଏବଂ ଭୁ-ରାଜନୈତିକ ରିସ୍କରୁ ବଞ୍ଚିବା ପାଇଁ ସୁନାକୁ ସୁରକ୍ଷିତ ବିକଳ୍ପ ଭାବେ ଦେଖୁଛନ୍ତି।

ଅର୍ଥନୀତିଜ୍ଞମାନଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି, ଘରେ ଘରେ ଥିବା ସୁନା ଏକ 'ଅଚଳ ସମ୍ପତ୍ତି'(ଏଭଳି ସମ୍ପତ୍ତି ଯେଉଁଥିରୁ କିଛି ଆୟ ହୁଏ ନାହିଁ) ପାଲଟିଛି। ସରକାର ସୋଭରେନ୍ ଗୋଲ୍ଡ ବଣ୍ଡ(ଏସ୍ଜିବି), ଗୋଲ୍ଡ ଇଟିଏଫ୍ ଏବଂ ଡିଜିଟାଲ ଗୋଲ୍ଡ ଭଳି ବିକଳ୍ପ ଆଣିଛନ୍ତି, ଯଦ୍ଦ୍ୱାରା ଲୋକେ ଫିଜିକାଲ ଗୋଲ୍ଡ ବଦଳରେ ବିତ୍ତୀୟ ଗୋଲ୍ଡରେ ନିବେଶ କରିବେ। କିନ୍ତୁ ଭାରତୀୟମାନେ ଫିଜିକାଲ ଗୋଲ୍ଡ ବା ଗହଣା ଏବଂ ସୁନା ପ୍ରତି ପ୍ରତି ମୋହ ଛାଡୁନାହାନ୍ତି। ଚୀନ୍ ପରେ ବିଶ୍ୱର ଦ୍ୱିତୀୟ ବୃହତ୍ ସୁନା କ୍ରେତା ଭାବେ ଜଣା ଭାରତ। ବିଶ୍ୱ ଚାହିଦାରେ ଏହାର ଭାଗ ରହିଛି ୨୬%। ଚୀନ୍ର ଭାଗ ହେଉଛି ୨୮%।



# ଶୁଭୁନି ହଳିଆ ଗୀତ, ପଡୁନି ଧାନ ବେଙ୍ଗଳା

## ଏବେ ମେସିନ କରୁଛି ଧାନ ଅମଳ



**କାକଟପୁର/ଅସ୍ତରଙ୍ଗ, ୩୦।୧୨ (ସଂଚାର ବ୍ୟୁରୋ):** କୃଷି ପ୍ରଧାନ ଆମ ରାଜ୍ୟରେ ପୂର୍ବରୁ ବର୍ଷର ଅଧିକାଂଶ ସମୟ ଚାଷ ଜମିରେ କୃଷକ ଓ କୃଷି ଶ୍ରମିକମାନେ ସମୟ ଦେଉଥିଲେ। ଧାନ ଚାଷ ପାଇଁ କ୍ଷେତ ପ୍ରସ୍ତୁତି ଠାରୁ ଆରମ୍ଭ କରି ରୁଆ, ବୁଣା, ଧାନ ବଛା, ଶେଷରେ ଧାନ କଟା ଓ ଅମଳ ପର୍ଯ୍ୟନ୍ତ ଚାଷୀ ଓ କୃଷି ଶ୍ରମିକ ମାନେ ନିୟୋଜିତ ରହୁଥିଲେ। କ୍ଷେତରୁ ବର୍ଷକର ରୋଜଗାର ପାଉଥିବା ଚାଷୀ ପୂର୍ବରୁ ପାରମ୍ପରିକ ପଦ୍ଧତିକୁ ଆପଣାଉଥିଲେ। ଜମିରେ ହଳ, ବଳଦରୁ ଆରମ୍ଭ କରି ନଗ ଚାଷ ପାଇଁ ଲଙ୍ଗଳ, ମହି ଆଦି ବ୍ୟବହାର କରୁଥିଲେ। ଏଥିପାଇଁ ରାଜ୍ୟରେ ବଳଦ ବହୁଳ ବ୍ୟବହାର ହେଉଥିଲା।

ଏବେ କିନ୍ତୁ ସମୟ ବଦଳିଛି। ପାରମ୍ପରିକ ଚାଷରୁ ମୁହଁ ଫେରାଇ ଏବେ ଯନ୍ତ୍ରପାତି ଉପରେ ଅଧିକ ନିର୍ଭରଶିଳ ହେଲେଣି ଚାଷୀ। ଫଳରେ ହଳ ବଳଦର ଆଉ ବହୁଳ ବ୍ୟବହାର ଦେଖିବାକୁ ମିଳୁନି। ଚାଷ ଜମିରେ ମଧ କୃଷି ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ କମିଗଲାଣି। ଆଉ ଧାନ ଅମଳ ପାଇଁ ଗାଁ ଗାଁରେ ବେଙ୍ଗଳା ପଡୁନି। ଗୋରୁ ମାନଙ୍କୁ ନେଇ ଧାନ ମଳା ଯାଉନି। ମେସିନରେ ଧାନ ଅମଳ ହେଉଛି। ଧାନ ଅମଳ ପରେ ପାଳ ସଂଗ୍ରହ କରାଯାଉଥିଲା। ତାହା ବର୍ଷ ସାରା ଗାଈଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହୃତ ହେଉଥିଲା। ହେଲେ ଏବେ ପାଳ ମଧ ଅଧିକ ଦେଖିବାକୁ ମିଳୁନି। କାଁ ଭାଁ କିଛି ଚାଷୀ ଗୋରୁମାନଙ୍କୁ ନେଇ ଗାଁ ଗହଳିରେ ବେଙ୍ଗଳା ବୁଲାଇ ଧାନ ଅମଳ କରୁଥିବା ବେଳେ ଅଧିକାଂଶ ଚାଷୀ ମେସିନ ସହାୟତାରେ ଧାନ ଅମଳ କରୁଛନ୍ତି।

ପୂର୍ବରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଗାଁ ଗାଁରେ ରାତିରେ ଧାନ ଅମଳ ବେଳେ କୃଷି ଶ୍ରମିକ ମାନେ ଗୋରୁ ମାନଙ୍କୁ ନେଇ ଧାନ ବେଙ୍ଗଳା ବୁଲାଇ ହଳିଆ ଗୀତ ଗାଉଥିଲେ। ତେବେ ଖର୍ଚ୍ଚ କମିବା ସହ କମ୍ ସମୟରେ ଧାନ ଅମଳ ହୋଇ ପାରୁଥିବାରୁ ଏବେ ମେସିନ ସହାୟତାରେ ହିଁ ଧାନ ଅମଳ କରାଯାଉଛି। ପୂର୍ବରୁ ଅମଳ ପରେ ଏହାକୁ ସଂରକ୍ଷଣ କରିବାକୁ ସେମିତ ବାହାରୁଥିବା ପାଳକୁ ବଳି ଦଉଡି ପ୍ରସ୍ତୁତ କରି ପୁଞ୍ଜ କରୁଥିଲେ ଚାଷୀ। କିନ୍ତୁ ଆଜିର ଯାନ୍ତ୍ରିକ ଯୁଗରେ ମେସିନରେ ଧାନ ଅମଳ ପରେ ତୁରନ୍ତ ତାକୁ ଜମିରୁ ହିଁ ଅଖାରେ ଭର୍ତ୍ତି କରି ମିଲକୁ ପଠାଉଥିଆଯାଉଛି। ଷ୍ଟିମ ଦେଇ ଧାନରୁ ଚାଉଳ ବାହାର କରାଯାଇ ତାକୁ ବଜାର କୁ ଛାଡି ଦିଆଯାଉଛି। ଏ ସବୁ ଚାଉଳ ଖାଇ ଲୋକେ ପ୍ରାକୃତିକ ପୁଷ୍ଟିକୁ ବଂଚିତ ହେବା ସହ ରୋଗ ନିରୋଧ ଶକ୍ତି ହ୍ରାସ ପାଉଥିବା କହିଛନ୍ତି ଚାଷୀ ପଥାନନ ବିଶ୍ୱାଳ। ବାସ୍ତବରେ ଏବେ ଆଧୁନିକତା ଦୃଷ୍ଟି ଦେଇ ପୁରୁଣା ପରମ୍ପରାକୁ ଭୁଲି ଗଲେଣି ଅନେକ ଚାଷୀ। ସେ ପଟେ କୃଷି ଶ୍ରମିକ ମାନେ କାମ ଧନ୍ଦା ଅଭାବରୁ ଦାଦନ ଖଟିବାକୁ ବାହାର ରାଜ୍ୟ କୁ ଯିବାକୁ ବାଧ ହେଉଛନ୍ତି ବୋଲି ବହୁ ଚାଷୀ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି।

# ଗ୍ରାମ୍ୟ ଉନ୍ନୟନ ସଚିବଙ୍କ ୟୁଆଇଏଲ୍ ସିଏସଆର୍ ପ୍ରକଳ୍ପ ପରିଦର୍ଶନ



**କାଶୀପୁର, ୩୦।୧୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ଅଞ୍ଚଳର ଦୋରାଗୁଡ଼ାରେ ଅବସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ ( ୟୁଆଇଏଲ୍ ) ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଓ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଦ୍ୱାରା ସିଏସଆର୍ ଅନ୍ତର୍ଗତ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକୁ ଆଜି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ସଚିବ ଶ୍ରୀମତୀ ଯାମିନି ଷଡ଼ଙ୍ଗୀ (ଭାପ୍ରସେ) ପରିଦର୍ଶନ କରିଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀଙ୍କ ଗସ୍ତ ସମୟରେ ରାୟଗଡ଼ା ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀ (ଭାପ୍ରସେ) ଉପସ୍ଥିତ ଥିଲେ। ଗସ୍ତ କାଳରେ ସେ ସ୍ଥାନୀୟ ବିଲାମାଳ ଅଞ୍ଚଳରେ ଉତ୍କଳ ଆଲୁମିନା ସିଏସଆର୍ ଅନ୍ତର୍ଗତ ପ୍ରତିଷ୍ଠା ହୋଇଥିବା ସୋଲାର ଚାଳିତ ଶୀତଳ ଭଣ୍ଡାର ଓ ରୋଷ୍ଟେଡ୍ ମିଲେଟ୍ ୟୁନିଟ୍‌କୁ ପରିଦର୍ଶନ କରିଥିଲେ। ସୋଲାର ଚାଳିତ ଶୀତଳ ଭଣ୍ଡାର ଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୮୦ ଜଣ ଚାଷୀ ଉପକୃତ ହେଉଥିବା ବେଳେ ଦୁର୍ଗମ ଅଞ୍ଚଳରେ ଚାଷୀମାନେ ନିଜ ଉତ୍ପାଦିତ ପନିପରିବାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସତେଜ ରଖି ବାହାର ବଜାରରେ ବିକ୍ରୟ କରି ଆର୍ଥିକ ଲାଭ ଉଠାଉଛନ୍ତି। ଏଭଳି ଲୋକାଭିମୁଖୀ ଓ କୃଷକ ସହାୟକ ପଦକ୍ଷେପ ପାଇଁ ଶ୍ରୀମତୀ ଷଡ଼ଙ୍ଗୀ ଉତ୍କଳ ଆଲୁମିନା ସିଏସଆର୍ ଟିମକୁ ସାଧୁବାଦ୍ ଜଣାଇଥିଲେ। ସେ ଆଗାମୀ ଦିନରେ ପ୍ଲାଣ୍ଟ ପର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକରେ ଏଭଳି ପ୍ରକଳ୍ପକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ରୋଷ୍ଟେଡ୍ ମିଲେଟ୍ ୟୁନିଟ୍‌ରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ବିସ୍କୁଟ୍ ଓ କୁକିଜ୍ ଦେଖି ସେ ଖୁସି ବ୍ୟକ୍ତ କରିଥିଲେ ଏବଂ ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାରେ ଏଭଳି ଅଭିନବ ପ୍ରୟାସ ପାଇଁ ସିଏସଆର୍ ଟିମ୍‌କୁ ପ୍ରଶଂସା କରିଥିଲେ।

# ପହିଲାରୁ ପଏଁରୀ ତିହାର-୨୦୨୬




**ସୁବର୍ଣ୍ଣପୁର, ୩୦।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ 'ପଏଁରୀ' ତାର ବାର୍ଷିକ ଉତ୍ସବ ପାଳନ କରିବ। ଲୋକନୃତ୍ୟ, ସଂଗୀତ ଓ ନାଟକର ପଏଁରୀ ପକ୍ଷରୁ ସ୍ଥାନୀୟ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଠାରେ ଆସନ୍ତା ଜାନୁଆରୀ ୧ରୁ ୩ ତାରିଖ ତିନି ଦିନ ଧରି ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ପଏଁରୀ ତିହାର -୨୦୨୬ ପାଇଁ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଭିତରେ ତିନି ଦିନ ଧରି ହେବାକୁ ଥିବା ଏହି ତିହାର ରେ ପୂର୍ବ ବର୍ଷ ପରି ଚଳିତ ବର୍ଷ ଜାନୁଆରୀ ୧ ତାରିଖରେ ମା ସୁରେଶ୍ୱରୀଙ୍କ ପୂଜା ପରେ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ସୁରେଶ୍ୱରୀ ମନ୍ଦିର ନିକଟ ମଞ୍ଚ ନିକଟରେ ପହଂଚିବା ପରେ ନିଜ ଅଂଚଳର କଳାକାର ମାନଙ୍କୁ ନେଇ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ତିନି ଦିନ ଧରି ପ୍ରତେକ ସନ୍ଧ୍ୟା ୫ଟା ରେ ଲୋକ ଗୀତ ଓ ସନ୍ଧ୍ୟା ୭ଟା ରେ ପ୍ରଥମ ସନ୍ଧ୍ୟା ର ଅତିଥି ମାନଙ୍କୁ ନେଇ ସଭା ଓ ପରେ ଲୋକନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ସୂଚନା ଦେଇଛନ୍ତି ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ।

# ସରିଲା ବାଳିକା ସଶକ୍ତିକରଣ ମିଶନ ଶୀତକାଳୀନ କର୍ମଶାଳା




**ସୁନ୍ଦରଗଡ଼, ୩୦।୧୨ (ସଂଚାର ବ୍ୟୁରୋ):** ଏନଟିପିସି ଦର୍ଲିପାଲିର ପ୍ରମୁଖ ସିଏସଆର ପଦକ୍ଷେପରେ ବାଳିକା ସଶକ୍ତିକରଣ ମିଶନ ଶୀତକାଳୀନ କର୍ମଶାଳା -୨୦୨୫ ସଫଳତାର ସହିତ ୨୯ ଡିସେମ୍ବର ୨୦୨୫ ସୋମବାର ଦିନ ପ୍ରକଳ୍ପର କୋଣାର୍କ ଅଡିଟୋରିୟମ୍‌ରେ ସମାପ୍ତ କରିଛି। ଏହି କାର୍ଯ୍ୟକ୍ରମରେ ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ ମୁଖ୍ୟ ଅତିଥି ଭାବରେ ଏବଂ ଅଭିଳାଷ ଲେଡିଜ୍ କ୍ଲବ୍ ଦର୍ଲିପାଲିର ସଭାପତି ଶ୍ରୀମତୀ ତାଜିନ୍ ଜାୱେଦ୍ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ରବିନ୍ଦ୍ର ଶର୍ମା, ଅପରେସନ୍ ଏବଂ ଏଫ୍ ଏମ ର ମହାପ୍ରବନ୍ଧକ ଇପିଲ୍ ବାଗେ, ରକ୍ଷଣାବେକ୍ଷଣ ଏବଂ ଏଡିଏମ ମହାପ୍ରବନ୍ଧକ ରାଧେଶ୍ୟାମ ମୌର୍ଯ୍ୟ, ଏବଂ ଦର୍ଲିପାଲି ଏସଟିପିପିର ବିଭାଗ ମୁଖ୍ୟମାନେ, ବିଭିନ୍ନ ସଂଘର ପଦାଧିକାରୀଙ୍କ ସମେତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ବାଳିକା ସଶକ୍ତିକରଣ ମିଶନ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ବ୍ୟତୀତ ନିକଟସ୍ଥ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଲୋଇସିଂ ଗ୍ରାମ ପଞ୍ଚାୟତର ସରପଞ୍ଚ ଉପସ୍ଥିତି ମଧ ଦେଖିବାକୁ ମିଳିଥିଲା। ସପ୍ତାହବ୍ୟାପୀ ଏହି ଆବାସିକ କର୍ମଶାଳାରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପର ଆଖପାଖ ଗ୍ରାମ ଗୁଡ଼ିକରେ ଅବସ୍ଥିତ ୯ ଟି ସରକାରୀ ବିଦ୍ୟାଳୟର ୧୨୦ ଜଣ ଝିଅ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ମୌଳିକ ଶିକ୍ଷା, ପରିବେଶଗତ ସଚେତନତା, ସ୍ୱାସ୍ଥ୍ୟ ଏବଂ ପରିମଳ, କମ୍ପ୍ୟୁଟର ଏବଂ କଳା ଶିକ୍ଷା, ଯୋଗ, କ୍ରୀଡା ଏବଂ ସାଂସ୍କୃତିକ କାର୍ଯ୍ୟକଳାପ ଭଳି ପ୍ରମୁଖ କ୍ଷେତ୍ର ଗୁଡ଼ିକୁ ପରିବ୍ୟାପ୍ତ କରିଥିଲା, ଯାହା ଅଂଶଗ୍ରହଣ କାରୀଙ୍କ ସାମଗ୍ରିକ ବିକାଶ ପାଇଁ ଲକ୍ଷ୍ୟ ରଖିଥିଲା। ଏହି ପଦକ୍ଷେପର ଏକ ଅଂଶ ଭାବରେ, ମୋଟ ଅଂଶଗ୍ରହଣ କାରୀଙ୍କ ମଧ୍ୟରୁ ୯ ଜଣ ମେଧାବୀ ଝିଅଙ୍କୁ ଏନଟିପିସି ଦର୍ଲିପାଲିର ବିବିପିଏସ ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଛି। ଏନଟିପିସି ଏହି ଛାତ୍ରଛାତ୍ରୀମାନଙ୍କର ଦଶମ ଶ୍ରେଣୀ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ସ୍କୁଲ ଫିସ୍ ସମେତ ସମସ୍ତ ଶିକ୍ଷା ଖର୍ଚ୍ଚ ବହନ କରିବ।

ବାଳିକା ସଶକ୍ତିକରଣ ମିଶନ କାର୍ଯ୍ୟକ୍ରମ ଏନଟିପିସିର ପ୍ରମୁଖ ସିଏସଆର ପଦକ୍ଷେପ ମଧ୍ୟରୁ ଗୋଟିଏ, ଯାହା ଶିକ୍ଷା ଏବଂ ଦକ୍ଷତା ବିକାଶ ମାଧମରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଝିଅମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି।

# ସୋନପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦାବିରେ ଦସ୍ତଖତ ଅଭିଯାନ




**ସୁବର୍ଣ୍ଣପୁର, ୩୦।୧୨ (ସଂଚାର ବ୍ୟୁରୋ):** ସୋନପୁରର ସର୍ବପୂରାତନ ମହାବିଦ୍ୟାଳୟ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବୀରେ ଆଜି ଏକ ଦସ୍ତଖତ ଅଭିଯାନ ହୋଇଯାଇଛି । ସୋନପୁର କଲେଜ ର ୧୯୬୯ ମସିହା ଛାତ୍ର ମଧୁସୂଦନ ମିଶ୍ର, ସତ୍ୟନାରାୟଣ ମିଶ୍ର ଓ କଲ୍ୟାଣ ପାଢ଼ୀ ଙ୍କ ସହିତ ପୂରାତନ ଛାତ୍ର ସଂଘ ର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଏହା କୁ ଆରମ୍ଭ କରିଥିଲେ । ଆଲୁମିନୀ ସଂଘର ଅନୁଷ୍ଠିତ କାର୍ଯକ୍ରମରେ ସମ୍ପାଦକ ଭାରତ ଭୂଷଣ ଦାଶ, ସରୋଜ ପ୍ରଧାନ, ଶ୍ୟାମାଓଁ ପ୍ରସାଦ ମିଶ୍ର, ସୁଧାଂଶୁ ମିଶ୍ର, ସୁଧୀର ପଣ୍ଡା, ଶାଶ୍ୱତ ମିଶ୍ର, ନିଶାନ୍ତ ମହାନ୍ତି, ଅଭିଷେକ ଶର୍ମା, ପ୍ରକାଶ ସାହୁ, ମନୋରଞ୍ଜନ ତ୍ରୀପାଠୀ, ସ୍ୱରୂପ ପାତ୍ର, ଗୌରୀ ଶଙ୍କର ରଥ ପ୍ରମୁଖ ବହୁ ସଦସ୍ୟ ସାମିଲ ଥିଲେ ।

# ୧୬ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଟାଟା ପରିବାର ବୃତ୍ତି' ପ୍ରଦାନ




**ଯାଜପୁର ରୋଡ଼, ୩୦।୧୨ (ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ବିସ୍ଥାପିତ ପରିବାରର ୧୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୨୦୨୫-୨୬ ଆର୍ଥୀକ ବର୍ଷ ପାଇଁ ସମ୍ମାନଜନକ 'ଟାଟା ପରିବାର ବୃତ୍ତି' ପ୍ରଦାନ କରାଯାଇଛି। ମଙ୍ଗଳବାର ଯାଜପୁର ଜିଲ୍ଲା ଡୁବୁରୀସ୍ଥିତ କାରଖାନା ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ବୃତ୍ତି ପ୍ରଦାନ କରାଯାଇଛି।

ଟାଟା ଷ୍ଟିଲ୍ କଳିଙ୍ଗନଗରର ଅପରେସନ୍ସ ଭାଇସ୍ ପ୍ରେସିଡେଣ୍ଟ ଉତ୍ତମ ସିଂ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିୟନ ସଭାପତି ରବୀନ୍ଦ୍ର କୁମାର ଜାମୁଦା ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀଯୁକ୍ତ ସିଂ କହିଛନ୍ତି ଯେ, "ଟାଟା ଷ୍ଟିଲ୍ ସର୍ବଦା ସମୁଦାୟର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦେଇଥାଏ। ଟାଟା ପରିବାର ବୃତ୍ତି କେବଳ ଏକ ଆର୍ଥୀକ ସହାୟତା ନୁହେଁ, ବରଂ ଶିକ୍ଷା ମାଧମରେ ବିସ୍ଥାପିତ ପରିବାରର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଆମର ଏକ ପ୍ରୟାସ। ଯୁବପିଢ଼ିଙ୍କ ପାଇଁ ପୁଞ୍ଜି ବିନିଯୋଗ କରି ଆମେ ସ୍ଥାନୀୟ ଜନସାଧାରଣଙ୍କ ଭବିଷ୍ୟତ ଗଢିବା ପାଇଁ ଉଦ୍ୟମ ଜାରି ରଖିଛୁ । ସମସ୍ତ ଛାତ୍ରଛାତ୍ରୀ ଜୀବନରେ ଅନେକ ସଫଳତା ହାସଲ କରନ୍ତୁ ଓ ନିଜ ପରିବାର ଏବଂ ରାଜ୍ୟ ପାଇଁ ଗୌରବ ଆଣନ୍ତୁ ବୋଲି କାମନା କରୁଛି।"

ଚଳିତ ବର୍ଷ ବୃତ୍ତି ପାଇଥିବା ୧୬ ଜଣଙ୍କ ମଧରୁ ୪ ଜଣ ନୂତନ ଛାତ୍ରଛାତ୍ରୀ। ଏହି ଛାତ୍ରଛାତ୍ରୀଙ୍କ ମଧରୁ ୩ ଜଣ ଇଞ୍ଜିନିୟରିଂ (ବିଟେକ୍) ଏବଂ ୧୩ ଜଣ ବିଭିନ୍ନ ବିଭାଗରେ ଡିପ୍ଲୋମା ଇଞ୍ଜିନିୟରିଂ ଶିକ୍ଷା ଗ୍ରହଣ କରୁଛନ୍ତି। କମ୍ପାନୀ ପକ୍ଷରୁ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଅବଧି ପାଇଁ ଟ୍ୟୁସନ ଫି, ଆଡମିଶନ ଫି ଏବଂ ହଷ୍ଟେଲ ଖର୍ଚ୍ଚ ବହନ କରାଯିବ। ୨୦୦୭ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଏର୍ଯ୍ୟନ୍ତ ମୋଟ ୨୨୩ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ।

ସୂଚନାଯୋଗ୍ୟ ଯେ, ସରକାରୀ ପୁନର୍ବାସ ଓ ଥଇଥାନ ନୀତିରୁ ଉର୍ଦ୍ଧ୍ୱକୁ ଯାଇ ଟାଟା ଷ୍ଟିଲ୍ ସ୍ୱତନ୍ତ୍ର ଭାବେ ଏହି ବୃତ୍ତି ପ୍ରଦାନ କରୁଛି।

# ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ରଥକାଠ ଅନୁକୂଳ

**ନୟାଗଡ଼, ୩୦।୧୨ (ସଂଚାର ବ୍ୟୁରୋ):** ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ପାଇଁ ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଧରି ୫ ଜଣିଆ ଟିମ୍ ନୟାଗଡ଼ରେ ପହଞ୍ଚିଛନ୍ତି । ଆସନ୍ତାକାଲି ଗଣିଆ ବ୍ଲକ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ରଥକାଠ ଅନୁକୂଳ କରାଯିବ। ଏଥିପାଇଁ ଭାରପ୍ରାପ୍ତ ଅଧିକାରୀ ନୀତି ରବିନ୍ଦ୍ରନାଥ ଦାସଙ୍କ ନେତୃତ୍ୱରେ ୫ ଜଣିଆ ଦଳ ଆଜି ସନ୍ଧ୍ୟାରେ ନୟାଗଡ଼ରେ ପହଞ୍ଚିଛନ୍ତି। ଏହି ଦଳରେ ଅନ୍ୟମାନଙ୍କ ମଧରେ ସହକାରୀ ପ୍ରଶାସକ ଡ. ପ୍ରଭୂପିୟୁଷ ମହାପାତ୍ର, ତତ୍ତ୍ୱାବଧାରକ ଚିତ୍ତରଞ୍ଜନ ମହାପାତ୍ର, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର, ରଥ ସର୍ଦ୍ଦାର ରବି ଭୋଇ ଆସିଛନ୍ତି । ମଙ୍ଗଳବାର ଜିଲ୍ଲାର ଗଣିଆ ବଡ଼ମୂଳସ୍ଥିତ ମା ବଡରାଉଳଙ୍କ ପୀଠରେ ପୂଜାର୍ଚ୍ଚନା ପରେ ରଥକାଠ କଟା ଅନୁକୁଳ ହେବ । ଚଳିତ ବର୍ଷ ରଥଯାତ୍ରା ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ହେଉଛି।

**୮୬୫ ଖଣ୍ଡ କାଠ ଆବଶ୍ୟକ**

ତେବେ ଏଥର ଶ୍ରୀମନ୍ଦିର ପ୍ରଶାସନ ପାଖରେ ଗତବର୍ଷର ୪୭ ଖଣ୍ଡ କାଠ ବଳକା ରହିଥିବାରୁ ସମୁଦାୟ ୮୧୮ଖଣ୍ଡ କାଠର ଆବଶ୍ୟକତା ରହିଛି। ସେଥିମଧରୁ ବିଭିନ୍ନ ମାପର ଧଉରା ୪୦୩ ଖଣ୍ଡ, ଅସନ ୩୪୦ଖଣ୍ଡ, ଫାଶି ୭୨ ଖଣ୍ଡ ଏବଂ ୩ଟି ଶିମିଳି କାଠର ଆବଶ୍ୟକତା ରହିଛି । ପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ନୟାଗଡ଼ ବନଖଣ୍ଡ ଚଳିତ ବର୍ଷ ପାଖାପାଖି ୩୦୦ଖଣ୍ଡ କାଠ ଯୋଗାଇବେ ଏବଂ ଅନ୍ୟ କାଠ ଗୁଡିକ ଅନ୍ୟାନ୍ୟ ବନଖଣ୍ଡରୁ ଯୋଗଇବାକୁ ଆଲୋଚନା କରାଯିବ ବୋଲି ଡିଏଫଓ ଗଣମାଧମ କହିଛନ୍ତି। ଏହି କାଠ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବନାଞ୍ଚଳର ଚଢେୟାପଲ୍ଲୀ, ବାଣିଗୋଛା, ସାକେଣି, ଟାକେରା ଆଦି ଫରେଷ୍ଟ ଅଞ୍ଚଳରୁ ସଂଗ୍ରହ କରାଯାଇଥାଏ। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୨୭୦ରୁ ଅଧିକ କାଠ ଚିହ୍ନଟ ହୋଇସାରିଥିବା ଡିଏଫ୍‌ଓ କହିଛନ୍ତି ।

# ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



**ସୁବର୍ଣ୍ଣପୁର, ୩୦।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ଏନ ଏ ସି କାର୍ଯ୍ୟାଳୟ ପରିସରରେ ତରଭା ଅଟଳ ବିହାରୀ ସେବା ପକ୍ଷ ଓ ସ୍ୱରାଜ ହସ୍ପିଟାଲ ର ମିଳିତ ସହଯୋଗ ରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆଜି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଭାରତ ରତ୍ନ ଅଟଳବିହାରୀ ବାଜପେୟୀ ଙ୍କ ୧୦୧ ତମ ଜନ୍ମ ବାର୍ଷିକ ଅବସରରେ ମାଗଣା ସ୍ୱାସ୍ଥ୍ୟକୁ ବଲାଙ୍ଗୀର ସାଂସଦ ଙ୍କ ତରଭା ବ୍ଲକ ପ୍ରତିନିଧି ବିମଳ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରି ସହଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ସାଂସଦ ଙ୍କ ଏନ ଏ ସି ପ୍ରତିନିଧି ମାନସ ସାହୁ, ମେଣ୍ଡା ମଣ୍ଡଳ ର ବିଭୂଦା ନନ୍ଦ ବାଦୀ ସମ୍ମାନିତ ଅତିଥିଭାବେ ଯୋଗ ଦାନ କରିଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ରେ ଡ଼ ବିଶ୍ୱଜିତ ଶତପଥି, ଡ଼ ଭାଗ୍ୟସା କୁମ୍ଭାର ୧୧୫ଜଣ ରୋଗୀ ଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବିଭିନ୍ନ ପରୀକ୍ଷା, ଔଷଧ ବଣ୍ଟନ, ରୋଗୀ ଦେଖା ରେ ହରମୋହନ ମହାପାତ୍ର, ରୀତିକ ହରପାଳ, କୁନି ଛତ୍ରିଆ, ପୁଷ୍ପେନ୍ଦ୍ର, ଶାହ, ବିକାଶ କୁଅଁର, ପ୍ରେମଚାନ୍ଦ ମୁନା, ରାଜେଶ ପୋଡ଼, ମଣ୍ଟୁ ସାହୁ, ସୁପ୍ରିୟା ଗରଡିଆ, ସୁରେନ୍ଦ୍ର ମେହେର ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା ରେ ସହଯୋଗ କରିଥିଲେ । ଅଟଳବିହାରୀ ସେବା ପକ୍ଷ ର ବରିଷ୍ଠ ସଭ୍ୟ ବିଭୀଷଣ ସାହୁ, ସଂଜୀବ ନାଏକ, ଧର୍ମରାଜ ନାଏକ, ମଙ୍ଗଲାଲ ଅଗ୍ରୱାଲ, ଜୟ ପ୍ରକାଶ ନାରାୟଣ ସାହୁ, ପଙ୍କଜ ଅଗ୍ରୱାଲ, ତପନ ଅଗ୍ରୱାଲ ପ୍ରମୁଖ ସ୍ୱାସ୍ଥ୍ୟ ଶିବିର କୁ ପରିଚାଳନା କରିଥିଲେ ।

### ସର୍ବଭାରତୀୟ କରାଟେ ପ୍ରତିଯୋଗିତା

# କଳାହାଣ୍ଡିକୁ ୮ ସ୍ୱର୍ଣ୍ଣ, ୧ ରୌପ୍ୟ, ୬ କାଂସ୍ୟ ପଦକ



**ଲାଞ୍ଜିଗଡ଼, ୩୦।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ୧୫ତମ ସର୍ବଭାରତୀୟ ଓପନ୍ କରାଟେ ପ୍ରତିଯୋଗିତା-୨୦୨୫ ଡିସେମ୍ବର ୩୦ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲ୍ଲାକୁ ବିଭିନ୍ନ ବର୍ଗରେ ୧୫ ପଦକ ମିଳିଛି।

ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୯ ଜଣ କରାଟେ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସବ୍ ଜୁନିୟର ଅଣ୍ଡର ୧୪ ବର୍ଷ ବର୍ଗରେ କୁସୁମପ୍ରଭା ମାଝୀ କୁମିତେ (ଫାଇଟିଂ)ରେ ୧ କାଂସ୍ୟ ପଦକ, ସ୍ୱୟଂ ଓଡ଼ିଆଙ୍କୁ କୁମିତେ (ଫାଇଟିଂ)ରେ ୧ କାଂସ୍ୟ, ପୁଷ୍ପେନ୍ଦୁ ବିଶ୍ୱାଳଙ୍କୁ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ,ଆଶୀର୍ବାଦ ବାଡ଼ତିଆଙ୍କୁ (ଫାଇଟିଂ) ରେ ୧ କାଂସ୍ୟ ହାସଲ କରିଛନ୍ତି। ସେହିପରି କେଡ଼େଟ୍ ଓ ଜୁନିୟର ୧୮ ବର୍ଷ କମ୍ ବର୍ଗରେ ଅର୍ପିତା ବାଡ଼ତିଆ କୁମିତେ (ଫାଇଟିଂ) ରେ ସ୍ୱର୍ଣ୍ଣ,ଲୋକେଶ ବିଶ୍ୱାଳ କୁମିତେ (ଫାଇଟିଂ) ରେ ରୌପ୍ୟ, ହିତେଶ ମହାଖୁଡ଼ଙ୍କୁ କାତାରେ ୨ଟି ସ୍ୱର୍ଣ୍ଣ ଓ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ, କିରନ ବେମାଲଙ୍କୁ କୁମିତେ (ଫାଇଟିଂ)ରେ ୧ କାଂସ୍ୟ ଓ କାତାରେ ୧ ସ୍ୱର୍ଣ୍ଣ ୧ କାଂସ୍ୟ, ଗଙ୍ଗାଧର ମଲ୍ଲିକଙ୍କୁ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ ଓ କାତାରେ ୧ ସ୍ୱର୍ଣ୍ଣ ୧ କାଂସ୍ୟ ପଦକ ମିଳିଛି। କଳାହାଣ୍ଡି ଉତ୍କଳ କରାଟେ କୋଚ୍ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ଏହି ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ।

ଏହି ପ୍ରତିଯୋଗୀଙ୍କୁ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷା ଡ.ମାନବିନ କୌର, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ୍ ଚିଫ୍ ଟେକନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ଡିଏଭି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଲାଞ୍ଜିଗଡ ବ୍ଲକ ତଥା କଳାହାଣ୍ଡି ଜିଲ୍ଲାବାସୀ ଏହି ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

# ଜିଲ୍ଲାସ୍ତରୀୟ ଧାନକିଣାର ଶୁଭାରମ୍ଭ

**କଟନୀ ଛଟନୀକୁ ଜୋରଦାର ବିରୋଧ କଲେ ଚାଷୀ**




**ନୟାଗଡ଼, ୩୦।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରେ ସୋମବାର ଠାରୁ ଧାନକିଣା ଶୁଭାରମ୍ଭ ହୋଇଛି । ବାହାଡ଼ାଝୋଲା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଜିଲ୍ଲା ଯୋଗାଣ ବିଭାଗ ଆନୁକୁଲ୍ୟରେ ଧାନକିଣା ଶୁଭାରମ୍ଭ କରାଯାଇଛି । ଧାନକିଣା ଶୁଭାରମ୍ଭ ବେଳେ ଚାଷୀ ସଂଗଠନ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି । ଧାନ ମଣ୍ଡିରେ ପ୍ରତ୍ୟେକ ବର୍ଷ କଟନୀ ଛଟନୀ କରାଯାଉଥିବାରୁ ଅନେକ ଚାଷୀ ବିରୋଧ କରିଛନ୍ତି ।

ଆଜି ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ପ୍ରମୂଖ ଅତିଥି ଭାବେ ଯୋଗ ଦେଇଥିଲେ । ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଧାନକିଣା କାର୍ଯ୍ୟକ୍ରମରେ ଯୋଗାଣ ଅଧିକାରୀ ମୁରଲୀ କ୍ରୀଷ୍ଣା, ଜିଲ୍ଲା ସମବାୟ ସମିତି ସମୂହ ଉପନିବନ୍ଧକ ଅନନ୍ତ କୁମାର ନାୟକ, ଆର୍‌ଏମସି ସମ୍ପାଦକ ଅନୀଲ ରାଉତ ପ୍ରମୂଖ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀ ନେତା ଗଙ୍ଗାଧର ପଣ୍ଡା, ଯୁବନେତା ସନ୍ତୋଷ ପ୍ରଧାନ, ବସନ୍ତ କୁମାର ପଟ୍ଟନାୟକ ପ୍ରମୂଖ ଉପସ୍ଥିତ ରହିଥିଲେ । କଟନୀ ଛଟନୀକୁ ନେଇ ଚାଷୀ ସଂଗଠନ ପକ୍ଷରୁ ମହେଶ୍ୱର ନାୟକ ଓ ରଣଜିତ ଦଳବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ମଣ୍ଡି ଉଦଘାଟନକୁ ବିରୋଧ କରିଥିଲେ ।

ଖଣ୍ଡପଡ଼ା ବିଧାୟକ ଓ ଜିଲ୍ଲା ପରିଷଦ ଅଧକ୍ଷ ସେମାନଙ୍କୁ ବୁଝାଶୁଝା କରିଥିଲେ । ଖଣ୍ଡପଡ଼ା ବିଧାୟକ ୧ କେଜି କଟନୀ ଛଟନୀ ହେବ ନାହିଁ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ବାଚସ୍ପତି ଓ ଅନ୍ୟ ଅତିଥି ମାନେ ମଣ୍ଡିକୁ ଉତ୍କୃଷ୍ଟ ମାନର ଧାନ ଆଣିବା ପାଇଁ ସଚେତନ କରିଥିଲେ । ଏଫ୍‌କ୍ୟୁ ମାନର ଧାନ ଆଣିବା ସହ ସରକାରଙ୍କ ପକ୍ଷରୁ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ପାଇବା ଆହ୍ୱାନ ଦେଇଥିଲେ । ଯାହାକୁ ଚାଷୀମାନେ ବିରୋଧ କରିଥିଲେ । ମିଲରଙ୍କ ମନମୁଖୀ ନୀତି ପାଇଁ ଚାଷୀ ଶୋଷଣ ହେଉଥିବା ଅଭିଯୋଗ କରି ହୋହାଲ୍ଲା କରିଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମଜନ ଶୁଣାଣି ଶିବିର

- ୧୦୫ଟି ଅଭିଯୋଗ ଆଗତ




**ଧାମନଗର, ୩୦।୧୨ (ସଂଚାର ବ୍ୟୁରୋ):** ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭା ଗୃହ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଭଦ୍ରକଙ୍କ ପ୍ରତ୍ୟକ୍ଷ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ୧୦ଟା ସମୟରେ ଏହି ଶିବିରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଅଧକ୍ଷତା କରିଥିଲେ। ଉକ୍ତ ଶିବିରରେ ବିଭିନ୍ନ ଆପତ୍ତିଜନକ ମୋଟ ୧୦୫ଟି ଅଭିଯୋଗ ଆଗତ ହୋଇଥିଲା।ବିଶେଷ କରି ରାସନ,ଏନଆରଜିଏସ, ଜମିଜମା, ମେଡ଼ିକାଲ୍ ସମସ୍ୟା, ଜଙ୍ଗଲ ବିଭାଗ ସମସ୍ୟା, ସରକାରୀ ଜମି ଜବରଦଖଲ ଉଛେଦ ଭଳି ଅଭିଯୋଗ ରହିଥିଲା। ଏହି ଜନ ଶୁଣାଣି ଶିବିରରେ ଭଦ୍ରକ ଏସ.ପି ମନୋଜ କୁମାର ରାଉତ,ଜିଲ୍ଲା ଚିକିତ୍ସାଧିକାରୀ ସୁଧୀର ରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ,ପିଡି ସରୋଜ କୁମାର ଦତ୍ତ,ଧାମନଗର ତହସିଲଦାର ସାଈଶ୍ରୀ ଲୋକନାଥ ପ୍ରାସାଦ ସେଠୀ, ବିଡିଓ ବନବିହାରୀ ଦିନ୍ଦା, ଜିଲ୍ଲା ଓ ବ୍ଲକର ସମସ୍ତ ସରକାରୀ ଅଧିକାରୀମାନେ ଉପସ୍ଥିତ ରହି ୧୦୫ଟି ଅଭିଯୋଗର ଜନ ଶୁଣାଣି କରିଥିବା ବେଳେ ଅଧିକାଂଶ ଅଭିଯୋଗକୁ ସଙ୍ଗେ ସଙ୍ଗେ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗ ପାଇଁ ନିର୍ଦ୍ଦିଷ୍ଟ ବିଭାଗଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ରାଉତରାଏ ନିର୍ଦ୍ଦେଶ ଦେଇଥିଲେ।

# ସତ୍ୟସାଇ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ




**ବୈଶିଙ୍ଗା, ୩୦।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ରାଇକମା ସ୍ଥିତ ସତ୍ୟସାଇ ଶିକ୍ଷା କେନ୍ଦ୍ରରେ ୫ମ ବାର୍ଷିକ ଉତ୍ସବ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ମୂଖ୍ୟ ଅତିଥି ଭାବେ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କୁମାର କର , ମୂଖ୍ୟ ବକ୍ତା ଭାବେ ବାଲେଶ୍‌ବର ଫକୀରମୋହନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡଃ ରବୀନ୍ଦ୍ର ମହାନ୍ତି , ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଅପର୍ଣ୍ଣା ସାହୁ , ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସ୍‌ବପ୍ନା ସିଂ , ଓଷ୍ଟା ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ସାଧାରଣ ସମ୍ପାଦିକା ସୁଶ୍ରୀ ଅଞ୍ଜଳି ମହାନ୍ତ। ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନଞ୍ଜୟ ମହାନ୍ତ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା।





# ଅଭୁଲା ୨୫

# ଓଡ଼ିଶା ରାଜନୀତିର ଟର୍ଣ୍ଣିଂ ପଏଣ୍ଟ



ବିଭିନ୍ନ ଘଟଣାକ୍ରମରେ ୨୦୨୫ ଓଡିଶା ରାଜନୀତି ପାଇଁ ବେଶ ଚର୍ଚ୍ଚିତ ଓ ଘଟଣାବହୁଳ ଥିଲା। ୨୦୨୪ ସାଧାରଣ ନିର୍ବାଚନ ପରେ ରାଜ୍ୟ ରାଜନୀତିରେ ଯେଉଁ ପରିବର୍ତ୍ତନ ଆସିଥିଲା, ତାହା ୨୦୨୫ରେ ଭିନ୍ନ ଏକ ମୋଡ଼ ନେଇଥିଲା। ପ୍ରଥମ ଥର ପାଇଁ ବିରୋଧୀ ଦଳକୁ ଆସିଥିବା ବିଜେଡି ୨୦୨୫ରେ ଆଭ୍ୟନ୍ତରୀଣ କନ୍ଦଳରେ ବର୍ଷ ତମାମ ବିବାଦ ଘେରରେ ରହିଥିଲା। ନୂଆପଡ଼ା ଉପନିର୍ବାଚନ ପରେ ଏହି ଲଢ଼େଇ ଆହୁରି ତୀବ୍ର ହୋଇଛି। ବିଜେପି ମଧ୍ୟ ଏକାକୀ ପ୍ରଥମ ଥର ପାଇଁ ଓଡ଼ିଶାରେ କ୍ଷମତାକୁ ଆସିଥିଲେ ବି ଦଳ ସମ୍ପୂର୍ଣ୍ଣ ଭାବେ ସଙ୍ଗଠିତ ହୋଇପାରିନାହିଁ। ଦଳର ହନିମୁନ୍ ସମୟ ବି ଅତିକ୍ରାନ୍ତ ହୋଇଯାଇଛି। ତେଣୁ ଦଳ ଓ ସରକାରର ସବୁ କାର୍ଯ୍ୟକ୍ରମକୁ ଏବେ ଭୋଟର ଓ ବିରୋଧୀ ତଉଲିବା ଆରମ୍ଭ କରିଛନ୍ତି। ବିଜେଡିରେ ନେତୃତ୍ୱ କନ୍ଦଳ ଯୋଗୁଁ ଆବଶ୍ୟକ ସଂଖ୍ୟା ନ ଥାଇ ମଧ୍ୟ କଂଗ୍ରେସ ଆପଣା ଛାଏଁ ବିରୋଧୀ ଦଳ ଭୂମିକାକୁ ଓହ୍ଲାଇ ଆସିଥିଲା। ହେଲେ ପିସିସି ସଭାପତି ଭକ୍ତ ଦାସଙ୍କ ଏକଚାଟିଆ କାରବାର କଂଗ୍ରେସକୁ ମାନସିକ ସ୍ତରରେ ବିଭାଜିତ କରିଛି।

## ତୃତୀୟ ସ୍ଥାନକୁ ଖସିଲା ବିଜେଡି



ନୂଆପଡା ଉପନିର୍ବାଚନ ବିଜେଡି ପାଇଁ ସବୁଠୁ ବଡ ଧକ୍କା ହୋଇଥିଲା। ବିଜେଡି ପ୍ରତିଷ୍ଠା ଦେବା ଦିନରୁ ତୃତୀୟ ସ୍ଥାନକୁ ଆସିନଥିଲା। ୨୦୦୦ ମସିହାରୁ କ୍ଷମତାରେ ଥିବା ଦଳ ୨୦୨୪ରେ କ୍ଷମତାରୁ ଗଲା। ନୂଆପଡା ଆସନ ୨୦୨୪ରେ ବିଜେଡି ଦଖଲ କରିଥିଲା। କିନ୍ତୁ ସିଟିଂ ବିଧାୟକଙ୍କ ମୃତ୍ୟୁ ପରେ ମଧ୍ୟ ଏହି ଆସନକୁ ଦଳ ନିଜ ସପକ୍ଷକୁ ଆଣିପାରିଲାନି। ପ୍ରାର୍ଥୀଙ୍କୁ ବିଜେପି ହାଇଜାକ କରି ପ୍ରାର୍ଥୀ କଲେ, ଆଉ ବିଜେଡିର କାର୍ପେଟଦାର ନେତାମାନେ ଜଳକା ହୋଇ ରହିଗଲେ। ଦୁଇ ଦୁଇ ଥର ନବୀନ ନିଜ ଅସୁସ୍ଥତା ମଧ୍ୟରେ ନୂଆପଡା ପ୍ରଚାରକୁ ଯାଇ ବି ତୃତୀୟ ସ୍ଥାନରେ ରହିଲା ବିଜେଡି। ସେପଟେ କଂଗ୍ରେସ ପୁରୁଣା ପ୍ରାର୍ଥୀଙ୍କୁ ନେଇ ଲଢି ଦ୍ୱିତୀୟ ସ୍ଥାନକୁ ଆସିଲା। ଏହି ନିର୍ବାଚନ ପରେ ନବୀନଙ୍କ ଲୋକପ୍ରିୟତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନବୀନଙ୍କ ବିରୋଧରେ ମେଳି

ବିଜେଡିରେ ଏବେ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ନବୀନ ପଟ୍ଟନାୟକ ଜାଣିଶୁଣି ନିଜ ଉତ୍ତରାଧିକାରୀ ଘୋଷଣା କରୁନାହାଁନ୍ତି। ହେଲେ ପାଣ୍ଡିଆନ କିମ୍ବା ତାଙ୍କ ପତ୍ନୀ ସୁଜାତଙ୍କୁ କାଳେ ନବୀନ ଦଳର ଦାୟିତ୍ୱ ଦେବେ ସେଇ ଆଶଙ୍କାରେ ବିଜେଡିର କିଛି କାର୍ପେଟଦାର ନେତାଙ୍କ ପ୍ରରୋଚନାରେ ସମାନ୍ତରାଳ ମେଳି କରି ସଭାପତିଙ୍କ ଉପରେ ଚାପ ସୃଷ୍ଟି କରାଯାଉଛି। ୨୦୨୪ ନିର୍ବାଚନରେ ନିଜ ନିଜର ବିଫଳତାକୁ ଲୁଚାଇବାକୁ ଯାଇ ଏହି ନେତାମାନେ ସବୁ ଦୋଷ ପାଣ୍ଡିଆନ ଦମ୍ପତିଙ୍କ ଉପରେ ଲଦି ଦେଇ ତାଙ୍କ ବାଟ ଓଗାଳିବାକୁ ଚେଷ୍ଟା କରାଯାଉଛି। ସେପଟେ ପ୍ରତିଷ୍ଠା ଦିବସ ପରେ ନବୀନ ବାଲେଶ୍ୱର ଓ ଖୋର୍ଦ୍ଧାକୁ ବାଦ ଦେଇ ସବୁ ଜିଲ୍ଲା ସଂଗଠନର ପୁନର୍ଗଠନ କରିବା ସହ ଯୁବ ଓ ଛାତ୍ର ସଂଗଠନର ନୂଆ ଟିମ ଗଠନ କରିଛନ୍ତି। ହେଲେ ତାକୁ ନେଇ ବି ବିଦ୍ରୋହ ମୁଣ୍ଡ ଟେକିଛି। ଚର୍ଚ୍ଚା ହେଉଛି ବଜେଡି ପାଣ୍ଡିକୁ ହାତେଇବାକୁ ଦଳର ଜଣେ କାର୍ପେଟଦାର ଏସବୁ ଫନ୍ଦିଫିକର ଚଳାଇଛନ୍ତି।



## ଛାମୁଆ ସଂଗଠନର ନୂଆ ନେତା




୨୦୨୫ରେ ନବୀନ ଦଳର ତିନୋଟି ଯାକ ଛାମୁଆ ସଂଗଠନର ନୂଆ ନେତା ବାଛିଛନ୍ତି। ଚିନ୍ମୟ ସାହୁଙ୍କୁ ଯୁବ ସଭାପତି ଭାବେ ଦାୟିତ୍ୱ ଦେଇଥିବା ବେଳେ ଇପ୍ସିତା ସାହୁଙ୍କୁ ଛାତ୍ର ସଂଗଠନ ସଭାପତି ଭାବେ ମନୋନିତ କରିଛନ୍ତି। ସେହିଭଳି ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୁ ମହିଳା ଜନତା ଦଳ ସଭାପତି କରିଛନ୍ତି। ଏଥିସହିତ ଯୁବ ଓ ଛାତ୍ର ସଂଗଠନର ନୂଆ ଟିମ ବି ଗଠନ କରିଛନ୍ତି। ହେଲେ ଘରେ ନପଶୁଣୁ ଚାଳ ବାଜିବା ପରି ଟିମ ଗଠନ ହେବା ଦିନରୁ ଆରମ୍ଭ ହୋଇଯାଇଛି ବିଦ୍ରୋହ। କିଛି ଯୁବ ନେତା ଦଳରୁ ଇସ୍ତଫା ଦେବାକୁ ଚିନ୍ତା କରୁଛନ୍ତି।

## ମକର ପରେ ନୂଆ ଦଳ ଗଢ଼ିବେ ମୋକିମ



୨୦୨୫ରେ ରାଜ୍ୟ କଂଗ୍ରେସକୁ ଲାଗିଛି ଶକ୍ତ ଧକ୍କା। ଦଳର ବରିଷ୍ଠ ନେତା ପୂର୍ବତନ ବିଧାୟକ ତଥା ଏଆଇସିସି ସଦସ୍ୟ ମହମ୍ମଦ ମୋକିମଙ୍କୁ ଦଳରୁ ବହିଷ୍କାର କରାଯାଇଛି। ନୂଆପଡା ନିର୍ବାଚନରେ କଂଗ୍ରେସ ହାରିବା ପରେ ମୋକିମ ପିସିସି ସଭାପତି ଓ ଏଆଇସିସିର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରି ସିଧାସଳଖ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଥିଲେ। ଏହି ଚିଠିରେ ସେ କଂଗ୍ରେସର ପୁନର୍ଗଠନ ପାଇଁ ଦାବି କରିଥିଲେ। ହାରୁ ଓ ବୟସ୍କ ନେତାଙ୍କ ହାତରେ ଦଳର ମଙ୍ଗ ନଧରେଇ ଯୁବ ନେତାଙ୍କୁ ଦାୟିତ୍ୱ ଦେବାକୁ ସେ ଦାବି କରିଥିଲେ। ତେବେ ସେ ଲେଖିଥିବା ଚିଠି ଗଣମାଧ୍ୟମରେ ଭାଇରାଲ ହେବା ପରେ ତାଙ୍କ ବିରୋଧରେ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେ ମଧ୍ୟ କିଛି ସମଭାବାପନ୍ନ ନେତା ଓ ବିଧାୟକଙ୍କୁ ନେଇ କଂଗ୍ରେସର ବି-ଟିମ ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି।



## ଧର୍ମେନ୍ଦ୍ରଙ୍କ ଓବିସି କାର୍ଡ



ଓଡ଼ିଶାର ବିଭିନ୍ନ ପଛୁଆ ସମ୍ପ୍ରଦାୟର ସ୍ୱାର୍ଥ ରକ୍ଷା ଏବଂ ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ଦିଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡାକ୍ତର ବୀରେନ୍ଦ୍ର କୁମାରଙ୍କୁ ଚିଠି ଲେଖି ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟ ଏସଇବିସି ତାଲିକାରେ ସ୍ୱୀକୃତିପ୍ରାପ୍ତ ୧୦୮ଟି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ଦାବି କରିଛନ୍ତି । ଏହି ସମ୍ପ୍ରଦାୟଗୁଡ଼ିକ କେନ୍ଦ୍ରୀୟ ତାଲିକାରେ ସ୍ଥାନ ପାଇନଥିବାରୁ ଏହି ବର୍ଗର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ।

## ବିଧାନସଭା ପାଇଁ ଥିଲା ଐତିହାସିକ ଦିନ



ଓଡିଶା ବିଧାନସଭାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିବା ଏକ ଐତିହାସିକ ଘଟଣା। ପୂର୍ବରୁ କେବେ କୌଣସି ରାଷ୍ଟ୍ରପତି ରାଜ୍ୟ ବିଧାନସଭାକୁ ସମ୍ବୋଧିତ କରିନଥିଲେ। ରାଷ୍ଟ୍ରପତିଙ୍କ ଏହି ସମ୍ବୋଧନ କାର୍ଯ୍ୟକ୍ରମରେ ସବୁ ଦଳ ସହଯୋଗ କରିବା ସହ ମହାମହିମ ମଧ୍ୟ ବିଧାୟକଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ବିଧାୟକମାନେ ଲୋକଙ୍କ ପାଇଁ ମାର୍ଗଦର୍ଶକ। ତେଣୁ ସେମାନେ ନିଜ ଆଚରଣ ଓ ଉଚ୍ଚାରଣରେ ସଂଜମତା ରକ୍ଷା କରିବାରୁ ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ। ଯେଉଁ ବିଧାନସଭାରେ ସେ ଦିନେ ସଦସ୍ୟ ଓ ମନ୍ତ୍ରୀ ଥିଲେ ସେହି ବିଧାନସଭାକୁ ସେ ସମ୍ବୋଧିତ କରି ପୁରୁଣା ସ୍ମୃତିକୁ ମନେ ପକେଇଥିଲେ।

## ପଦ୍ମ ଧରିଲେ ଅମର



ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଏକ ନାଟକୀୟ ଢଙ୍ଗରେ ବିଜେପିରେ ଯୋଗ ଦେଇଛନ୍ତି। ରାଜ୍ୟସଭାରେ ତାଙ୍କ କାର୍ଯ୍ୟକାଳ ସରିଯାଇଥିବା ବେଳେ ସେ ହଠାତ ପଦ୍ମ ପୋଖରୀକୁ ଲମ୍ଫ ଦେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ବିଜେଡିରେ ଅଣନିଶ୍ୱାସୀ ହୋଇପଡିଥିବା ଏହି ନେତା କୁଆଡେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗୈରିକ ହୋଇଥିବା କହିଥିଲେ। ତେବେ ଦଳ ଆଗକୁ ତାଙ୍କୁ କି ଦାୟିତ୍ୱ ଦେଉଛନ୍ତି ଓ ସେ ବିଜେପି ପାଇଁ କେତେ ଲାଭଦାୟକ ହେବେ ତାହା ଦେଖିବାର କଥା।

## ଚର୍ଚ୍ଚାରେ ଶ୍ରୀମୟୀ




ବିଜେଡି ବିବାଦରେ ସବୁଠୁ ଅଧିକ ଚର୍ଚ୍ଚାରେ ଥିଲେ ଶ୍ରୀମୟୀ ମିଶ୍ର। କାରଣ ନବୀନ ପଟ୍ଟନାୟକ ତାଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଓ ଦାୟିତ୍ୱ ଦେଇଥିଲେ। ହେଲେ କେବଳ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ହେବାରୁ ତାଙ୍କୁ ବଞ୍ଚିତ କରାଯିବାରୁ ଶ୍ରୀମୟୀ ଦଳ ଉପରେ କ୍ଷୁବ୍ଧ। କ୍ରମାଗତ ଭାବେ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ସେ ନବୀନଙ୍କ ଅଦୃଶ୍ୟ ମାର୍ଗଦର୍ଶକଙ୍କୁ ଟାର୍ଗେଟ କରୁଛନ୍ତି। ଅମର ପଟ୍ଟନାୟକଙ୍କ ସହ ସେ ବିଜେପିରେ ମିଶିବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ନିଜର ରାଜନୈତିକ ଭବିଷ୍ୟତ ଗଢିବାକୁ ସେ ଆଉ କିଛି ଦିନ ଅପେକ୍ଷା କରିଛନ୍ତି ବୋଲି କୁହାଯାଉଛି। ଏବେ ଏଲିନା ଦାସ ବି ଶ୍ରୀମୟୀଙ୍କୁ ପଦାଙ୍କ ଅନୁସରଣ କରୁଥିବା ଦେଖିବାକୁ ମିଳୁଛି।

## ମନମୋହନ ଓ ତାଙ୍କ ଟିମ୍



ମନମୋହନ ସାମଲଙ୍କ ସଭାପତିତ୍ୱରେ ବିଜେପି ଓଡିଶାରେ ଏକାକି ସରକାର ଗଠନ କରିଥିଲା। ତେଣୁ ତାଙ୍କୁ ପୁଣି ଥରେ ରାଜ୍ୟ ସଭାପତି ଦାୟିତ୍ୱ ମିଳିଥିଲା। ଚତୁର୍ଥ ଥର ପାଇଁ ଦାୟିତ୍ୱ ନେବା ସହ ସେ ନିଜ ଟିମ ମଧ୍ୟ ଗଠନ କରିଥିଲେ। ଗୋଲକ ମହାପାତ୍ର, ସାଂସଦ ଅପରାଜିତା ଷଡଙ୍ଗୀ, ମନ୍ତ୍ରୀ ରବି ନାୟକ, ପୂର୍ବତନ ବିଧାୟକ ନାଉରୀ ନାୟକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କୁ ଉପସଭାପତି ପଦରୁ ହଟେଇ ନୂଆ ଚେହେରାଙ୍କୁ ନେଇଛନ୍ତି ଗୋଲକ। ତେବେ ପୂର୍ବପରି ମାନସ ମହାନ୍ତି ସଂଗଠନ ସମ୍ପାଦକ ରହିଥିବା ବେଳେ ବିରଞ୍ଚି ତ୍ରିପାଠୀ ସାଧାରଣ ସମ୍ପାଦକ ଅଛନ୍ତି। ସେହିଭଳି ବିଜେପି ଯୁବ ମୋର୍ଚ୍ଚା ସଭାପତି ଭାବେ ଅଭିଳାଷ ପଣ୍ଡା ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କୁ ପୁଣି ଥରେ ଦାୟିତ୍ୱ ଦିଆଯାଇଛି। ଏଥିସହିତ ୩୭ ସାଙ୍ଗଠନିକ ଜିଲ୍ଲା ପାଇଁ ଜଣେ ଜଣେ ପ୍ରଭାରୀଙ୍କୁ ନିଯୁକ୍ତ କରିଛନ୍ତି ମନମୋହନ।

## ବାପା ବିଜେଡି, ପୁଅ ବିଜେପି



ବିଜେଡି ପାଇଁ ଜଟିଳ ହୋଇଛି ଭଦ୍ରକ ରାଜନୀତି। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କ ଦୁଇ ପୁଅ ପ୍ରୟାସକାନ୍ତି ସାମଲ ଏବଂ ପ୍ରଣିତକାନ୍ତି ସାମଲ ବିଜେପିରେ ମିଶିଛନ୍ତି। ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡାଇ, ଭଣ୍ଡାରିପୋଖରୀର ସୁମତି ସେଠୀ ଏବଂ ଭଦ୍ରକର ଉର୍ମିଳା ନାୟକ , ୭ ସମିତି ସଭ୍ୟଙ୍କ ସମେତ ୧୫ରୁ ଅଧିକ ସରପଞ୍ଚ ଓ ନାଏବ ସରପଞ୍ଚ ମଧ୍ୟ ବିଜେପିରେ ମିଶିଛନ୍ତି। ଭଦ୍ରକ ବିଧାୟକ ସିତାଂଶୁ ମହାପାତ୍ର ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବିଜେଡିର ୫୦ରୁ ଅଧିକ କର୍ମୀ ଓ ନେତା ବିଜେପିରେ ସାମିଲ ହୋଇଛନ୍ତି।

## ତାରାଙ୍କୁ ଝୁରୁଥିଲା ବିଧାନସଭା



କଂଗ୍ରେସ ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଗତ ଶୀତ ଅଧିବେଶନରେ ଦଳ ଓ ଗଣମାଧ୍ୟମ ଝୁରୁଥିଲା। ତାଙ୍କ ଅନୁପସ୍ଥିତିରେ କଂଗ୍ରେସ ବିଧାନସଭାରେ ଏକ ପ୍ରକାର ନିଷ୍କ୍ରିୟ ହୋଇପଡିଥିଲା। ସବୁବେଳେ ହସମିଜାଜ ଏହି ନେତା ନିଜର ଅସୁସ୍ଥତା ପାଇଁ ଗୃହକୁ ଆସିପାରିନଥିଲେ।

## ମିନାକ୍ଷୀଙ୍କ କାନ୍ଧରେ ବଡ଼ ଦାୟିତ୍ୱ



ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ମିନାକ୍ଷୀ ବାହିନୀପତିଙ୍କୁ ପୁଣି ଥରେ ଦାୟିତ୍ୱ ଦେଇଛି ଏଆଇସିସି। ସେ ପୂର୍ବରୁ ମଧ୍ୟ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବରେ କାର୍ଯ୍ୟକରିଥିଲେ । ଏତଦଭିନ୍ନ ସେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବରେ ୧୦ ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବରେ ମଧ୍ୟ କାର୍ଯ୍ୟକରିଥିଲେ । କୋରାପୁଟ ପୌରାଞ୍ଚଳର ଅଧ୍ୟକ୍ଷା ଭାବରେ ସେ ଦୁଇଥର ନିର୍ବାଚିତ ହୋଇଥିଲେ ।



## ଗାନ୍ଧୀ ମୂର୍ତ୍ତି ତଳେ ସାରା ରାତି



ରାଜ୍ୟରେ ନାରୀ ନିର୍ଯ୍ୟାତନା ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ଅଭିଯୋଗ କରି କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ କରିବାରୁ ବାଚସ୍ପତି ୧୨ ଜଣ କଂଗ୍ରେସ ବିଧାୟକଙ୍କୁ ସାତ ଦିନ ପାଇଁ ଗୃହରୁ ନିଲମ୍ବିତ କରିଥିଲେ। ଏହାର ପ୍ରତିବାଦରେ ସେମାନେ ଗୃହ ମଧ୍ୟରେ ବସିରହିଲେ। ତେବେ ରାତି ଅଧରେ ସେମାନଙ୍କୁ ବିଧାନସଭା ମାର୍ଶଲ ବାହାରକୁ ବାହାର କରିଦେବାରୁ ବିଧାୟକମାନେ ଗାନ୍ଧୀମୂର୍ତ୍ତି ତଳେ ଶୋଇ ରହିଥିଲେ। ସକାଳେ କଂଗ୍ରେସ ପୂର୍ବତନ ମନ୍ତ୍ରୀ, ବିଧାୟକ, ପିସିସି ସଭାପତିଙ୍କୁ ବିଧାନସଭା ଭିତରକୁ ଛଡାଗଲାନାହିଁ। ଯାହାକୁ ନେଇ ସୁରକ୍ଷା କର୍ମୀଙ୍କ ସହ ସେମାନଙ୍କର ଠେଲାପେଲା ହୋଇଥିଲା। ତାପରେ କଂଗ୍ରେସ ବିଧାନସଭା ଘେରାଉ କାର୍ଯ୍ୟକ୍ରମ କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲା।

# ମୟୂରଭଞ୍ଜରେ ପ୍ରଥମ ମେଗା କ୍ରେଡିଟ ଆଉଟରିଚ୍ କାର୍ଯ୍ୟକ୍ରମ

**ବାରିପଦା,୩୦।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜରେ ପ୍ରଥମ ଥର ଓଡିଶା ଗ୍ରାମୀଣ ବ୍ୟାଙ୍କ ବାରିପଦା ଅଞ୍ଚଳ ଏବଂ ଓଡିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ମିଳିତ ପ୍ରୟାସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ମେଗା କ୍ରେଡିଟ ଆଉଟରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସତ୍ୟବତୀ ସାହୁ ( ମହା ପ୍ରଭନ୍ଧକ ଓଡିଶା ଗ୍ରାମୀଣ ବ୍ୟାଙ୍କ), ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ.ଡଃ. ଦୟାସିନ୍ଧୁ ପରିଡା,ନାବାର୍ଡ ର ଉନ୍ନୟନ ପରିଚାଳକ ସ୍ମାରକ କୁମାର ମହାନ୍ତି ଓ ଏଲ ଡି ଏମ ସୂର୍ଯ୍ୟନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ର ବାରିପଦା ଅଞ୍ଚଳ ର ଆଞ୍ଚଳିକ ପ୍ରଭନ୍ଧକ ଶ୍ରୀମତୀ କବିତା ଜ୍ୟୋତିଷୀ ଏବଂ ଓଡିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳ ର ଆଞ୍ଚଳିକ ପ୍ରଭନ୍ଧକ ବିରଜା ପ୍ରସାଦ କର ନିମନ୍ତ୍ରିତ ଅତିଥି ବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡିଶା ଗ୍ରାମୀଣ ବ୍ୟାଙ୍କର ଏହି କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମ ର ଆଭିମୁଖ୍ୟ ହେଉଛି ସମାବଶୀ ଉନ୍ନତି, ଆର୍ଥିକ ସଶକ୍ତିକରଣ ଓ ସାମାଜିକ -ଆର୍ଥିକ ବିକାଶ ପ୍ରତି ତାହାର ଦୃଢ ସଂକଳ୍ପକୁ ସୁନିଶ୍ଚିତ କରିବା । ଆଜି ଏହି କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମ ମାଧ୍ୟମରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କୃଷି ବିଭାଗର କିଷାନ କ୍ରେଡିଟ କାର୍ଡ ହିତାଧିକାରୀ ମାନଙ୍କୁ ୨୦୧.୦୦ କୋଟିର ଋଣ ପ୍ରଦାନ କରାଗଲା। ଏହି ଅବସରରେ ଅତିଥିବୃନ୍ଦ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ ସ୍ୱରୂପ ଚେକ ପ୍ରଦାନ କରିଥିଲେ ଏବଂ ଶ୍ରେଷ୍ଠ ବ୍ୟାଙ୍କ ମିତ୍ର ମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା।




## ରାସ୍ତା କାମ ନିମ୍ନମାନର ଅଭିଯୋଗ



**ବାଲିଆପାଳ,୩୦।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ପ୍ରତ୍ୟେକ ଗ୍ରାମକୁ ଯାତାୟାତରେ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପକ୍କା ରାସ୍ତା ନିର୍ମାଣ କରୁଛନ୍ତି।ବାଲେଶ୍ବର ଜିଲ୍ଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତରେ ବଡ଼ ସିମୁଳିଆ ଗ୍ରାମରେ ସିସି ରୋଡ ହାଣ୍ଡିଆ ଖାଇ ମୁହଁ ଠାରୁ ବଡ ସିମୁଳିଆ ମହାଦେବ ମନ୍ଦିର ପର୍ଯ୍ୟନ୍ତ ଦୁଇ ଶହ ଷାଠିଏ ମିଟର ରାସ୍ତାର ନିର୍ମାଣ ପାଇଁ ଆର୍ଥିକ ବର୍ଷ ଅଟକଳ ମୂଲ୍ୟ ୪, ୫୧, ୪୬୭ ଟଙ୍କାରେ କାର୍ଯ୍ୟ ଚାଲିଛି। ବିଭାଗୀୟ ଅଧିକାରୀଙ୍କର ଅନୁପସ୍ଥିତିରେ ରାସ୍ତା କାମ ଚାଲିଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମେଟାଲ ଢାଳିରେ ସିମେଣ୍ଟର ଭାଗ ମାପ କମ ରହିବା, ବାଲି, ମେଟାଲ ସିମେଣ୍ଟକୁ ସଠିକ୍ ମିଶ୍ରଣ ନକରି ଚାରି ଇଞ୍ଚ ବଦଳରେ ୩ ଇଞ୍ଚି ଢାଳି ପକାଇ କାମ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ସହିତ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି।ଏନେଇ ପଞ୍ଚାୟତ ଦାୟିତ୍ବ ରେ ଥିବା ବିଭାଗୀୟ ଯନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଛୁଟି ଦିନରେ କାମ କରୁଥିବା ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯନ୍ତ୍ରୀ କହିଛନ୍ତି।

## ବନ୍ଧାହେଲେ ୱେବ ଚ୍ୟାନେଲ ସାମ୍ବାଦିକ

**ଖୋର୍ଦ୍ଧା, ୩୦।୧୨(ସଂଚାର ବ୍ୟୁରୋ):** ସାମ୍ବାଦିକ ଆଳରେ ଗଞ୍ଜେଇ ଚୋରାଚାଲାଣ ପଡିଲା ମହଙ୍ଗା। ଖୋର୍ଦ୍ଧା ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ ହାତରେ ଧରାପଡ଼ିଲେ ୱେବ ଚ୍ୟାନେଲ ସାମ୍ବାଦିକ ପ୍ରତାପ ଦିଗଲ ଓ ତାଙ୍କ ସହଯୋଗୀ। ଉଭୟଙ୍କ ଘର କନ୍ଧମାଳ ଅଞ୍ଚଳରେ। ପ୍ରତାପ ପୂର୍ବରୁ ମଧ୍ୟ ଏହି କାରବାର ଲିପ୍ତ ରହିଛନ୍ତି। ସେମାନଙ୍କ ନିକଟରୁ ୨୩ କେଜି ଗଞ୍ଜେଇ ସହ ତିନୋଟି ମୋବାଇଲ ଫୋନ, ଗୋଟେ ନ୍ୟୁଜ୍ କ୍ୟାମେରା ସହ ବୁମ୍, ପରିଚୟ ପତ୍ର ଏବଂ ଏକ କାର୍ ଜବତ କରିଛି ବିଭାଗ। କନ୍ଧମାଳରୁ ସେ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଆଜି ସାରୁଅ ବଜାରରୁ ଗିରଫ କରିଛି ଅବକାରୀ ବିଭାଗ। ସେହିପରି ଜାତୀୟ ରାଜପଥ ୧୬ ମଳିପଡା ଫ୍ଲାଏଓଭର ପାର୍ଶ୍ୱରୁ ୨୨କେଜି ଗଞ୍ଜେଇ , ଗୋଟିଏ ଟୋୟଟା କାର ଏବଂ ଏକ ମୋବାଇଲ ଫୋନ ସହ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଜିଲା ଅଧୀକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ମୋଟ ୪୫ କେଜି ଗଞ୍ଜେଇ, ୨ଟି ଇନୋଭା, ୫ଟି ମୋବାଇଲ ଜବତ କରାଯାଇଥିବା ଏସପି ତ୍ରିପାଠୀ ସୂଚନା ଦେଇଛନ୍ତି।

● ଜୁଆ ଆଡ୍ଡାରେ ଚଢ଼ାଉ

## ୩ ଗିରଫ, ଜୁଆ ସାମଗ୍ରୀ ଓ ଟଙ୍କା ଜବତ

**ଭଦ୍ରକ, ୩୦।୧୨(ସଂଚାର ବ୍ୟୁରୋ):** ଭଦ୍ରକ ଜିଲାର ଧାମନଗର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ନିକଟରେ କିଛିଦିନ ହେବ ଯୁଆଡିମାନେ ଅହରହ ଜୁଆ ଖେଳୁଥିବାର ଅଭିଯୋଗ ହୋଇଆସୁଥିଲା। ଏପରିକି ସୋମବାର ଦିନ ଧାମନଗରଠାରେ ଜନ ଶୁଣାଣିରେ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତଙ୍କୁ ସ୍ଥାନୀୟ ଲୋକମାନେ ଆସି ଅଭିଯୋଗ କରିଥିଲେ। ତେବେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଧୁଷୁରି ଥାନାର ଏସଆଇ ବାସୁଦେବ ଓରାମ ଓ ଅନ୍ୟ ଥାନା କର୍ମଚାରୀମାନେ ମଙ୍ଗଳପୁର ଅଞ୍ଚଳରେ ଜୁଆଆଡ଼ା ଉପରେ ଚଢ଼ାଉ କରି ଜୁଆ ସାମଗ୍ରୀ, ନଗଦ ଟଙ୍କା ଜବତ କରିବା ସହ ଜୁଆ ଖେଳ କରୁଥିବା ସରପୁର ଗ୍ରାମର ଗାନ୍ଧୀ ଜେନା, କୁରୁଆ (ଗୋବିନ୍ଦପୁର) ର ଦୀପକ ମଲିକ ଓ ରଘୁନାଥ ମଲିକଙ୍କୁ ଘଟଣାସ୍ଥଳରୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ କେସ ନମ୍ବର ୫୯୦/୨୫ ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି।

## ୭୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍: ଜଣେ ଗିରଫ

**ସମ୍ବଲପୁର, ୩୦।୧୨(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ରେ ବୃହତ୍ କୃଷି ଉଦ୍ଦେଶ୍ୟମୂଳକ ସମବାୟ ସମିତି (ଲାମ୍ପସ୍) ଲିମିଟେଡ୍, ସମ୍ବଲପୁରର ପୂର୍ବତନ ବ୍ୟବସ୍ଥାପକ ନିର୍ଦ୍ଦେଶକ ଫଣୀନ୍ଦ୍ର କୁମାର ସାହୁଙ୍କୁ ଆଜି ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି।

୨୦୨୧- ୨୨ ଆର୍ଥିକ ବର୍ଷ ସମୟରେ ହୋଇଥିବା ଆର୍ଥିକ ଅନିୟମିତତା ସମ୍ପର୍କିତ ତଦନ୍ତରେ ଦୋଷୀ ଦେଖାଯିବା ପରେ ଶ୍ରୀ ସାହୁଙ୍କୁ ଗିରଫ କରାଯାଇଛି । ଅଭିଯୋଗ ଅନୁଯାୟୀ, ଶ୍ରୀ ସାହୁ ସ୍ଥାନୀୟ କୃଷକମାନଙ୍କ ଠାରୁ ଋଣ ପ୍ରତିଶୋଧ ରାଶି ସିଧାସଳଖ ସଂଗ୍ରହ କରିଥିଲେ, କିନ୍ତୁ ସେହି ରାଶିକୁ ଇଚ୍ଛାପୂର୍ବକ ଡେ-ବୁକ୍ (ମୂଳ ହିସାବ ପଞ୍ଜିକା) ରେ ଉଲ୍ଲେଖ କରିନଥିଲେ।

ଅନୁମାନିକ ମୋଟ ୭୯,୨୮,୦୦୦ ଟଙ୍କା ଆତ୍ମସାତ୍ କରିଥିବା ନେଇ ସେ ସମ୍ବଲପୁର ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଏସ୍‌ଡିସିସି ବ୍ୟାଙ୍କ), ଜମନକିରା ଶାଖାରେ ଭୁଲ ଋଣ ପ୍ରତିଶୋଧ ଭାଉଚର୍ ଦାଖଲ କରିଥିଲେ। ଏହି ଭୁଲ ଦଲିଲ ଗୁଡ଼ିକୁ ସତ୍ୟ ପ୍ରମାଣିତ କରିବା ପାଇଁ ନକଲି ସିଲ୍ ମଧ୍ୟ ବ୍ୟବହାର କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏହି ସମ୍ପର୍କରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସମ୍ବଲପୁର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୯/୨୦୨୫ ରେ ଭ୍ରଷ୍ଟାଚାର ନିବାରଣ (ସଂଶୋଧନ) ଆଇନ, ୨୦୧୮ ର ଧାରା ୧୩(୨) ସହିତ ୧୩(୧)(କ) ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା ୪୬୮/୪୭୧/୪୭୭-ଏ/୪୦୯ ଅନୁସାରେ ମାମଲା ରୁଜୁ କରାଯାଇଛି। ଆଜି ଅଭିଯୁକ୍ତ ଶ୍ରୀ ସାହୁଙ୍କୁ ଗିରଫ କରିବା ପରେ ସମ୍ବଲପୁର ସ୍ଥିତ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ବିଚାରପତିଙ୍କ ଆଦାଲତରେ ଉପସ୍ଥାପନ କରାଯାଇଛି। ଘଟଣାର ମୂଳ ବିନ୍ଦୁକୁ ତନଖି କରିବା ସହ ଅଧିକଙ୍କ ସମ୍ପୃକ୍ତିକୁ ନେଇ ଘଟଣାର ତଦନ୍ତ ଜାରି ରହିଛି।

# ପରିବେଶ ସୁରକ୍ଷା ସଚେତନତା ଅଭିଯାନ

### ଯୋଗଦେଲେ ଜିଲ୍ଲାପାଳ ଓ ଏସ୍‌ପି




**ସୁବର୍ଣ୍ଣପୁର,୩୦।୧୨ (ସଂଚାର ବ୍ୟୁରୋ):** ସ୍ୱଚ୍ଛ ଭାରତ ସଙ୍ଗଠନ ସୋନପୁର -ମନମୁଣ୍ଡା ପକ୍ଷରୁ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ତ୍ରିବେଣୀ ସଙ୍ଗମ ରାମେଶ୍ୱର ମନ୍ଦିର ପରିସର ଓ ମହାନଦୀ ପୀଠ ଠାରେ ସ୍ୱଚ୍ଛତା ପରିବେଶ ସୁରକ୍ଷା ଓ ପଲିଥିନ୍ ମୁକ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇ ଏ କାର୍ଯ୍ଯକ୍ରମକୁ ଭୂୟସୀ ପ୍ରଶଂସା କରି ନୂଆଁ ବର୍ଷରେ ଏହାକୁ ସ୍ପଷ୍ଟ ରୂପରେଖ ଦେଇ ବିଭିନ୍ନ ଏଜେଣ୍ଡା ତିଆରି କରି ସମଗ୍ର ଜିଲ୍ଲାକୁ, ମହାନଦୀକୁ ସ୍ୱଚ୍ଛ ରଖିବାକୁ ମିଳିତ ଉଦ୍ୟମ କରିବା ବୋଲି କହିଥିଲେ । ସୋନପୁରର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପବ୍ଲିକ ପ୍ରଶାସନ ସହ ପ୍ରତ୍ୟେକ କାର୍ଯ୍ୟରେ ସକାରାତ୍ମକ ଭାବେ ଯୋଡି ହୋଇଥିବା ବିଷୟ ଜିଲ୍ଲା ପାଇଁ ଖୁସୀ ଓ ଶୁଭଙ୍କର ବୋଲି ଡ଼. ସାହୁ କହିଥିଲେ ।

ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାୟକ, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝି, ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରୁ ଆସିଥିବା ପର୍ଯ୍ୟଟକ, ବରିଷ୍ଠ ଆଇନଜୀବୀ ତଥା (ନୋଟାରୀ) ଶ୍ରୀ ରମା ମହାପାତ୍ର ଓ ପ୍ରତିଭା ରେଡ୍ଡୀ ଯୋଗଦେଇ କେବଳ ପରିବେଶ ନୁହେଁ ମନ କୁ ସ୍ୱଚ୍ଛତା ନିଜ ଦାୟିତ୍ୱ କୁ ସ୍ୱଚ୍ଛତା ଭାବେ ଅବଲମ୍ବନ କଲେ ପ୍ରଧାନମନ୍ତ୍ରୀ ଙ୍କ ଏ ସ୍ୱଚ୍ଛ ଭାରତ ଅଭିଯାନ ସଫଳ ହେବ ବୋଲି କହିଥିଲେ।

ଜିଲ୍ଲାପାଳ, ଏସପି ଓ ସମସ୍ତ ଅତିଥି ସ୍ୱେଚ୍ଛାସେବୀଙ୍କ ସହ ଝାଡୁ ଧରି ମନ୍ଦିର ଓ ମହାନଦୀ ପାର୍ଶ୍ୱ ରେ ସଫେଇ କାର୍ଯ୍ୟ ରେ ସାମିଲ ହୋଇ ଉତ୍ସାହିତ କରିଥିଲେ । ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିବା ବେଳେ ପ୍ରଦୀପ ପୁରୋହିତ ସ୍ୱାଗତ ଭାଷଣ ଓ ଏନସିସି ଲ୍ୟାଫ୍ଟନେଣ୍ଟ ଆଶିଷ ଅଗ୍ରୱାଲ ଧନ୍ୟବାଦ୍ ଅର୍ପଣ କରିଥିଲେ । ସାନିଟାରୀ ଇନ୍ସପେକ୍ଟର ଅଜୟ କୁମାର ସ୍ୱାଇଁ, ସ୍ୱଚ୍ଛ ଭାରତ ସଂଗଠନ ସଭାପତି ସୟଦ ଅଲିମୂଲ ଇସଲାମ, ଉପସଭାପତି ଇନ୍ଦୁମତୀ ପୁରୋହିତଙ୍କ ସହିତ ସମସ୍ତ କର୍ମକର୍ତ୍ତା, ସୋନପୁର କଲେଜ୍ ଏନସିସି , ଦିବ୍ୟଉର୍ଯ୍ୟା ଯୋଗ ସମିତି କର୍ମକର୍ତ୍ତା, ସାମ୍ବାଦିକ ଓ ପୌର ପରିଷଦ ସଫେଇ କର୍ମଚାରୀ ଏଥିରେ ସାମିଲ ଥିଲେ ।

## ଗୁପ୍ତି ସ୍ଲୁଇସ ଗେଟ୍ ନିକଟରୁ ଅଣ୍ଡିରା ବଉଳା କୁମ୍ଭୀର ଉଦ୍ଧାର




**ରାଜନଗର,୩୦।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଗୁପ୍ତି ପଚାଂୟତ କଚେରୀ ନିକଟ ସ୍ଲୁଇସ ଗେଟ ପାଖରୁ ଏକ ୧୦ଫୁଟ ୬ଇଂଚ ଲମ୍ବର ଅଣ୍ଡିରା ବଉଳା କୁମ୍ଭୀର ଉଦ୍ଧାର ହୋଇଥିବା ଜଣାପଡିଛି । ଚାନ୍ଦିବାଉଁଶମୂଳ-ଗୁପ୍ତି କ୍ରିକର ସ୍ଲୁଇସ ନିକଟରେ ଥିବା ନାଳରେ କୁମ୍ଭୀର ପଶି ଯାଇଥିଲା । ଖବରପାଇ ରାଜନଗର ରେଂଜ ଅଫିସର ଚିତରଂଜନ ବେଉରାଙ୍କ ନେତୃତ୍ୱରେ ବନପାଳ ବିଭୂତି ଭୂଷଣ ତରାଇ, ବନରକ୍ଷୀ ବିଶ୍ୱରଂଜନ ତରାଇ, ବନ ସୁରକ୍ଷାକର୍ମୀ ନିତାଇ ମଣ୍ଡଳ, ଦିବାକର ମଳିକ, ସହଦେବ ପ୍ରଧାନ, ମାଣିକ ଗୁଡିଆ, ହେମନ୍ତ ମହାରଣା ପ୍ରମୁଖ ନାଳରୁ ଜାଲ ସାହାଯ୍ୟରେ କୁମ୍ଭୀରକୁ ଧରିଥିଲେ । ପରେ ଏହି କୁମ୍ଭୀରକୁ କୃଷ୍ଣପ୍ରିୟାପୁର ବିଟ ନିକଟ ବାଉଁଶଗଡ ନଦୀରେ ସୁରକ୍ଷିତ ଭାବେ ଛାଡି ଦିଆଯାଇଥିବା ନେଇ ବନପାଳ ଶ୍ରୀ ତରାଇ ସୂଚନା ଦେଇଛନ୍ତି ।

## ଅନନ୍ତ ନାଗଙ୍କ ଏକାଦଶାହ ସ୍ମୃତିଚାରଣ ସଭା

**ବାଲିଆପାଳ,୩୦।୧୨ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଏବଂ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନ ର ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅନନ୍ତ ନାଗଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ଉଗରା ସ୍ଥିତ ସ୍ୱର୍ଗତ ନାଗ ଙ୍କ ବାସଭବନରେ ସମାଜସେବୀ ସୁଦାମ ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବସ୍ତା ବିଧାୟିକା ସୁବାସିନୀ ଜେନା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବିଜନ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା, ସମିତି ସଭ୍ୟ ଶାନ୍ତନୁ ମହାପାତ୍ର, ବିଜେପି ନେତା ରବିନ୍ଦ୍ରନାଥ ଅଣ୍ଡିଆ, ସନ୍ତୋଷ ଗିରି, ବେଣୁଧର ରଣଜିତ, ରାଜେଶ ଚୌଧୁରୀ, ରବିନାରାୟଣ ମହାନ୍ତି, ଅଜୟ କୁମାର ସାମଲ ଜଗନ୍ନାଥ ବିଶ୍ୱାଳ, ସୁବାସ ଚୌଧୁରୀ, ମାୟାଧର କୁହ୍ଲାରୀ, ସତ୍ୟକାମ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ଶିଶୁ ସାହିତ୍ୟ ପତ୍ରିକା 'ମହକ ଭରା କୋରାଇ 'ଫୁଲ' ଉନ୍ମୋଚିତ




**କୋରେଇ,୩୦।୧୨ (ସଂଚାର ବ୍ୟୁରୋ):** କୋରେଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କୋରେଇ ମହୋତ୍ସବ ମଂଚରେ ଅଧାପକ ମଳୟ କୁମାର ମଲ୍ଲିକଙ୍କ ସଂପାଦିତ ଶିଶୁ ସାହିତ୍ୟ ଇ-ପତ୍ରିକା 'ମହକ ଭରା କୋରେଇ ଫୁଲ' ଉନ୍ମୋଚିତ ହୋଇଯାଇଛି । ବିଶିଷ୍ଟ ଶିଶୁ ସାହିତ୍ୟିକ ନନ୍ଦ କିଶୋର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ପ୍ରାକ୍ତନ ରାଜ୍ୟସଭା ସାଂସଦ ଡ. ରାମଚନ୍ଦ୍ର ଖୁଟିଆ, ଉତ୍କଳ ସାହିତ୍ୟ ସମାଜର ସଭାପତି ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ଗୋବିନ୍ଦ ଚାନ୍ଦ, ବିଶିଷ୍ଟ ଔପନ୍ୟାସିକ ମାୟାଧର ନାୟକ ଓ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଟିଆ ପ୍ରମୁଖ ଯୋଗଦେଇ ପତ୍ରିକାଟିକୁ ପାଠକାର୍ପିତ କରିଥିଲେ । ସମୀକ୍ଷକ ଭାବେ ପ୍ରାଧାପକ ଡ. ଅକ୍ଷୟ କୁମାର ମହାନ୍ତି ଯୋଗଦେଇ ପତ୍ରିକାଟିରେ ପ୍ରକାଶିତ ୨୨ଟିଲେଖା ସହ ବିଷୟ ବସ୍ତୁକୁ ଭିତିକରି ପ୍ରକାଶିତ ସୁନ୍ଦର ଚିତ୍ରମାନ ଶିଶୁମାନଙ୍କୁ ବେଶ ଆକର୍ଷିତ କରରିବ ବୋଲି ମତବ୍ୟକ୍ତ କରରିଥିଲେ । ସଂପାଦକ ଅଧାପକ ମଳୟ କୁମାର ମଲ୍ଲିକ ଡିଜିଟାଲ ଯୁଗରେ ଶିଶୁଙ୍କ ଉପଯୋଗୀ ଇ-ପତ୍ରିକା 'ମହକଭରା କୋରାଇ ଫୁଲ'ର ଆବଶ୍ୟତା ସଂପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ଅଧାପିକା ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ଦୟାନିଧି ନାୟକ, ପ୍ରାଧାପକ ଡ. ମୋହନ ଖୁଣ୍ଟିଆ ପ୍ରମୁଖ ଉନ୍ମୋଚନରେ ସାମିଲ ହୋଇଥିଲେ ।

## ଜାତୀୟ ସେବା ଯୋଜନାରେ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ

**ବାଲିଆପାଳ,୩୦।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧୀନ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା କଲେଜ ପକ୍ଷରୁ ଆରମ୍ଭ ହୋଇଥିବା ୭ ଦିନିଆ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରରେ ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଶିବିରରେ ଭାଗ ନେଇଥିବା ୫୦ ଜଣ ଛାତ୍ରୀଙ୍କ ଦ୍ୱାରା ମଙ୍ଗଳବାର ଚତୁର୍ଥ ଦିବସରେ ପ୍ରୋଗ୍ରାମ ଅଫିସର ଡ଼ ଲକ୍ଷ୍ମୀକାନ୍ତ ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଲେଜ ପରିସର, କାଳସିମୁଳି ଖେଳ ପଡ଼ିଆରେ ସଫେଇ ଏବଂ ବୃକ୍ଷ ରୋପଣ, ସଚେତନତା ରାଲି ଆଦି କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ରାଜକିଶୋର ବାରିକ, ଅଧାପକ ସୁଧିର ନନ୍ଦ, ବନମାଳୀ ପରିଡା, କୃଷ୍ଣାନନ୍ଦ ପାତ୍ର, ଚନ୍ଦନ କୁମାର ନନ୍ଦ, ଅଧାପିକା ସରୋଜିନୀ ପରିଡା ଓ ସବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।




## ଭଦ୍ରକ ରେଳଷ୍ଟେସନ ନିକଟରେ ସୁଲଭ ଶୌଚାଳୟ ପାଇଁ ଦାବି

**ଭଦ୍ରକ, ୩୦।୧୨ (ସଂଚାର ବ୍ୟୁରୋ):** ଭଦ୍ରକ ରେଳ ଷ୍ଟେସନ ୧୨୮ ବର୍ଷର ଅତ୍ୟନ୍ତ ପୁରୁଣା ଷ୍ଟେସନ। ମାତ୍ର ଅତୀବ ଦୁଃଖ ଓ ପରିତାପର ବିଷୟ ଏହିକି ଷ୍ଟେସନ ନିକଟରେ ଯାତ୍ରୀମାନଙ୍କ ପାଇଁ ତଥା ପରିଜନ ମାନଙ୍କ ପାଇଁ ଗୋଟିଏ ବି ହେଲେ ଶୌଚାଳୟ ନାହିଁ। ଯଦ୍ୱାରା ଯାତ୍ରୀମାନେ ତଥା ଆତ୍ମୀୟ ସ୍ୱୋଜନ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୨୩ ନଭେମ୍ବର ମାସରେ ଓ ଡିସେମ୍ବର ମାସରେ ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଇଷ୍ଟ କୋଷ୍ଟ ଡିଭିଜନ ଖୋର୍ଦ୍ଧା ମଣ୍ଡଳର ମୁଖ୍ୟ ବାଣିଜ୍ୟ ଅଧିକାରୀ, ଖୋର୍ଦ୍ଧା ମଣ୍ଡଳର ମୁଖ୍ୟ ଅଧିକାରୀ, ଇଷ୍ଟ କୋଷ୍ଟ ଜୋନ ଭୁବନେଶ୍ୱରର ମୁଖ୍ୟ ମହା ପ୍ରବନ୍ଧକ ,ଭଦ୍ରକ ଷ୍ଟେସନ ମ୍ୟାନେଜର, ରେଳ ବିଭାଗ ମନ୍ତ୍ରୀଙ୍କୁ ଜନସାଧାରଣଙ୍କ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତଦନୁଯାୟୀ ବରିଷ୍ଠ ବାଣିଜ୍ୟ ଅଧିକାରୀ ଖୋର୍ଦ୍ଧା ମଣ୍ଡଳ ତାଙ୍କର ପତ୍ର ସଂଖ୍ୟା ୨୪୮ ଓ ୧୧/୦୧/୨୦୨୪ ତାରିଖରେ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ସଭାପତି ଅମର କୁମାର ପାଣିଗ୍ରାହୀଙ୍କୁ ଶୌଚାଳୟର ଆବଶ୍ୟକତା ହୃଦୟଙ୍ଗମ କରିଥିଲେ ଓ ଷ୍ଟେସନ କାର୍ଯ୍ୟ କରିବା ମଧ୍ୟରେ ଶୌଚାଳୟ ନିର୍ମାଣ କରିବାକୁ ଅବଗତ କରିଥିଲେ।

## ଜନତା ଉଚ୍ଚ ବିଦ୍ୟାପୀଠ ଜାହାଙ୍ଗିରର ୧୯୭୮ ମାଟ୍ରିକ୍ ବ୍ୟାଚ ବନ୍ଧୁମିଳନ

**ଧାମନଗର,୩୦।୧୨ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଅଧିନ ଜନତା ଉଚ୍ଚ ବିଦ୍ୟାପୀଠ ଜାହାଙ୍ଗୀରର ୧୯୭୮ ରୁ ୧୯୯୦ ମେଟ୍ରିକ୍ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଦ୍ୱିତୀୟ ବାର୍ଷିକ ବୃହତ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୮ରବିବାର ୧୦ଟା ସମୟରେ ନିକଟସ୍ଥ ଫଳପୁର ଗ୍ରାମ୍ୟ ଜଙ୍ଗଲ ପରିସରରେ ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ୧୯୭୮ ବ୍ୟିଚ ଛାତ୍ର ରାଧାନାଥ ଘଡାଇଙ୍କ ସଭାପତିତ୍ୱ କରିଥିବା ବେଳେ ପ୍ରାରମ୍ଭିକ ସୂଚନା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ୧୯୮୫ ବ୍ଯାଚର ଛାତ୍ର ଚିନ୍ତାମଣି ଜେନା ଯିଏ ବିଗତ ଦିନର ସ୍ମୃତିକୁ ମନେ ପକେଇ ଆୟୋଜନର ମୁଖ୍ଯ ଶ୍ରୀ ଜେନା ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ଓ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ବଡଭାଇ ଓ ଭଉଣୀମାନଙ୍କ ସ୍ନେହ,ସାଙ୍ଗ ମାନଙ୍କ ଭଲ ପାଇବା ଏବଂ କନିଷ୍ଠ,ବରିଷ୍ଠ ମାନଙ୍କ ପ୍ରତି ଥିବା ସମ୍ମାନବୋଧକୁ ମନେ ପକେଇ ଖୁସି ବ୍ଯକ୍ତ କରିଥିଲେ। ଉକ୍ତ ବନ୍ଧୁମିଳନରେ ପୁରାତନ ଛାତ୍ର ଛାତ୍ରୀମାନଙ୍କ ସହ ସେମାନଙ୍କ ପରିବାରର ସଦସ୍ଯ ଓ ସେ ସମୟରେ ସେମାନଙ୍କୁ ଶିକ୍ଷା ଦେଇଥିବା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଯୋଗ ଦେଇ ଅତୀତର ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ବିଗତ ଦିନର ଗୁରୁ ଶିଷ୍ୟଙ୍କ ସମ୍ପର୍କ ଓ ଶିକ୍ଷାର ମାନ ବିଷୟରେ ବର୍ଣ୍ଣନା କରିଥିଲ। ସ୍କୁଲର ପ୍ରତିଷ୍ଠା ସେଦିନର ସମ୍ପାଦକ ଗୋପିନାଥ ବେହୁରିଆ ଯୋଗ ଦେଇ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶିକ୍ଷକ ମାନଙ୍କ ମଧ୍ୟରେ ସର୍ବ ଶ୍ରୀ ଖଗେଶ୍ୱର ତ୍ରିପାଠୀ ବିପିନ ବିହାରୀ ରାଉତ, ନିତ୍ୟାନନ୍ଦ ଘଡାଇ,ବିଶ୍ୱନାଥ ମହାପାତ୍ର,ଅଶୋକ କୁମାର ପଲାଇ,ରବୀନ୍ଦ୍ର କୁମାର ବେହୁରିଆ,ପିତାମ୍ବର ଦାସ, ଚକ୍ରଧର ସାହୁ, ଅକ୍ଷୟ କୁମାର ନାୟକ,ମନୋରମା ନାୟକ ଓ ଅଭିରାମ ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କର ଉତ୍ତୋରାତ୍ତର କାମନା କରିଥିଲେ।୧୯୭୯ ବ୍ୟାଚର ଛାତ୍ର ନାରାୟଣ ଚନ୍ଦ୍ର ବେହୁରିଆ ଓ ଭରତ ଚନ୍ଦ୍ର ଘଡାଇ ବନ୍ଧୁମିଳନର କାର୍ଯକ୍ରମ ଓ ଏହାର ପ୍ରତିବଦ୍ଧତା ଓ ସ୍ଥାୟିତ୍ୱ ବିଷୟରେ ବାଖ୍ଯା କରିଥିଲେ। ସଂଗୀତ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଅଶୋକ ବାରିକ,ସର୍ବ ଶ୍ରୀ ଭରତ କୁମାର ଷଡଙ୍ଗୀ,ମନୋରଞ୍ଜନ ମିଶ୍ର,ନାଥୁରାମ ଘଡାଇ,ଅଭିରାମ ମହାନ୍ତି ଓ କିଶୋର କୁମାର ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ। ଭୋଜିଭାତର ଆୟୋଜନର ଦାୟିତ୍ୱ ଶ୍ରୀ ବିଶ୍ୱଜିତ ପଣ୍ଡା,ରବୀନ୍ଦ୍ର କୁମାର ମୁଦୁଲି,ସଚ୍ଚିଦାନନ୍ଦ ପାଣିଗ୍ରାହୀ,ଅଶୋକ କୁମାର ମହାନ୍ତି ଓ ସୁବାସ ଚନ୍ଦ୍ର ରାଉତ ନିର୍ବାହ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ଚିନ୍ତାମଣି ଜେନା ଦ୍ୱାରା ସାମ୍ବାଦିକଙ୍କୁ ସମ୍ମାନିତ କରିବା ସହ ସହିତ କାର୍ଯ୍ଯକ୍ରମ ସୁ ପରିଚାଳନା ପାଇଁ ସମସ୍ତ ବରିଷ୍ଠ ଛାତ୍ରଛାତ୍ରୀ, କନିଷ୍ଠ ମାନଙ୍କୁ ସାଧୁବାଦ ଜ୍ଞାପନ କରିବା ସହ ଧନ୍ୟବାଦ ଦେଇଥିଲେ।

# ଗ୍ରାମାଞ୍ଚଳ ଗଣିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ




**ସୁବର୍ଣ୍ଣପୁର,୩୦।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଧୁରିଆପଡା ଅଙ୍କ ଫାଉଣ୍ଡେସନ ଓ ସଷ୍ଟେନେବୁଲ ଇକୋନୋମିକ ଆଣ୍ଡ ଏଜୁକେସନାଲ ଡେଭେଲପମେଣ୍ଟ ସୋସାଇଟି ଇଣ୍ଡିଆ ତରଫରୁ ସଂଯୋଜକ ତଥା ଆଇଆଇଟି ଖଡ଼ଗପୁରର ପ୍ରଫେସର ଡ଼. ପ୍ରତିମା ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଗ୍ରାମାଞ୍ଚଳ ଗଣିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି।

ଗଣିତ ପ୍ରତିଷ୍ଠାନ ଭୁବନେଶ୍ୱର ର ପ୍ରାକ୍ତନ ପ୍ରଫେସର ଡ଼ ସ୍ୱାଧୀନ ପଟ୍ଟନାୟକ ଙ୍କ ପ୍ରେରଣା ରେ ଅନୁଷ୍ଠିତ ପଞ୍ଚଦିବାସୀୟ ଆବାସିକ କାର୍ଯ୍ୟକ୍ରମ ର ଉଦଯାପନୀ ଉତ୍ସବ ରେ ପ୍ରଧାନ ଶିକ୍ଷକ ଚନ୍ଦନକୁମାର ମେହେର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣିତ ଶିକ୍ଷା ଜୀବନକୁ ସରଳ କରିଥାଏ ବୋଲି କହିଥିଲେ। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ପ୍ରାକ୍ତନ ବରିଷ୍ଠ ଗଣିତ ଶିକ୍ଷକ ଜିନେଶ ପ୍ରଧାନ, ଭଦ୍ରକ ମହାବିଦ୍ୟାଳୟର ପ୍ରଫେସର ଡ଼.ଆଲୋକ କୁମାର ସାହୁ, ଝାରବନ୍ଧ ଉଚ୍ଚ ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନଶିକ୍ଷକ ହୃଦାନନ୍ଦ ଭୋଇ, ବରଗଡ଼ ପଂଚାୟତ ମହାବିଦ୍ୟାଳୟର ପ୍ରଫେସର ଡ଼ ଅଭିଳାଷ ସାହୁ, ରାଉରକେଲା ଚିନ୍ମୟ ବିଦ୍ୟାଳୟ ର ପ୍ରସିଦ୍ଧ ଅଲମ୍ପିୟାଡ଼ ଶିକ୍ଷକ ସୁରେଶ କୁମାର ଶତପଥି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ନିର୍ଘଣ୍ଟରେ ଛାତ୍ରଛାତ୍ରୀଙ୍କୁ ଗଣିତ ଶିକ୍ଷାର ବିଭିନ୍ନ ସରଳ ସମାଧାନ ପ୍ରକ୍ରିୟା ବିଷୟରେ ଅଧାପନା ଦେଇଥିଲେ। ଗାଣିତିକ ମଡେଲ ତିଆରି, ଗୀତ, ଖେଳ ଓ ବିଭିନ୍ନ ସୂତ୍ର ମାଧ୍ୟମରେ ଗଣିତ ଶିକ୍ଷା, ଗଣିତ ଅଲମ୍ପିୟାଡ଼ ପାଇଁ ପ୍ରସ୍ତୁତି କୌଶଳ ବିଷୟରେ ଛାତ୍ରଛାତ୍ରୀ ଶିକ୍ଷା ପାଇଥିଲେ।

ଶିକ୍ଷକ କୁମୁଦ କୁମାର ମଟାରି ସଭା ସଂଯୋଜନା କରିଥିଲେ। ଗଣିତ ପ୍ରତିଭା ପରୀକ୍ଷା ରେ ନବମ ଶ୍ରେଣୀ ବର୍ଗ ଓ ଅଷ୍ଟମ ଶ୍ରେଣୀ ବର୍ଗ ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀ ଙ୍କୁ ଅଂଶଗ୍ରହଣକାରୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ର ବିଭିନ୍ନ ବ୍ଲକ ରୁ ଛାତ୍ରଛାତ୍ରୀ ଓ ଗାଇଡ଼ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## ପ୍ରଶାନ୍ତ ମଲ୍ଲିକ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ



**ଜଗତସିଂହପୁର,୩୦।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁରର ଜଣାଶୁଣା ଯୁବନେତା ତଥା ପୂର୍ବତନ ୧୨ ନମ୍ବର ୱାର୍ଡ ପାରିଷଦ ପ୍ରଶାନ୍ତ ମଲ୍ଲିକ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ହୋଇଛନ୍ତି। ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶ୍ରୀ ମଲ୍ଲିକ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ରାଜ୍ୟ ଉପସଭାପତି ଚିରଞ୍ଜୀବ ବିଶ୍ୱାଳ, ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ମୁଦୁଲିଙ୍କୁ କୃତଜ୍ଞତା ଜଣାଇଛନ୍ତି।